ହରମନ୍‌ପ୍ରୀତଙ୍କ ସପ୍ତମ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-29 ◆WEDNESDAY ◆23 JULY 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୯ ◆ବୁଧବାର ◆୨୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ସୁରଟ ବିମାନବନ୍ଦରରୁ ୨୮ କେଜି ସୁନା ଜବତ

ଶରୀରରେ ଲଗାଇ ନେଉଥିଲେ ସୁନା ପେଷ୍ଟ

■ **ସୁରଟ, ୨୩।୭ (ଏଜେନ୍ସି):** ଗୁଜରାଟର ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ବଡ଼ଧରଣର ସୁନା ଚୋରାଚାଲାଣକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ଦୁଇ ଯାତ୍ରୀଙ୍କଠାରୁ ୨୮ କେଜି ସୁନା ଜବତ କରାଯାଇଛି। ଦୁହେଁ ପୋଷାକ ଏବଂ ଶରୀର ବେଲ୍ଟ ଭିତରେ ସୁନା ପେଷ୍ଟ ଲୁଚାଇ ଚାଲାଣ କରୁଥିଲେ। ଉଭୟେ ରବିବାର ରାତିରେ ଦୁବାଇରୁ ଆସିଥିବା ଏୟାର ଇଣ୍ଡିଆ ବିମାନ (ଆଇଏକ୍ସ-୧୭୪)ରେ ସୁରଟ ଫେରିଥିଲେ। ସନ୍ଦେହଜନକ କାର୍ଯ୍ୟକଳାପ, କଥାବାର୍ତ୍ତାର ଶୈଳୀ ଏବଂ ସୁରକ୍ଷା ଯାଞ୍ଚରୁ ବର୍ତ୍ତିବା ପ୍ରୟାସ କରି ଉଭୟେ ଧରା ପଡ଼ିଥିଲେ। ସୂଚନା ଅନୁଯାୟୀ ରାତି ପ୍ରାୟ ୧୦ଟାରେ ବିମାନ ସୁରଟରେ ଲାଗିଥିଲା। ସିଆଇଏସଏଫର ଯବାନ ବିମାନବନ୍ଦରରେ ଯାଞ୍ଚ କରୁଥିଲେ। ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ଦୁହିଁଙ୍କୁ ଯବାନ ଅଟକାଇ ଦେଇଥିଲେ। ପରେ ସୀମା ଶୁଳ୍କ ଅଧିକାରୀ ପହଞ୍ଚି ଯାଞ୍ଚ କରିଥିଲେ। ସୂଚନା ଅନୁଯାୟୀ ଉଭୟ ଅଭିଯୁକ୍ତଙ୍କଠାରୁ ଜବତ ୨୮ କେଜି ସୁନାକୁ ନେଇ ପରୀକ୍ଷଣ କରାଯାଇଥିଲା। ଏଥିରୁ ୨୩ କେଜି ବିଶୁଦ୍ଧ ସୁନା ବୋଲି ଜଣା ପଡ଼ିଥିଲା। ସୀମା ଶୁଳ୍କ ବିଭାଗ ଉଭୟ ଯାତ୍ରୀଙ୍କୁ ଗିରଫ କରି ତଦନ୍ତ କରୁଛି। ଏହି ଚୋରା ଚାଲାଣ ପଛରେ କେଉଁ ନେଟୱାର୍କ କାମ କରୁଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି।

ନିଜେ ରୋଜଗାର କରି ଖାଅ: ସୁପ୍ରିମକୋର୍ଟ

ଭରଣପୋଷଣ ପାଇଁ ୧୨ କୋଟି ଟଙ୍କା, ବିଏମ୍‌ଡବ୍ଲ୍ୟୁ କାର୍ ମାଗିଥିଲେ ମହିଳା

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ମହିଳା ଉଚ୍ଚ ଶିକ୍ଷିତା ହୋଇଥିଲେ ଭରଣପୋଷଣ ମାଗିବା ପରିବର୍ତ୍ତେ ନିଜେ ରୋଜଗାର କରି ଖାଇବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଭରଣପୋଷଣ ବାବଦକୁ ସ୍ୱାମୀଙ୍କୁ ମୁମ୍ବାଇରେ ଏକ ଫ୍ଲାଟ, ୧୨ କୋଟି ଟଙ୍କା ଏବଂ ବିଏମଡବ୍ଲ୍ୟୁ କାର୍ ମାଗିଥିବା ମହିଳାଙ୍କ ମାମଲାର ବିଚାର କରି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଏହି ମହିଳା ଜଣେ ଉଚ୍ଚ ଶିକ୍ଷିତା। ସେ ଏମ୍‌ବିଏ କରିଛନ୍ତି। ସେ ଆଇଟି ବିଶେଷଜ୍ଞ ମଧ୍ୟ। ସୁପ୍ରିମକୋର୍ଟ ମହିଳାଙ୍କୁ କହିଥିଲେ ଯେ ଏହି ବିବାହ କେବଳ ୧୮ ମାସ ପର୍ଯ୍ୟନ୍ତ ତିଷ୍ଠି ଥିଲା। ଏବେ ଆପଣ ମାସକୁ କୋଟିଏ ଟଙ୍କା ମାଗୁଛନ୍ତି। ଜଣେ ଉଚ୍ଚ ଶିକ୍ଷିତା ହୋଇ ଆପଣ ଚାକିରି କାହିଁକି କରୁନାହାନ୍ତି? ଜଣେ ଉଚ୍ଚ ଶିକ୍ଷିତା ମହିଳା ବେକାର ହୋଇ ବସିପାରିବ ନାହିଁ। ଆପଣ କିଛି ନ ମାଗିବା ଉଚିତ। ନିଜେ ରୋଜଗାର କରି ଖାଇବା ଉଚିତ। ଆପଣ ଜଣେ ଆଇଟି ବିଶେଷଜ୍ଞ। ଏହି ବୃତ୍ତିର ବହୁତ ଚାହିଦା ରହିଛି। ଗୋଟିଏ ଫ୍ଲାଟ ନେଇ ସନ୍ତୁଷ୍ଟ ହୋଇ ଯାଆନ୍ତୁ ▶ପୃଷ୍ଠା-୧୦

୨୪ ଘଣ୍ଟାରେ ୩ ଗଣଦୁଷ୍କର୍ମ, ଗୋଟିଏ ଯୌନ ନିର୍ଯାତନା

ସାରା ରାଜ୍ୟରେ ଅରାଜକତା: ନବୀନ



ଗାଁରୁ ସହର ଯାଏ ମହିଳାମାନେ ଏବେ ସବୁଠି ଅସୁରକ୍ଷିତ

ଦାୟିତ୍ୱବୋଧ ହ୍ରାସ ମୂଲ୍ୟ ମା', ଭଉଣୀମାନଙ୍କୁ ଦେବାକୁ ପଡୁଛି

ମହିଳାଙ୍କୁ ଅସୁରକ୍ଷିତ କରିଛି ଥାନାରେ ରାଜନୈତିକ ହସ୍ତକ୍ଷେପ

■ **ଭୁବନେଶ୍ୱର, ୨୩।୭ (ସମିସ):** ସାରା ରାଜ୍ୟରେ ଏବେ ଅରାଜକତା, ଆଇନଶୃଙ୍ଖଳା ବ୍ୟବସ୍ଥା ଧ୍ୱସ୍ତବିଧ୍ୱସ୍ତ। ମହିଳାମାନେ ଅସୁରକ୍ଷିତ। ଦିନ ଦ୍ୱିପ୍ରହରେ ମହିଳାମାନେ ପଦାକୁ ଗୋଡ଼ ବାହାର କରିବାକୁ ଭୟ କରୁଛନ୍ତି। ପ୍ରତିଦିନ ରାଜ୍ୟର ବିଭିନ୍ନ କୋଣରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଅଭାବନୀୟ ଖବର ଛାତିକୁ ଥରାଇ ଦେଉଛି। ମଙ୍ଗଳବାର ଯାଜପୁର, ଜଗତସିଂହପୁର ଓ ମାଲକାନଗିରିରେ ତିନିଟି ଗଣଦୁଷ୍କର୍ମ ଏବଂ ପୁରୀରେ ମହିଳାଙ୍କୁ ଯୌନ ନିର୍ଯାତନା ପରି ସାଂଘାତିକ ଖବର ଆସିଛି। ସାରା ରାଜ୍ୟରେ ଏହି ଖବର ଆଲୋଡ଼ନ ସୃଷ୍ଟି କରିଛି। ସାଧାରଣ ଲୋକମାନେ ଭୀତତ୍ରସ୍ତ ହୋଇଛନ୍ତି; ବିଭିନ୍ନ କାର୍ଯ୍ୟ ଓ ଆବଶ୍ୟକତା ଦୃଷ୍ଟିରୁ ବାହାରକୁ ଯାଉଥିବା ପରିବାରର ଝିଅ, ବୋହୂ ଓ ମା'ମାନଙ୍କ ସୁରକ୍ଷାକୁ ନେଇ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି। ଏହାକୁ ନେଇ ଗଭୀର କ୍ଷୋଭବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ସେ ମର୍ମାହତ, ଦୁଃଖିତ ଓ ଆତଙ୍କିତ ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି।

ନବୀନ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ଦିନରେ ୩ଟି ଗଣଦୁଷ୍କର୍ମ ଓ ଗୋଟିଏ ମହିଳା ବିରୋଧୀ ହିଂସା ଆମମାନଙ୍କୁ ଗଭୀର ଆଘାତ ଦେଇଛି। ଓଡ଼ିଶାରେ ମା'ମାନଙ୍କ ବିରୋଧରେ ଅପରାଧ ଏବେ ଭୟଙ୍କର ଭାବେ ବଢ଼ି ଚାଲିଛି। ଦିନ ହେଉ କି ରାତି, ସହରଠୁ ଆରମ୍ଭ କରି ଗାଁ, ରାସ୍ତାଘାଟ ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ସ୍କୁଲ ଓ କଲେଜ ଯାଉଥିବା ଏପରି କି ଟ୍ୟୁସନରୁ ଫେରୁଥିବା ଝିଅମାନେ ନିଜକୁ ସୁରକ୍ଷିତ ଭାବୁନାହାନ୍ତି। ଗାଁ ଗହଳିର ସାଧାରଣ ଜାଗାରେ ବି ସେମାନଙ୍କ ପାଇଁ ପ୍ରତିଦିନ ବିପଦ ଠିଆ ହୋଇଛି। ଏପରି ବୃଦ୍ଧିପାଉଥିବା ଯୌନ ନିର୍ଯାତନା ପରି ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି। ପୁଲିସ ବ୍ୟବସ୍ଥାର ପ୍ରତି ▶ପୃଷ୍ଠା-୧୦

ବଳଙ୍ଗା ନାବାଳିକା ପୋଡ଼ି ଘଟଣା

ଆମେ ଲଜ୍ଜିତ: ସୁପ୍ରିମକୋର୍ଟ



■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ପୁରୀ ଜିଲ୍ଲା ବଳଙ୍ଗାରେ ନାବାଳିକାଙ୍କୁ ଜିଅନ୍ତା ଜଳାଇବା ମାମଲା ଉପରେ ଚିନ୍ତା ପ୍ରକଟ କରିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ବଳଙ୍ଗା ଘଟଣାକୁ ନେଇ 'ଆମେ ଲଜ୍ଜିତ' ବୋଲି ଟିପ୍ପଣୀ ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି।

ଏକ ମାମଲାର ବିଚାର ପ୍ରସଙ୍ଗରେ ବଳଙ୍ଗା ଘଟଣାକୁ ଉଲ୍ଲେଖ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଏଭଳି ମାମଲା ଏବେ ବି ଘଟୁଛି। ଏହା କୌଣସି ପ୍ରତିକୂଳ ମାମଲା ନୁହେଁ; ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଅନ୍ୟ ସମ୍ବନ୍ଧିତ ପକ୍ଷଙ୍କୁ ଠୋସ୍ ପ୍ରସ୍ତାବ ମାଗିଛନ୍ତି। ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀ, ମହିଳା ଏବଂ ଶିଶୁଙ୍କୁ ସୁରକ୍ଷିତ ପରିବେଶ ମିଳିବା ଉଚିତ ବୋଲି କହିଛନ୍ତି। ଏମାନଙ୍କ ସଶକ୍ତୀକରଣ ଏବଂ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କିଛି ଭଲ ପ୍ରଭାବ ଏବଂ ଅଦୃଶ୍ୟ ଚାପ ରହିବା ଉଚିତ। ବ୍ଲକସ୍ତରରେ ମହିଳାଙ୍କ ସୁରକ୍ଷା ସନିଶ୍ଚିତ କରିବା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟ କ୍ଷଣସ୍ଥାୟୀ ଏବଂ ଦୀର୍ଘକାଳୀନ ପ୍ରସ୍ତାବ ମାଗିଛନ୍ତି। ମହିଳାଙ୍କ ଲାଗି ସାରା ଦେଶରେ ସୁରକ୍ଷିତ ପରିବେଶ ପ୍ରଦାନ ନିମନ୍ତେ ମାର୍ଗଦର୍ଶିକା ଜାରି ଦାବି କରି ଏକ ମାମଲାର ବିଚାର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏପରି ଟିପ୍ପଣୀ ଦେଇଛନ୍ତି।

ନାରୀ ହିଂସା ଅଣାୟତ୍ତ; ସୀମା ଟପିଲା ବର୍ବରତା

ଦୁଷ୍କର୍ମ ଉଦ୍ୟମ ପରେ ମରଣାନ୍ତକ ଆକ୍ରମଣ

ରକ୍ତାକ୍ତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

■ **ଗୋପ,୨୨।୭ (ସମିସ):** ସୀମା ଟପିଲା ବର୍ବରତା। ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ନିସ୍ତୁକ ମାଡ଼ ମାରି ଦରମରା କରିଦେଇଛି ଦୁର୍ବୃତ୍ତ। ରାଜ୍ୟରେ ନାରୀ ନିର୍ଯାତନା, ଅତ୍ୟାଚାର, ହିଂସା ଚରମ ସୀମାରେ ପହଞ୍ଚିଥିବା ବେଳେ ଆଜି ପୁରୀ ଜିଲ୍ଲା ଗୋପ ଥାନା ଅଞ୍ଚଳରୁ ଏଭଳି ଆଉ ଏକ ସାଂଘାତିକ ଚିତ୍ର ପଦାକୁ ଆସିଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଗୋଡ଼ ଦୁଇଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହେଉଛି।

ସୂଚନା ମୁତାବକ, ଉକ୍ତ ମାନସିକ ବିକୃତ ମହିଳାଜଣଙ୍କ ବିଭିନ୍ନ ସମୟରେ ନିକଟସ୍ଥ ଛକ ବଜାରରେ ବୁଲାବୁଲି କରନ୍ତି। ମଙ୍ଗଳବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଦୁଆରେ ବସିଥିବା ବେଳେ ଘର ମାଲିକ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ମହିଳାଙ୍କୁ ଟଣାଓଟରା କରି ଦୁଷ୍କର୍ମ ଉଦ୍ୟମ କରିଥିଲା। କିନ୍ତୁ ମହିଳାଜଣଙ୍କ ଏଥିରେ ବାଧା ଦେବାରୁ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ତାଙ୍କୁ ▶ପୃଷ୍ଠା-୧୦

ଦ୍ୱିତୀୟ ଦିନ ବି ସଂସଦ ଅଚଳ

ବିହାର ଭୋଟର ତାଲିକା ଉପରେ ଆଲୋଚନା ଦାବି

ସଂସଦ ବାହାରେ ବିରୋଧୀଙ୍କ ବିକ୍ଷୋଭ

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ସଂସଦ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଉଭୟ ଗୃହରେ ଆଜି ପ୍ରବଳ ହଙ୍ଗାମା ହୋଇଛି। ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) କୁ ବିରୋଧ କରି ବିରୋଧୀ ଦଳ ସଂସଦ ଭିତରେ ପ୍ରବଳ ହଙ୍ଗୋଳ କରିଥିବା ବେଳେ ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସାଂସଦମାନେ ପହଲଗାମ ଆକ୍ରମଣ, 'ଅପରେସନ ସିନ୍ଦୂର' ଭଳି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଜବାବ ଏବଂ ସଦନରେ ଚର୍ଚ୍ଚା ଦାବି କରି ଗତକାଲି ହଙ୍ଗାମା କରିଥିବା ବେଳେ ▶ପୃଷ୍ଠା-୧୦

ଧନଖଡ଼ଙ୍କ ଇସ୍ତଫା ଗୃହୀତ

ନୂଆ ଉପରାଷ୍ଟ୍ରପତିଙ୍କ ନାମକୁ ନେଇ ଚର୍ଚ୍ଚା

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଜଗଦୀପ ଧନଖଡ଼ଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ରହଣ କରିନେଇଛନ୍ତି। ଏହାସହିତ ଉପରାଷ୍ଟ୍ରପତି ପଦ ଖାଲି ପଡ଼ିଥିବାରୁ ଏହି ପଦ ଲାଗି ନିର୍ବାଚନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି ନିର୍ବାଚନ କମିସନ। ନିଜର ପ୍ରାର୍ଥୀଙ୍କୁ ନିର୍ବାଚିତ କରାଇବା ଲାଗି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ଆବଶ୍ୟକ ସଂଖ୍ୟା ରହିଛି। ତେଣୁ ଏନ୍‌ଡିଏ ପ୍ରାର୍ଥୀ ହିଁ ନୂଆ ଉପରାଷ୍ଟ୍ରପତି ହେବା ନିଶ୍ଚିତ। ତେବେ ଏହି ପଦରେ କିଏ ବସିବ, ଏହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଖାଲି ▶ପୃଷ୍ଠା-୧୦

ନିଯୁକ୍ତି ମିଳିଲା, ଚାକିରି ନାହିଁ

୧୮ ଝୀ ଯୁବକ ବେକାର

୪ ମାସ ହେଲା ପାଇଲେଣି ନିଯୁକ୍ତିପତ୍ର

■ **ଭୁବନେଶ୍ୱର, ୨୨।୭ (ସମିସ):** ନିଯୁକ୍ତିପତ୍ର ବଣ୍ଟା ହେଲା, ଚାକିରି ପାଇ ଯୁବକଯୁବତୀମାନେ ଖୁସି ହେଲେ। ମାତ୍ର ସରକାରଙ୍କ ନିଯୁକ୍ତି ପତ୍ର ମିଳିବା ପରେ ମଧ୍ୟ ସେମାନଙ୍କୁ ଚାକିରି ମିଳିନାହିଁ। ଚାରି ମାସ ହେଲା ଓଏସ୍‌ଏପି ଓ ଆଇଆର୍‌ବି ବାଟାଲିଅନ୍‌ରେ ନିଯୁକ୍ତି ପାଇଥିଲେ ବି ସେମାନେ କାର୍ଯ୍ୟରେ ଯୋଗ ଦେବାକୁ ଚାହିଁ ବସିଛନ୍ତି। ଇତି ମଧ୍ୟରେ ଏକାଧିକ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ମଧ୍ୟ ହୋଇ ସାରିଲାଣି; ହେଲେ ସରକାର ଓ ସରକାରୀ ବ୍ୟବସ୍ଥା ସେମାନଙ୍କୁ ନ୍ୟାୟ ଦେଇ ପାରୁନି। ଅଦାଲତରେ ମାମଲା ଥିବା କହି ସରକାର ହାତ ଟେକି ଦେଇଛନ୍ତି। ତେଣୁ ମଧ୍ୟରେ ୧୮ ଝୀ ଜଣ କୃତୀ ପରୀକ୍ଷାର୍ଥୀଙ୍କୁ କାର୍ଯ୍ୟରେ ଯୋଗଦେବାକୁ ତ୍ୱରିତ ପଦକ୍ଷେପ ନିଆ ନଗଲେ ବିରାଟ ଆନ୍ଦୋଳନ ପାଇଁ ସେମାନେ ଚେତାବନୀ ଦେଇଛନ୍ତି।

ଗତ ସେପ୍ଟେମ୍ବର ୨୩ ତାରିଖରେ ଓଏସ୍‌ଏପି ଓ ଆଇଆର୍‌ବି ବାଟାଲିଅନ୍ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାର୍ଚ୍ଚ ୫ ତାରିଖରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପରେ ମାର୍ଚ୍ଚ ୧୭ ତାରିଖରେ ସେମାନଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସେମାନଙ୍କୁ ଅଭିନନ୍ଦନ ଜଣାଇଲେ। ହେଲେ ଏବେ ଯାଏଁ ସେମାନଙ୍କୁ ଚାକିରିରେ ଯୋଗଦେବାକୁ ସୁଯୋଗ ଦିଆଯାଉନି। ଏହାରି ମଧ୍ୟରେ କେନ୍ଦ୍ରାପଡ଼ାର ଚନ୍ଦନ ସ୍ୱାଇଁ ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ମଧ୍ୟ ଏହି ନିଯୁକ୍ତି ପାଇଥିଲେ। ଚାକିରିରେ ଯୋଗ ଦେଇଥିଲେ ହୁଏତ ତାଙ୍କ ମୃତ୍ୟୁ ହୋଇ ନ ଥାନ୍ତା। ତେଣୁ ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି ହୋଇଛି।

ଆଇନ୍ ବିଭାଗ ଓ ଆଡଭୋକେଟ୍ ଜେନେରାଲ୍‌ଙ୍କୁ ବାରମ୍ବାର ପୁଲିସ୍ ମୁଖ୍ୟାଳୟ ଚିଠି କରି ତୁରନ୍ତ ନ୍ୟାୟିକ ପ୍ରକ୍ରିୟା ସାରିବାକୁ ଅନୁରୋଧ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ହାଇକୋର୍ଟରେ ମାମଲା ଗଡ଼ିଗଡ଼ି ଚାଲିଛି। ସାଧାରଣ ଲୋକଙ୍କ ଝାଳବୁହା ଧନରେ ଦରମା ନେଉଥିବା ଏଜି ନ୍ୟାୟିକ ▶ପୃଷ୍ଠା-୧୦

୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା

ସୁପ୍ରିମକୋର୍ଟ ଗଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ, ୨୨।୭ (ଏଜେନ୍ସି): ମୁମ୍ବାଇ ସିରିଏଲ ଟ୍ରେନ ବିସ୍ଫୋରଣ (୨୦୦୬) ଉପରେ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ତୁରନ୍ତ ଶୁଣାଣି ପାଇଁ ସୁ ଆବେଦନ କରିଥିଲେ। ତେବେ ୨୪ ତାରିଖରେ ଏହି ମାମଲାର ଶୁଣାଣି ହେବ ବୋଲି କୋର୍ଟ କହିଥିଲେ।

ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବାଇର ୱେଷ୍ଟର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ କ୍ରମାଗତ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା। ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟରେ ଏହି ସବୁ ବିସ୍ଫୋରୋଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବମ୍‌ରେ ଆରଡିଏକ୍ସ, ଆମୋନିୟମ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା। ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଳପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଳପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ପେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତଙ୍କୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୯ ବର୍ଷ କେସ ଚାଲିବା ପରେ ହାଇକୋର୍ଟ ସୋମବାର ସମସ୍ତଙ୍କୁ ଖଲାସ କରି ଦେଇଥିଲେ।

୩୮ ଦିନ ପରେ ଭାରତ ଛାଡ଼ିଲା ବ୍ରିଟିଶ ଲଡୁଆ ବିମାନ

ତିରୁଅନନ୍ତପୁରମ, ୨୨।୭ (ଏଜେନ୍ସି): ଦୀର୍ଘ ୩୮ ଦିନ ପରେ ତିରୁଅନନ୍ତପୁରମ ଅନ୍ତର୍ଜାତୀୟ ବିମାନବନ୍ଦରରେ ଛିଡ଼ା ହୋଇଥିବା ବ୍ରିଟିଶ ଲଡୁଆ ବିମାନ ଏଫ୍-୩୫ବି ମଙ୍ଗଳବାର ଉଡ଼ାଣ କରିଛି। ହାଇଡ୍ରୋଲିକ୍ ଫେଲ୍ ହୋଇ ଯାଇଥିବା ଯୋଗୁଁ ଏହି ବିମାନ ଉଡ଼ି ପାରୁ ନ ଥିଲା। ଏହାକୁ ଠିକ୍ କରିବା ପାଇଁ ୨୫ ଇଞ୍ଜିନିୟରଙ୍କ ଟିମ୍ ଗତ ୬ ତାରିଖରେ ବ୍ରିଟେନରୁ ଭାରତ ଆସିଥିଲା। ଏଠାରେ ଏତେ ଦିନ ରହିଥିବାରୁ ବ୍ରିଟେନକୁ ୯ ଲକ୍ଷରୁ ଅଧିକ ଟଙ୍କା ଭଡ଼ା ଦେବାକୁ ପଡିଛି। ଏହି ଲଡୁଆ ଷ୍ଟିଲ୍‌ଥ ବିମାନ ବ୍ରିଟେନ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଇଛି। ସୂଚନା ଅନୁଯାୟୀ ଜୁନ୍ ୧୪ ତାରିଖ ରାତିରେ ସାମୁଦ୍ରିକ ସମରାଭ୍ୟାସ ପାଇଁ ଏହା ଆରବ ସାଗରରୁ ନିୟମିତ ଉଡ଼ାଣ ଆରମ୍ଭ କରିଥିଲା। ଏହା ଖରାପ ପାଣିପାଗ ଏବଂ କମ୍ ଇନ୍ଧନ ଯୋଗୁଁ ତିରୁଅନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ମାତ୍ର ଅବତରଣ ପରେ ଏହି ଲଡୁଆ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିଯୋଗୁଁ ଏହା ଫେରି ପାରି ନ ଥିଲା। ୯୧୮ କୋଟି ଟଙ୍କାର ପଞ୍ଚମ ପିଢିର ଏହି ବିମାନ ବ୍ରିଟେନ ରୟାଲ ନେଭିର ଏଚ୍‌ଏମଏସ ପ୍ରିନ୍ସ ଅଫ୍ ୱେଲ୍ସ କ୍ୟାରିୟର ଷ୍ଟ୍ରାଇକ ଗ୍ରୁପ୍‌ର ଅଂଶବିଶେଷ। ଏହି ବିମାନର ମରାମତି ଏବଂ ରକଭରି ପ୍ରକ୍ରିୟାରେ ସହଯୋଗ କରିଥିବାରୁ ଭାରତକୁ ବ୍ରିଟିଶ ଉଚ୍ଚାୟୁକ୍ତ ଧନ୍ୟବାଦ ଦେଇଛନ୍ତି।

ଗୋଲ୍ଡେନ ଡୋମ୍ ପ୍ରକଳ୍ପରୁ ମସ୍କଙ୍କୁ ହଟାଇପାରନ୍ତି ଟ୍ରମ୍ପ

ୱାଶିଂଟନ, ୨୨।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୋଟିପତି ଏଲନ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସକୁ ନିଜ ଡ୍ରିମ୍ ଗୋଲଡେନ ଡୋମ ପ୍ରୋଜେକ୍ଟରୁ ବାହାର କରିପାରନ୍ତି। ଏହା ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ। ଆମେରିକାକୁ ବିଦେଶୀ ବାୟୁଆକ୍ରମଣରୁ ରକ୍ଷା କରିବା ପାଇଁ ଏହାକୁ ନିର୍ମାଣ କରାଯିବା। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ୧୭୫ ବିଲିୟନ ଡଲାରର ପ୍ରକଳ୍ପ ପାଇଁ ନୂତନ ବିକଳ୍ପ ଖୋଜିବା ଆରମ୍ଭ କରିଛି। ସ୍ପେସଏକ୍ସ ବଦଳରେ, ଜେଫ ବେଜୋସଙ୍କ କମ୍ପାନୀ ଆମାଜନର ପ୍ରୋଜେକ୍ଟ କୁଇପରକୁ ସୁଯୋଗ ମିଳିପାରେ। ଏହା ବ୍ୟତୀତ, ଅନେକ ବଡ଼ ପ୍ରତିରକ୍ଷା କମ୍ପାନୀ ମଧ୍ୟ ଦୌଡ଼ରେ ଅଛନ୍ତି।ଗତ ଦୁଇ ମାସ ଧରି ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଏହି ପରିବର୍ତ୍ତନ ପଛରେ କାରଣ ବୋଲି ବିଶ୍ୱାସ କରାଯାଉଛି।

ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ଲଗାଇବା ଆଇନର ଅପବ୍ୟବହାର

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ରୁଜୁ କରିବା ଦ୍ୱାରା ଆଇନର ଅପବ୍ୟବହାର ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାରଣ ଏହା ଏକ ଦେୱାନୀ ମାମଲା। ଏ ନେଇ ଦିଆଯାଇଥିବା ପୂର୍ବ ରାୟକୁ ଉଲ୍ଲଙ୍ଘନ କରି ମାମଲା ଚଳାଇବାକୁ ଅନୁମତି ଦେବା ନେଇ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଲିଉଡ ଚଳଚ୍ଚିତ୍ର ନିର୍ମାତା ଶୈଳେଶ କୁମାର ସିଂହ ବିରୋଧରେ ଏକ ପ୍ରଡକ୍ସନ ହାଉସ ଦ୍ୱାରା ରୁଜୁ ଆପରାଧିକ ମାମଲାକୁ ଖାରଜ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟଙ୍କୁ ସମାଲୋଚନା କରି ଜଷ୍ଟିସ ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏଭଳି ମାମଲାରେ ଆଉ କେତେ ଥର ହାଇକୋର୍ଟମାନଙ୍କୁ ପରାମର୍ଶ ଦିଆଯିବ। ଏତଲା ପଢିଲେ ଏହା କୌଣସି ଆପରାଧିକ ମାମଲା ନୁହେଁ ବୋଲି ଜଣାପଡୁଛି।

ଭାରତୀୟ ସେନାକୁ ମିଳିଲା ତିନି ଆପାଚେ ହେଲିକପ୍ଟର

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ପ୍ରଥମ ପର୍ଯ୍ୟାୟରେ ଆମେରିକା ଭାରତକୁ ତିନୋଟି ଆପାଚେ ହେଲିକପ୍ଟର (ଏଏଚ-୬୪ଇ) ପ୍ରଦାନ କରିଛି। ସେନା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଆମେରିକାର ଏଣ୍ଟନୋଭ ଟ୍ରାନ୍ସପୋର୍ଟ ବିମାନରେ ଏହି ହେଲିକପ୍ଟରକୁ ଗାଜିଆବାଦର ହିଣ୍ଡନ ଏୟାରବେସ୍‌କୁ ଅଣାଯାଇଛି। ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚୁକ୍ତିଆଧାରରେ ୬ଟି ହେଲିକପ୍ଟର ଆସିବ। ଏଥିରୁ ତିନୋଟି ମିଳି ସାରିଛି। ଏହି ହେଲିକପ୍ଟରରେ ବାଲି ଭଳି ରଙ୍ଗ ଦିଆଯାଇଛି। ମରୁଭୂମି ଅଞ୍ଚଳରେ ଏହା ଲୁଚିବାରେ ସହାୟକ ହେବ। ଏହି ହେଲିକପ୍ଟର୍ସ ଦ୍ୱାରା ସେନାର ଆକ୍ରମଣ ଏବଂ ଅପରେସନାଲ କ୍ଷମତା ବୃଦ୍ଧି ପାଇବ। ଏଗୁଡିକୁ ପାକିସ୍ତାନକୁ ଲାଗିଥିବା ପଶ୍ଚିମ ସୀମାର ଯୋଧପୁରରେ ମୁତୟନ କରାଯିବ। ପ୍ରଥମ ଥର ପାଇଁ ସ୍ଥଳସେନାକୁ ଏହି ହେଲିକପ୍ଟର ମିଳିଛି। ଏହା ବିଶ୍ୱର ସବୁଠାରୁ ଉନ୍ନତ ହେଲିକପ୍ଟର। ପୂର୍ବରୁ ବାୟୁସେନା ପାଖରେ ୨୨ ଆପାଚେ ହେଲିକପ୍ଟର ରହିଛି। ଏହାର ଦୁଇଟି ସ୍କ୍ୱାଡ୍ରନ ଚୀନ୍ ଏବଂ ପାକିସ୍ତାନ ସୀମାରେ ମୁତୟନ। ୨୦୨୦ରେ ଆମେରିକା ୨୦ଟି ଆପାଚେ ହେଲିକପ୍ଟର ପ୍ରଦାନ କରିଥିଲା।

ସେପ୍ଟେମ୍ବରରେ ଅବସର ନେବ ମିଗ୍-୨୧ ଲଡୁଆ ବିମାନ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଭାରତୀୟ ବାୟୁସେନାରେ ୬୨ ବର୍ଷ ପର୍ଯ୍ୟନ୍ତ ସେବା ଦେଇଥିବା ମିଗ୍-୨୧ ଲଡୁଆ ବିମାନକୁ ସେପ୍ଟେମ୍ବର ୧୯ରେ ସେବାରୁ ଅବସର ଦିଆଯିବ। ଚଣ୍ଡିଗଡ଼ ଏୟାରବେସ୍‌ରେ ଏହି ବିଦାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପରେ ଆନୁଷ୍ଠାନିକ ଭାବେ ବିମାନର ସେବାକୁ ବନ୍ଦ କରିଦିଆଯିବ। ୧୯୬୩ରେ ମିଗ୍-୨୧ ଜେଟ୍ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଅର୍ଥାତ୍ ଏହା ଧ୍ୱନିଠାରୁ ଅଧିକ ବେଗ (ସେକେଣ୍ଡ ପିଛା ୩୩୨ ମିଟର) ରେ ଗତି କରିପାରୁ ଥିଲା। ଏହି ବିମାନର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ ମିଗ୍-୨୧) ରାଜସ୍ଥାନ ବିକାନେରର ନାଲ ଏୟାରବେସରେ ମୁତୟନ ରହିଛି। ଏହାକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଏବଂ ନମ୍ବର ୨୩ ସ୍କ୍ୱାଡ୍ରନ ପାଣ୍ଡର୍ସ ମଧ୍ୟ କୁହାଯାଏ।

ମିଗ୍-୨୧ ୧୯୬୫ର ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେଶ ମୁକ୍ତି ସଂଗ୍ରାମ, ୧୯୯୯ର କାରଗିଲ ଯୁଦ୍ଧରେ ସାମିଲ ହୋଇଥିଲା। ଏହା ୨୦୧୯ ବାଲାକୋଟ ଏୟାର ଷ୍ଟ୍ରାଇକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏବେ ତେଜସ ଏମକେ୧ଏ ଏହାର ସ୍ଥାନ ନେବ। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୦୦ରୁ ଅଧିକ ପାଇଲଟଙ୍କ ଜୀବନ ମଧ୍ୟ ଯାଇଛି। ଏଥିପାଇଁ ଏହି ବିମାନକୁ 'ଉଡ଼ନ୍ତା କଫିନ' ମଧ୍ୟ କୁହାଯାଏ। ଭାରତ ୯୦୦ଟି ମିଗ୍ ବିମାନ କିଣିଥିଲା। ଏଥିରୁ ହାଲ୍ ୬୬୦ଟି ବିମାନକୁ ଦେଶରେ ନିର୍ମାଣ କରିଥିଲା। ଏବେ ମାତ୍ର ୩୬ଟି ମିଗ୍-୨୧ ବିମାନ ରହିଛି।

ବିହାରରେ ବାଦପଡ଼ିଲେ ୫୨ ଲକ୍ଷ ଭୋଟର

ସତ୍ୟପାଠରେ ସୁପ୍ରିମକୋର୍ଟଙ୍କୁ ଜଣାଇଲେ ନିର୍ବାଚନ କମିଶନ

ଆଧାର କାର୍ଡ, ରାସନ କାର୍ଡ, ଭୋଟର କାର୍ଡକୁ ବୈଧ ପ୍ରମଣାପତ୍ର ଧରାଯିବନି

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିର୍ବାଚନ ପୂର୍ବରୁ ବିହାରରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ବିରୋଧୀ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏପରି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ୫୨ ଲକ୍ଷ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିବା କୁହାଯାଇଛି। ୧୮ ଲକ୍ଷ ଭୋଟର ପ୍ରାଣ ହରାଇଥିବାବେଳେ ୨୬ ଲକ୍ଷ ବିଭିନ୍ନ ନିର୍ବାଚନ କ୍ଷେତ୍ରକୁ ପଳାଇଛନ୍ତି ଏବଂ ୭ ଲକ୍ଷ ଭୋଟର ଦୁଇଟି ସ୍ଥାନରେ ପଞ୍ଜିକୃତ କରିଛନ୍ତି। ଏମାନଙ୍କୁ ବାଦ୍ ଦେଇ ଅନ୍ୟ ଯୋଗ୍ୟ ଭୋଟରଙ୍କୁ ଅଗଷ୍ଟ ୧ ତାରିଖରେ ଜାରି ହେବାକୁ ଥିବା ଚିଠା ନିର୍ବାଚନୀ ତାଲିକାରେ ସାମିଲ କରାଯିବ ବୋଲି ଇସିଙ୍କ ପକ୍ଷରୁ ସୁନିଶ୍ଚିତ କରାଯାଇଛି।

ଭୋଟରଙ୍କୁ ବାଦ ଦେବାକୁ ନେଇ ବିରୋଧୀଙ୍କ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି ଏବଂ ମାମଲା ମଧ୍ୟ କୋର୍ଟରେ ପହଞ୍ଚିଛି। ଏହାକୁ ନେଇ ଇସି ଆଶ୍ୱାସନା ଦେଇଛନ୍ତି ଯେ ତାଲିକାରେ ପରିବର୍ତ୍ତନ କରିବା ପାଇଁ ଲୋକଙ୍କୁ ଯଥେଷ୍ଟ ସମୟ ଦିଆଯିବ। ତାଲିକା ଉପରେ ଆପତ୍ତି ଜଣାଇବା ପାଇଁ ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ମାସେ ସମୟ ମିଳିବ। ଏହି ସମୟରେ ନାମ ସାମିଲ କିମ୍ବା ବାଦ ସହିତ ସଂଶୋଧନ କରିପାରିବେ। ବିନା ପ୍ରମାଣପତ୍ରରେ ଫର୍ମ ଦାଖଲ କରିଥିବା ଲୋକଙ୍କୁ ମଧ୍ୟ ତାଲିକାରେ ସାମିଲ କରାଯିବ। ଯଦି କୌଣସି ଭୋଟର ଗଣନା ଫର୍ମ ଦାଖଲ କରିନାହାନ୍ତି ତେବେ ସେମାନେ ଆବେଦନ ଦାଖଲ କରି ସ୍ୱଘୋଷଣା ପୂର୍ବକ ତାଲିକାରେ ସାମିଲ ହୋଇପାରିବେ। ଏହି ସବୁ ପ୍ରକ୍ରିୟା ସରିବା ପରେ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଏହା ପରେ ବି ନାମାଙ୍କନ ଦାଖଲ ପର୍ଯ୍ୟନ୍ତ ତାଲିକାରେ ସାମିଲ ହେବା ପାଇଁ ନୂଆ ଭୋଟର ଆବେଦନ କରିପାରିବେ।

ଇସିଙ୍କ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ବିହାରର ସମସ୍ତ ୧୨ଟି ପ୍ରମୁଖ ରାଜନୈତିକ ଦଳର ଜିଲ୍ଲା ସଭାପତିମାନଙ୍କ ଦ୍ୱାରା ନିଯୁକ୍ତ ପ୍ରାୟ ୧ ଲକ୍ଷ ବିଏଲଓ, ୪ ଲକ୍ଷ ସ୍ୱେଚ୍ଛାସେବୀ ଏବଂ ୧.୫ ଲକ୍ଷ ବିଏଲଏ ଏପର୍ଯ୍ୟନ୍ତ ଗଣନା ଫର୍ମ (ଇଏଉ) ଦାଖଲ କରି ନ ଥିବା ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ସେହିପରି ଏସଆଇଆରକୁ ବିରୋଧୀ ବିରୋଧ କରୁଥିବାବେଳେ ଇସି ଏହାକୁ ସାମ୍ବିଧାନିକ କର୍ତ୍ତବ୍ୟ କହିଛନ୍ତି। ମାମଲା ବିଚାରାଧୀନ ଥିବାବେଳେ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ସମଗ୍ର ପ୍ରକ୍ରିୟା ଏକ ସ୍ଥିର ଏବଂ କ୍ଷେତ୍ରାଧିକାର ଭିତିରେ ପରିଚାଳିତ ହେଉଛି ବୋଲି ଇସି ଯୁକ୍ତି ବାଢିଛନ୍ତି।

ଅନ୍ୟପଟେ ଏସଆଇଆରକୁ ନେଇ ଇସି ସୋମବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସଆଇଆରରେ ସାମିଲ ହେବା ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ବୈଧ ପ୍ରମାଣପତ୍ର ଭାବରେ ବିବେଚନା କରିବାକୁ ସୁପ୍ରିମକୋର୍ଟ ଦେଇଥିବା ପ୍ରସ୍ତାବରେ ଇସି ଅସହମତି ପ୍ରକାଶ କରିଛନ୍ତି। ଏଗୁଡ଼ିକ ଉପରେ ନିର୍ଭର କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଆଧାର କେବଳ ଏକ ପରିଚୟ ପ୍ରମାଣପତ୍ର। ଦେଶରେ ବହୁ ସଂଖ୍ୟକ ନକଲି ରାସନ କାର୍ଡ ରହିଛି। ପୂର୍ବରୁ ଥିବା ଭୋଟର କାର୍ଡ ଉପରେ ନିର୍ଭର କରିବା ଦ୍ୱାରା ଏହି ସ୍ୱତନ୍ତ୍ର ଅଭିଯାନ ନିରର୍ଥକ ହୋଇଯିବ ବୋଲି କହିଛନ୍ତି। ଭୋଟର ତାଲିକାର ସାମିଲ ହୋଇ ନ ଥିବାରୁ କୌଣସି ବ୍ୟକ୍ତିଙ୍କ ନାଗରିକତା ସମାପ୍ତ ହେବ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ଏହି ପ୍ରକ୍ରିୟାରେ କୌଣସି ଆଇନ ଏବଂ ଭୋଟରଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ହୋଇନାହିଁ। ଭୋଟର ତାଲିକାରେ ଯାଞ୍ଚ ବାତିଲ କରିବା ଏବଂ ନଭେମ୍ବର ବିଧାନସଭା ନିର୍ବାଚନ କରିବା ପାଇଁ ୧୧ଟି ବିରୋଧୀ ଦଳ, ଏନଜିଓ ଏବଂ ବିହାରର କିଛି ବାସିନ୍ଦାଙ୍କ ଦ୍ୱାରା ଦାୟର ଆବେଦନକୁ ଖାରଜ କରିବାକୁ କୋର୍ଟଙ୍କୁ ଇସି ଅନୁରୋଧ କରିଛନ୍ତି।

ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

କୋର୍ଟ ଆସିବାକୁ ବି ସାହସ ନାହିଁ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଇଣ୍ଡିଆ ବୁଲ୍ସ ଫାଇନାନ୍ସ ଲିମିଟେଡ (ଆଇଏଚଏଫଏଲ) ବିରୋଧୀ ମାମଲାରେ ନୋଟିସ ଜାରି କରିବା ସତ୍ତ୍ୱେ ହାଜର ନ ହେବାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ଆଚରଣ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ନୋଟିସ କରିଛନ୍ତି ମାନେ ହାଜର ହେବାକୁ ପଡ଼ିବ। ହାଜର ହୋଇପାରିବୁ ନାହିଁ ବୋଲି ସିବିଆଇ କେମିତି କହିପାରିଲା ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଆଇଏଚଏଫଏଲ ତଥା ସମ୍ମାନ କ୍ୟାପିଟାଲ ଲିମିଟେଡର ପ୍ରମୋଟରଙ୍କ ଦ୍ୱାରା ହୋଇଥିବା ଅର୍ଥ ହେରଫେର ମାମଲାର ଏସଆଇଟି ତଦନ୍ତ ଦାବିକୁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ସୁପ୍ରିମକୋର୍ଟ ଯାଇଥିଲେ। ଏବେ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ କୌଣସି ଅପରାଧ ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଇଡି ମନା କରିଦେଇଥିଲା। ତେଣୁ ପରେ ମାମଲା ରୁଜୁ ପାଇଁ ସିବିଆଇକୁ ନିବେଦନ କରାଯାଇଥିଲା। ଏହା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଟଙ୍କା ହେରଫେର ସମ୍ବନ୍ଧିତ। ତେଣୁ ସିବିଆଇକୁ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ। ସିବିଆଇକୁ ନୋଟିସ ଜାରି କରାଯାଇଥିବା ଦେଖି କୋର୍ଟ ପ୍ରଶ୍ନ କରିଥିଲେ ଯେ କୋର୍ଟ ଆସିବାକୁ ବି ସିବିଆଇର ସାହସ ନାହିଁ କି? ସୂଚନା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ସପ୍ତାହେ ସମୟ ମାଗିବାରୁ କୋର୍ଟ ଅନୁମତି ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀଙ୍କ ଆବଶ୍ୟକତା ନାହିଁ ବୋଲି କୋର୍ଟ ମନେ ପକାଇ ଦେଇଥିଲେ। ଆଉ କ'ଣ ସୂଚନା ଦରକାର ବୋଲି ପଚାରି ଥିଲେ। ରେକର୍ଡ ପୂର୍ବରୁ ସିବିଆଇ ପାଖରେ ଅଛି ବୋଲି କହିଥିଲେ। ୩୦ ତାରିଖରେ ଏହି ମାମଲାର ପରବର୍

ପ୍ରୟାଣର ୧୦ମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସପ୍ରେମ ସ୍ମୃତିରେ...

ପଦ୍ମିନୀ ରଥ

ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୨୩.୦୭.୨୦୨୫ (ବୁଧବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ନ ୧୧.୩୦ ଘଟିକା
ସ୍ଥାନ: ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ:ସଂଧ୍ୟା ୭.୦୦ ଘଟିକା
ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ

ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

SRI DURGA CONDEV PVT. LTD. | DRIEMS UNIVERSITY | PADMINI care | PRAMOD HOTELS & RESORTS

୨୪ ଘଣ୍ଟାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୨୨।୭ (ସମିସ): ଆଗାମୀ ୨୪ ଘଣ୍ଟାରେ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଏହି ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିବ। ଏହାର ପ୍ରଭାବରେ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହି ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତର ରୂପ ନେଇ ପାରେ। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବା ବେଳେ ୨୪ରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ର ଉପରେ ଅଧିକ ରହିଥିବା ବେଳେ କିଛିକାଂଶ ପ୍ରଭାବ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ମଙ୍ଗଳବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଆଦି ଜିଲ୍ଲା ର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହୋଇଛି। ଅନ୍ୟପଟେ ୨୩ ତାରିଖ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।

ତେବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଆଦି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ସବୁ ଜିଲ୍ଲାଗୁଡ଼ିକ ପାଇଁ ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଏନ୍‌ସିଇଆର୍‌ଟି ବହିରୁ 'ପାଇକ ବିଦ୍ରୋହ' ବାଦ୍

ପାଇକମାନଙ୍କ ପ୍ରତି ବଡ଼ ଅପମାନ: ନବୀନ

ଭୁବନେଶ୍ୱର,୨୨।୭ (ସମିସ): ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହକୁ ବାଦ୍ ଦିଆଯିବା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି ଯେ ଓଡ଼ିଶା ଇତିହାସରେ ପାଇକ ବିଦ୍ରୋହ ଏକ ଐତିହାସିକ ମୁହୂର୍ତ୍ତ। ଅତ୍ୟାଚାରୀ ବ୍ରିଟିଶ ବିରୋଧରେ ୧୮୧୭ ମସିହାରେ ଅଦମ୍ୟ ସାହସର ସହିତ ଲଢ଼େଇ କରିଛନ୍ତି। ଏହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଘୋଷଣା କରିବାକୁ ସେ ଅନେକ ଥର ଦାବି କରିଛନ୍ତି। ହେଲେ ବିଦ୍ରୋହର ପ୍ରାୟ ୨ଶହ ବର୍ଷ ପରେ ପାଠ୍ୟପୁସ୍ତକରୁ ପାଇକ ବିଦ୍ରୋହକୁ ବାଦ୍ ଦେବା ପାଇକମାନଙ୍କ ପ୍ରତି ଏକ ବଡ଼ ଅପମାନ। ବ୍ରିଟିଶ ଶାସନ ବିରୁଦ୍ଧରେ ଜନ ଆନ୍ଦୋଳନ ପାଇଁ ପଥପ୍ରଦର୍ଶକ ସାଜିଥିବା ଏହି ଆନ୍ଦୋଳନକୁ ପାଠ୍ୟ ପୁସ୍ତକରୁ ବାଦ୍ ଦେବା ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି। ଘଟଣାରେ



ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ଦାବି କରିବା ସହ ଓଡ଼ିଶାକୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି। ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରୁ ପାଇକ ବିଦ୍ରୋହକୁ ବାଦ୍ ଦିଆଯାଇଛି। ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସ୍ଥାନ ପାଇଥିବା

ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି

ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଅଭିଯୋଗ ହୋଇଛି।

ମହାଲିଙ୍ଗଙ୍କୁ ବିଜେଡିର ପାଲଟା ଜବାବ

ପାଇକ ବିଦ୍ରୋହକୁ 'ଆଞ୍ଚଳିକ' କହିବା ସ୍ୱାଧୀନତା ସଂଗ୍ରାମ ପ୍ରତି ଘୋର ଅନ୍ୟାୟ

ଭୁବନେଶ୍ୱର,୨୨।୭ (ସମିସ): ପାଇକ ବିଦ୍ରୋହ ପ୍ରସଙ୍ଗରେ ମୁକେଶ ମହାଲିଙ୍ଗ ଏକ୍ସରେ ରଖିଥିବା ପ୍ରତିକ୍ରିୟାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ମୁକେଶ ଏକ୍ସରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ 'ପାଇକ ବିଦ୍ରୋହ'କୁ ବାଦ ଦିଆଯାଇନାହିଁ; ବରଂ ସାମାଜିକ ବିଜ୍ଞାନ ପୁସ୍ତକର ଦ୍ୱିତୀୟ ଭାଗରେ ଏହା ଶୀଘ୍ର ପ୍ରକାଶ ପାଇବ। ଏନ୍‌ସିଇଆର୍‌ଟି ଏନେଇ ସ୍ପଷ୍ଟୀକରଣ ଦେଇଥିବା ମଧ୍ୟ ସେ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏପରି ଟିପ୍ପଣୀକୁ ତୀବ୍ର ବିରୋଧ କରିଛି ବିଜେଡି। ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ପାଇକ ବିଦ୍ରୋହକୁ ବାଦ୍ ଦେବାପରେ ଏବେ ବାହାନା କରୁଛନ୍ତି। ପୁସ୍ତକର ଦ୍ୱିତୀୟ ଭାଗ ଅର୍ଥାତ୍ 'ଆଞ୍ଚଳିକ ବିଦ୍ରୋହ' ଅଧୀନରେ ରଖାଯିବ ବୋଲି ଦାବି କରୁଛନ୍ତି। ଏହା ସ୍ପଷ୍ଟୀକରଣ ନୁହେଁ; ଏହା ସ୍ୱତଃପ୍ରବୃତ୍ତ ବିରୋଧାଭାସ। ପାଇକ ବିଦ୍ରୋହ ଏକ ଆଞ୍ଚଳିକ ଆନ୍ଦୋଳନ ନୁହେଁ; ଏହା ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତର ପ୍ରଥମ ସଂଗଠିତ ବିଦ୍ରୋହ। ଏହାକୁ "ଆଞ୍ଚଳିକ" କହିବା ଦେଶର ସ୍ୱାଧୀନତା ସଂଗ୍ରାମ ପ୍ରତି ଘୋର ଅନ୍ୟାୟ। ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାରମ୍ବାର ଦାବି ସମ୍ପୂର୍ଣ୍ଣ ବୈଧ ବୋଲି ଡ. ପାତ୍ର ଯୁକ୍ତି ଉପସ୍ଥାପନ କରିଛନ୍ତି। ୧୮୫୭ ବିଦ୍ରୋହ ବା ସିପାହୀ ବିଦ୍ରୋହର ପୂର୍ବବର୍ତ୍ତୀ ଏବଂ ଉପନିବେଶବାଦୀ ଆଧିପତ୍ୟ ବିରୁଦ୍ଧରେ ପାଇକ ବିଦ୍ରୋହ ଏକ ସ୍ୱର୍ଣ୍ଣିମ ଉଦାହରଣ। ଏଣୁ ଏହାକୁ ଉପେକ୍ଷା ନୁହେଁ, ବରଂ ଜାତୀୟ ସ୍ୱୀକୃତି ପାଇବା ଉଚିତ। ଏହି ଐତିହାସିକ ସଂଗ୍ରାମକୁ ଆଞ୍ଚଳିକ ଘଟଣାରେ ପରିଣତ କରାଯାଉଥିବାବେଳେ ଓଡ଼ିଶାର ବିଜେପି ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ନେତାମାନଙ୍କର ବିବେକ ସେମାନଙ୍କୁ ଆନ୍ଦୋଳିତ କରୁନାହିଁ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି।

ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

ଏସ୍‌ଆଇଟି ତଦନ୍ତ ଲୋଡ଼ା ନାହିଁ: ହାଇକୋର୍ଟ

କଟକ,୨୨।୭ (ସମିସ): ବହୁଚର୍ଚ୍ଚିତ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ହାଇକୋର୍ଟରେ ପହଞ୍ଚିଛି। ଏହି ସମ୍ବେଦନଶୀଳ ଘଟଣାରେ ସ୍ୱେସାଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି) ଦ୍ୱାରା ତଦନ୍ତର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଆଜି ମାମଲାର ପ୍ରାରମ୍ଭିକ ଶୁଣାଣି କରି କହିଛନ୍ତି। ଏଥିସହ ପ୍ରତିପକ୍ଷ ଦୁଇ ରାଜନୈତିକ ଦଳ କଂଗ୍ରେସ ଓ ବିଜେଡିକୁ ନୋଟିସ୍ ଜାରି କରିଛନ୍ତି ଅଦାଲତ। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରାଶ ଟଣ୍ଡନ ଓ ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଜାରି ରହିଥିବା କ୍ରାଇମବ୍ରାଞ୍ଚ ତଦନ୍ତର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ମୁଦାଲଫାଫାରେ ଏକ ଷ୍ଟାଟସ୍ ରିପୋର୍ଟ ଅଦାଲତରେ ଦାଖଲ କରିଛନ୍ତି। ହାଇକୋର୍ଟ ଏହାକୁ ଅନୁଧ୍ୟାନ କରି ବର୍ତ୍ତମାନ ସ୍ଥିତିରେ ଏସ୍‌ଆଇଟି ତଦନ୍ତ ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ ତଦନ୍ତ ସମ୍ପର୍କିତ ସାନି ଷ୍ଟାଟସ୍ ରିପୋର୍ଟକୁ ମୁଦା ଲଫାଫାରେ ଦାଖଲ ପାଇଁ ଆଡଭୋକେଟ୍ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷେ, ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଓ ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ପାଳନ ପାଇଁ ଜନଜୀବନ ପ୍ରଭାବିତ ହୋଇଥିବା ପ୍ରସଙ୍ଗରେ ପ୍ରତିପକ୍ଷ ଦୁଇ ରାଜନୈତିକ ଦଳକୁ ହାଇକୋର୍ଟ ଜବାବ ତଲବ କରିଛନ୍ତି।

ପ୍ରତିପକ୍ଷ ଦୁଇ ରାଜନୈତିକ ଦଳକୁ ନୋଟିସ

ମାମଲାରୁ ପ୍ରକାଶ, ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ଏସ୍‌ଆଇଟି ଗଠନ କରାଯାଇ ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ, ଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ବିରୋଧରେ ୟୁଜିସି ଓ ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା ଶିକ୍ଷାନୁଷ୍ଠାନରେ ସଠିକ୍ ଢଙ୍ଗରେ ପାଳନ ଏବଂ ଦୋଷୀ ଅଧିକାରୀ କିମ୍ବା ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ତଲବ ପାଇଁ ଆବେଦନକାରୀ ପ୍ରାର୍ଥନା କରିଥିଲେ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ରାଜ୍ୟ ସରକାର, ଡିଜିପି, ୟୁଜିସି ସଚିବ, ବିରୋଧୀ ବିଜୁ ଜନତା ଦଳ ଓ କଂଗ୍ରେସକୁ ପକ୍ଷଭୁକ୍ତ କରାଯାଇଛି।

ବିଜେପି ଶୀର୍ଷ ନେତୃତ୍ୱଙ୍କ ପାଇଁ ଶିରପୀଡ଼ା ଓଡ଼ିଶା

ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କୁ ଦିଲ୍ଲୀ ଡକରା

ଭୁବନେଶ୍ୱର,୨୨।୭ (ସମିସ): ସରକାରଙ୍କୁ ଇତିମଧ୍ୟରେ ୧୩ ମାସ ପୂରି ୧୪ ମାସ ଚାଲିଲାଣି। ମାତ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ, ଏକାଡ଼େମୀ ଏବଂ କମିଶନରେ ନିଯୁକ୍ତି ନେଇ ଦଳରେ ଅଛିଣ୍ଡା ଅଙ୍କ ଛିଡୁନି। ବିଭିନ୍ନ ସମୟରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ନେଇ ଖବର ଆସୁଥିଲେ ହେଁ ଶେଷ ମୂହୂର୍ତ୍ତରେ ଏହା ଫସର ଫାଟି ଯାଉଛି। ଅନ୍ୟପକ୍ଷରେ ରାଜ୍ୟରେ ରାଜନୈତିକ ସ୍ଥିତି ସହ ଆଇନଶୃଙ୍ଖଳା ମଧ୍ୟ ଅତ୍ୟନ୍ତ ଖରାପ ହେବାରେ ଲାଗିଛି । ପ୍ରତିଦିନ ବିଭିନ୍ନ କାରଣ ପାଇଁ ଓଡ଼ିଶା ଗଣମାଧ୍ୟମ ଶିରୋନାମା ପାଲଟିଛି । ବିଜେପି ଜାତୀୟ ନେତୃତ୍ୱଙ୍କ ପାଇଁ ଏହା ଶିରପୀଡ଼ା ପାଲଟିଛି । ଏହି ସମୟରେ ଶାସକ ବିଜେପିର ରାଜ୍ୟ ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କୁ ଶୀର୍ଷ ନେତୃତ୍ୱଙ୍କ ଦିଲ୍ଲୀ ଡ଼କରା ବିଭିନ୍ନ ଆଲୋଚନା ପାଇଁ ଖୋରାକ ଯୋଗାଉଛି। କିଛି ରାଜନୈତିକ ସମୀକ୍ଷକ ବିଜେପି ସଭାପତି ଓ ସଙ୍ଗଠନ ସମ୍ପାଦକଙ୍କ ଦିଲ୍ଲୀଗସ୍ତକୁ ଦଳ ଓ ସରକାର ମଧ୍ୟରେ ଅସମନ୍ୱୟ ସହ ଯୋଡୁଥିବାବେଳେ ଆଉ କିଛି ଏହାକୁ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ଯୋଡ଼ି ଦେଖୁଛନ୍ତି ।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଯେ ମୋହନ-ମନମୋହନ ଯୋଡ଼ି ନିଜର ପୂର୍ବ ଦିଲ୍ଲୀ ଗସ୍ତ ସମୟରେ ଦାଖଲ କରିଥିବା ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ରୂପରେଖରେ କିଛି ପରିବର୍ତ୍ତନ ପାଇଁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଥିଲେ। ଦିଲ୍ଲୀ ଗସ୍ତରୁ ଉଭୟେ ଫେରିବା ପରେ ମୁଖ୍ୟମନ୍ତ୍ରୀ, ଦଳ ସଭାପତି ପ୍ରସ୍ତୁତ ନୂଆ ତାଲିକା ଧରି ମନମୋହନ ଓ

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ପ୍ରସଙ୍ଗକୁ ନେଇ ବଢ଼ିଲା ଚର୍ଚ୍ଚା

ମାନସ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ଦିନେ ଦୁଇଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଦିଲ୍ଲୀ ଗସ୍ତରେ ଯାଇ ପାରନ୍ତି ବୋଲି କୁହାଯାଉଛି। କେବଳ ମନ୍ତ୍ରିମଣ୍ଡଳ ନୁହେଁ, ବିଭିନ୍ନ ବୋର୍ଡ ଏବଂ ନିଗମରେ ନିଯୁକ୍ତି ନେଇ ମଧ୍ୟ କୁଆଡ଼େ ଦିଲ୍ଲୀରେ ରୂପରେଖ ପ୍ରସ୍ତୁତ ହେବ ବୋଲି ଶୁଣିବାକୁ ମିଳୁଛି।

ଏପଟେ ସୋମବାର ରାଜ୍ୟପାଳ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ତାଙ୍କ ବାସଭବନରେ ଭେଟିଥିବା ବେଳେ ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ରାଜଭବନରେ ଭେଟିଛନ୍ତି। ଗତ କିଛିଦିନ ହେଲା ରାଜ୍ୟପାଳ ବିଭିନ୍ନ ମନ୍ତ୍ରୀଙ୍କ ବାସଭବନକୁ ଯାଇ ସେମାନଙ୍କୁ ଭେଟୁଛନ୍ତି ଓ ନିକଟରେ ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟପାଳଙ୍କୁ ଭେଟିଛନ୍ତି । ଏହି ଭେଟଘାଟ ପଛରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ଅନେକ ସଂଯୋଗ କରୁଛନ୍ତି।

ଅପରପକ୍ଷେ ଗତ କିଛିଦିନ ହେବ ରାଜ୍ୟରେ ଉଭୟ ସଂଗଠନ ଏବଂ ସରକାର ବିଭିନ୍ନ କାରଣକୁ ନେଇ ବେଶ୍ ଅପଦସ୍ତ ହୋଇଛନ୍ତି। ବିଶେଷକରି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ରାଜ୍ୟ ବିଜେପି ସରକାର ଭୁବନେଶ୍ୱରଠାରୁ ଦିଲ୍ଲୀ ଯାଏଁ ସମାଲୋଚନାର ଶିକାର ହେଉଛନ୍ତି। ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲ୍ଲିକାର୍ଜୁନ ଖରଗେ, କେସି ଭେନୁଗୋପାଳଙ୍କର ପରି ହେଭିୱେଟ ନେତା ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଓଡ଼ିଶାରେ ବିଜେପି ସରକାର ସହ କେନ୍ଦ୍ର ସରକାରଙ୍କୁ ଯୋଡ଼ି ନିଶାଣ କରୁଛନ୍ତି। ଯାହାକୁ ନେଇ ବିଜେପିର ଶୀର୍ଷ ନେତୃତ୍ୱ କ୍ଷୁବ୍ଧ ଓ ଏ ସମ୍ପର୍କରେ ବିଚାରବିମର୍ଶ ସହ ବିରୋଧୀଙ୍କୁ ସାମ୍ନା କରିବାକୁ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟ ନେତୃତ୍ୱଙ୍କୁ ଦିଲ୍ଲୀ ଡ଼କରା ହୋଇଥିବା ମଧ୍ୟ ଆଲୋଚନା ହେଉଛି।

ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସଂପୂର୍ଣ୍ଣ ଅସମର୍ଥ : ବିଜେଡି

ଭୁବନେଶ୍ୱର,୨୨।୭ (ସମିସ): ମଙ୍ଗଳବାର ଗୋଟିଏ ଦିନରେ ରାଜ୍ୟର ୩ଟି ଜିଲ୍ଲାରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସହ ପୁରୀରେ ତିନି ଭଉଣୀଙ୍କୁ ଅସଦାଚରଣ ମାମଲା ପରି ସାଂଘାତିକ ଘଟଣା ଘଟିଛି। ମହିଳାମାନେ ଘର କୋଣରେ ରୁହନ୍ତୁ ଓ ଘରୁ ଗୋଡ଼ କାଢନ୍ତୁ ନାହିଁ ବୋଲି ବିଜେପି ସରକାର

ଚାହୁଁଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍କଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ରାଜ୍ୟ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଶ୍ରୀ ମୁଦୁଲି କହିଥିଲେ ଯେ ଛାତ୍ରୀ ହେଉ ବା ଗୃହିଣୀ ସମାଜରେ ନିଜକୁ ଆତ୍ମନିର୍ଭର କରିବା ପାଇଁ ଘରୁ ବାହାରକୁ ଆସିବାକୁ ପଡିବ; ମାତ୍ର ଦୁର୍ଭାଗ୍ୟର କଥା ରାଜ୍ୟ ବିଜେପି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ଅସମର୍ଥ। ସେହିପରି ଚିରଞ୍ଜୀବ ବିଶ୍ୱାଳ କହିଥିଲେ ଯେ ମାଲକାନଗିରିରେ ଦୁଇ ଦୁଇଟି ଦୁଷ୍କର୍ମ ଘଟଣାକୁ ନେଇ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ନେତୃତ୍ୱରେ ଏସ୍ପିଙ୍କୁ ଭେଟି ଆଲୋଚନା କରିଛନ୍ତି । ଉପାନ୍ତ ଅଞ୍ଚଳରେ ନାବାଳିକା ଓ ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ନାବାଳିକାଙ୍କୁ ଗଣଦୁଷ୍କର୍ମ ହୋଇଛି ବୋଲି ନିଜେ ଏସପି ସ୍ୱୀକାର କରିଛନ୍ତି।

ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ

ଲର୍କି ଶିଶୁ ବିଦ୍ୟାମନ୍ଦିରେ ଚାରାରୋପଣ

ତୁରେକେଲା,୨୨।୭(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ଲର୍କି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସବୁଜ ବନାନୀର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଚତୁପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ବିରଞ୍ଚି ପୁଟେଲ, ସଂପାଦକ ସୁନୀଲ କୁମାର ପାତ୍ର ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସ୍ରୋତ ସ୍ୱିନୀ ହୋତା ଆଚାର୍ଯ୍ୟ ପ୍ରତିନିଧି କୌସ୍ତୁଭ ବାଗ ଓ ସମସ୍ତ ଗୁରୁଜୀ,ଗୁରୁମା, ଶିଶୁ ଭାଇ, ଭଉଣୀ ଉପସ୍ଥିତ ଥିଲେ ।

ଦୁର୍ଘଟଣାରେ ବାଇକ୍ ଚାଳକଳ ଗୁରୁତର

କଣ୍ଟାବାଞ୍ଜି,୨୨।୭(ସମିସ): ମଙ୍ଗଳବାର ଭାରଶାମ୍ୟ ହରାଇ ବାଇକ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ଖବର ଅନୁସାରେ ମୁରିବାହାଲ ଥାନା ଅନ୍ତର୍ଗତ ଚଲକି ଗାଁର ଜଗବନ୍ଧୁ ମାଝି ନାମକ ଜଣେ ବ୍ୟକ୍ତି ବାଇକରେ ଯାଉଥିବା ସମୟରେ ତାଙ୍କ ବାଇକ ଭାରଶ୍ୟମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବା ପରେ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥାନାନ୍ତର କରାଯାଇଛି ।

ସାମାଜିକ କର୍ମୀଙ୍କୁ ହତ୍ୟା ଧମକ

କଣ୍ଟାବାଞ୍ଜି,୨୨।୭(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଅଞ୍ଚଳ ଜଣାଶୁଣା ସମାଜସେବୀ ତଥା ସାଇ ଭାଇ ସୋସିଆଲ ୱାର୍କର ଅନୁଷ୍ଠାନ ପ୍ରତିଷ୍ଠା ରାଜେନ୍ଦ୍ର ଦୀପଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ସେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଖୁଟୁଲୁମୁଣ୍ଡା ଗାଁ ର କୌଲାଶ ସଗରିଆ ନାମକ ଜଣେ ରାଜେନ୍ଦ୍ର ଦୀପଙ୍କୁ ଅନେକ ସମୟରେ ସୋସିଆଲ ମିଡିଆରେ ତାଙ୍କୁ ଅସଭ୍ୟ ଭାଷା ବ୍ୟବହାର କରିବା ସହ ତାଙ୍କ ନାରେ ସୋସିଆଲ ମିଡିଆରେ ଗୁଜବ ପ୍ରଚାର କରୁଥିବା ନେଇ ଏତଲା ଦର୍ଶାଇଛନ୍ତି । ତାଙ୍କ ଜୀବନ ବିପଦରେ ଥିବା ସେ ପୁଲିସକୁ ସୁରକ୍ଷା ମାଗିଛନ୍ତି ।

ଯୁବକଙ୍କ ଆତ୍ମହତ୍ୟା

ବଲାଙ୍ଗିର/ସଇଁତଳା,୨୨।୭(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳା ଅଞ୍ଚଳରେ ଜଣେ ଡ୍ରାଇଭରଙ୍କ ଆତ୍ମହତ୍ୟା ଘଟଣା ଆଲୋଚନାର ବିଷୟ ପାଲଟିଛି । ତେବେ ଯୁବକ ଜଣକ ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି । ଏନେଇ ଜିଆରପି ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିଥିବା ଜଣାପଡିଛି । ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ସଇଁତଳାରେ ରହୁଥିବା ଜଣେ ଯୁବକ ରେଳଲାଇନ୍‌ରେ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ଯୁବକ ଜଣକ ସଇଁତଳା ଥାନା ସାଉନ୍ତଉପେର ଗାଁରର ଟିଙ୍କୁ ସେଠ ବୋଲି ଜଣାପଡିଛି । ସେ ସଇଁତଳାରେ ରହି ଗାଡ଼ି ଡ୍ରାଇଭର ଭାବେ କାମ କରୁଥିବା ବେଳେ ଜଣେ ଶିକ୍ଷୟିତ୍ରୀ ଙ୍କ ସହ ପ୍ରେମ ସମ୍ପର୍କ ରହିଥିବା ଆଲୋଚନା ହେଉଛି । ଆତ୍ମହତ୍ୟା କରିବା ପୂର୍ବରୁ ସଂପୃକ୍ତ ଯୁବକ ଓ ଜଣେ ମହିଳାଙ୍କ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଯୁବକ ନିଜେ ଅପଲୋଡ଼ କରିଥିବା ଜଣାପଡିଛି । ତେବେ ସେ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ତଦନ୍ତ ସାପେକ୍ଷ । ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ

ଖପ୍ରାଖୋଲ,୨୨।୭(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ତରଫରୁ ବ୍ୟକ୍ତି ଟିଏ ଗଛ ଟିଏ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ ୱାର୍, ସମ୍ମାନିତ ଅତିଥି ରୂପେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିବା ବେଳେ ଛାତ୍ରୀ ଛାତ୍ରଙ୍କୁ ଚାରା ବଣ୍ଟନ କରିଥିଲେ ।ହରିଶ ବେହେରା,ମୀନା ସାହୁ,ମଧୁସ୍ମିତା ସାହୁ, ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

କମୁନି ଖଇର କାଠ ଚାଲାଣ

ପୁଣି କାଠ ବୋଝେଇ ପିକଅପ୍ ଜବତ

ବଲାଙ୍ଗିର,୨୨।୭(ସମିସ):

- ଯେତେ ଧରିଲେ ସେତେ ହେଉଛି ଚାଲାଣ
- ପୁଣି ସକ୍ରିୟ ମାଫିଆ

ବଲାଙ୍ଗିର ବନ ବିଭାଗ ଲାଇନ୍ ମୁଣ୍ଡ ବ୍ୟଥାର କାରଣ ସାଜିଛି ବେଆଇନ ଖଇର କାଠ ଚାଲାଣ। ଯେତେ ଚଢ଼ାଉ କଲେ ସେତେ ଗଭୀର ପର୍ଯ୍ୟନ୍ତ ଲମ୍ବିଛି ଖଇର କାଠ ଚାଲାଣ ରେ ଚେର। କିଛି ଦିନର ନିରବତା ପରେ ପୁଣି ଖଇର କଥା ମାଫିଆ ସକ୍ରିୟ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ମଧ୍ୟ ଚଢ଼ଉ ଆରମ୍ଭ ହୋଇଛି । ସୋମବାର ରାତି ରେ ବନ୍ ବିଭାଗ ପକ୍ଷରୁ ଚଢାଉ କରି ଖଇର କାଠ ଭର୍ତ୍ତି ଗାଡ଼ି ଜବତ କରିଛି । ଏହି ଘଟଣାରେ ବନ ବିଭାଗ ଦୁଇ ଜଣଙ୍କୁ ଅଟକ ରଖିଥିବା ବେଳେ ଏବେବି ମୁଖ୍ୟ କାର୍ପଟଦାର ଫେରାର ରହିଥିବା ଜଣାପଡିଛି । ବନ ବିଭାଗ ଜାଣିଶୁଣି ସଂପୃକ୍ତ ଚାଲାଣକାରୀକୁ ଗିରଫ କରିପାରୁନଥିବାରୁ ଏହାର ସୁଯୋଗ ନେଇ ଚାଲାଣ ବୃଦ୍ଧି ପାଇଥିବା ଚର୍ଚ୍ଚା ହେଉଛି ।ବଲାଙ୍ଗିର ଜିଲ୍ଲାରେ ଏବେ ଖଇର ଚାଲାଣ ବନ ବିଭାଗ ପାଇଁ ବଡ ସମସ୍ୟା ସାଜିଛି। ଗୋଟିଏ ପଟେ ପ୍ରତିଦିନ ଶହ ଶହ କୁଇଣ୍ଟାଲ ଖଇର ଗଛ କାଟୁଥିବା ବେଳେ କିଛି ଦିନର ନିରବତା ପରେ ପୁଣି ସକ୍ରିୟ ହୋଇଅଛନ୍ତି କାଠ ମାଫିଆ। ସୋମବାର ପୁଣି ବନ ବିଭାଗ ପକ୍ଷରୁ ଚଢାଉ କରି ଖଇର କାଠ ଜବତ ହୋଇଛି । ସୋମବାର ରାତି ରେ ବନ ବିଭାଗ ସଦର ଥାନା ନିକଟରେ ଚଢଉ କରି ଏକ ପିକଅପ ଗାଡ଼ି ଜବତ କରିଛି । ଉକ୍ତ ଗାଡିରୁ ୬୨ ଖଣ୍ଡ ଖଇର ଗଣ୍ଡି ଜବତ ହୋଇଥିବା ଜଣାପଡିଛି । ଏହି ଘଟଣା ରେ ବନ ବିଭାଗ ଦୁଇ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି । ଏହା ପୂର୍ବରୁ ମଧ୍ୟ ଏକ ମିନିଟ୍ରକ ରେ ଖଇର କାଠ ଚାଲାଣ ହେଉଥିବା ବେଳେ ବନ ବିଭାଗ ଚଢ଼ଉ କରି ବିପୁଳ ପରିମାଣର କାଠ ଜବତ ହୋଇଥିଲା । ଏହି ଘଟଣା ରେ ମଧ୍ୟ ଜଣେ ଗିରଫ ହୋଇଥିବା ବେଳେ ଏହି ଦୁଇ ଚାଲାଣ ଘଟଣାର ମୁଖ୍ୟ କାର୍ପଟଦାରକୁ ବନବିଭାଗ ଗିରଫ କରିବାରେ ବିଫଳ ହୋଇଛି । ଯଦିଓ ସଂପୃକ୍ତ ବ୍ୟକ୍ତିଙ୍କ ନାମ ଗିରଫ ହୋଇଥିବା ଅଭିଯୁକ୍ତମାନେ ବନ ବିଭାଗକୁ ଜଣାଇଛନ୍ତି ତଥାପି ସଂପୃକ୍ତ ବ୍ୟକ୍ତି ଗିରଫ ନହେବା ସମସ୍ତଙ୍କୁ ଚକିତ କରିଛି । ସୂଚନା ଯୋଗ୍ୟ ଯେ, ଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଖଇର କାଠ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ଏହି କାରବାରରେ ଜିଲ୍ଲା ତଥା ଜିଲ୍ଲା ବାହାରର କିଛି ବ୍ୟକ୍ତିଙ୍କ ବଡ ନେଟୱର୍କ କାମ କରୁଥିବା ମଧ୍ୟ ଜଣାପଡ଼ିଛି । ତେବେ ଏହି ବେଆଇନ ଚାଲାଣ ଏବେ ବନ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବେଳେ ଏହାକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି । ଗତ ମାସକ ଭିତରେ ପୂର୍ବରୁ ବନ ବିଭାଗ ପ୍ରାୟ ୧୨ ରୁ ୧୫ ଟି ସ୍ଥାନରେ ଚଢ଼ଉ କରିଥିଲା । ପ୍ରାୟ ୨୦ ଟନ୍ ଖଇର କାଠ ଜବତ କରିବା ସହ ବେଆଇନ ଚାଲାଣ କରୁଥିବା ଗାଡିକୁ ଜବତ କରିଥିବା ଜଣାପଡ଼ିଛି । ବିଭାଗୀୟସୂଚନା ଅନୁସାରେ କିଛି ମାସ ତଳେ ସଇଁନ୍ତଳା ରେଞ୍ଜ ଝିମାନପାଲି ଗାଁ ନିକଟରେ ବନ ବିଭାଗ ଚଢ଼ଉ କରି ଅଟୋରୁ ୪୧୮ କେଜି ଖଇର କାଠ ଜବତ କରିଥିବା ବେଳେ ଲାଠୋର ରେଞ୍ଜ ଧଉରାଖମନ ଗାଁ ନିକଟରେ ଏକ ପିକଅପରୁ ୨୨କୁଇଣ୍ଟାଲ ଖଇର କାଠ ବନ ବିଭାଗ ଜବତ କରିଛି । ସେହିପରି ଆଉ ଏକ ଚଢ଼ଉ କରି ପିକଅପ୍ ଗାଡ଼ିରୁ ୨୩କୁଇଣ୍ଟାଲା ଖଇର କାଠ ଜବତ ହୋଇଥିବା ବେଳେ ଉକ୍ତ ଗାଡ଼ିରେ ନକଲି ନମ୍ବର ପ୍ଲେଟ ଲଗାଇ ଚାଲାଣ କରାଯାଉଥିବା ଜଣାପଡ଼ିଥିଲା । ଜୁନ ୩ ତାରିଖରେ ପାଟଣାଗଡ଼ ରେଞ୍ଜରୁ ୧୦ ଟନ,୨ତାରିଖରେ ମୁରିବାହାଲ ରେଞ୍ଜରୁ ୭ କୁଇଣ୍ଟାଲ,ମେ ୨୭ ତାରିଖରେ ଲୋଇସିଂହା ରେଞ୍ଜ ଭରସୁଜାରୁ ୫କୁଇଣ୍ଟାଲ, ମେ ୨୦ ତାରିଖରେ ସଇଁନ୍ତଳା ରେଞ୍ଜ ଖଲିକାନୀ ଗାଁ ନିକଟରୁ ୨କୁଇଣ୍ଟାଲ, ମେ ୨୧ ତାରିଖରେ ସଇଁନ୍ତଳା ରେଞ୍ଜ ମନୁମୁଣ୍ଡା ଠାରୁ ୨୨୭ କେଜି, ମେ ୫ ତାରିଖରେ ପାଟଣାଗଡ଼ ରେଞ୍ଜ ପିତାମହୁଲ ଗାଁ ନିକଟରୁ ୮କୁଇଣ୍ଟାଲ ଖଇର କାଠ ଜବତ କରିଥିଲା । ଗତ ପ୍ରାୟ ମାସକ ପୂର୍ବରୁ ବନ ବିଭାଗ ପ୍ରାୟ ୧୯ ଟନ୍ ୫୬କୁଇଣ୍ଟାଲ ଖଇର କାଠ ଜବତ କରିଥିଲା ।କିଛି ମାମଲାରେ ଚାଲାଣକାରୀକୁ ବନ ବିଭାଗ ଗିରଫ କରିଥିବା ବେଳେ ଏହି କାରବାର ଚଳାଇଥିବା ଅସଲି ମାଫିଆକୁ କିନ୍ତୁ ଏପର୍ଯ୍ୟନ୍ତ ବନ ବିଭାଗ ଧରିବାରେ ବିଫଳ ହୋଇଛି । ଏହି କାରବାର ପଛରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଓ ବରଗଡ଼ ଜିଲ୍ଲାର ଦୁଇ ଜଣ ଅଣଓଡିଆ ମାଫିଆ ଏହି ନେଟୱର୍କ ଚଲାଉଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ଧରାପଡୁଥିବା ଗାଡି ଗୁଡିକ ତାଙ୍କର ହୋଇଥିବା ବେଳେ ନକଲି ନମ୍ବର ପ୍ଲେଟ ଯୋଗୁଁ ସେମାନେ ବର୍ତ୍ତିଯାଉଥିବା ଜଣାପଡ଼ିଛି । ତେବେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼, ସଇଁନ୍ତଳା, ମୁରିବାହାଲ, ଲୋଇସିଂହା, ବଙ୍ଗୋମୁଣ୍ଡା ରେଞ୍ଜରେ ଥିବା ଜଙ୍ଗଲରୁ ଖଇର କାଠ ଚାଲାଣ ହେଉଥିବା ଜଣାପଡ଼ିଛି । ଗତ କିଛି ବର୍ଷ ହେଲା ଏହା ଜାରି ରହିଥିବା ବେଳେ ଗତ ପ୍ରାୟ ବର୍ଷେ ସମୟ ବନ ବିଭାଗ ଏହି ବେଆଇନ ଚାଲାଣକୁ ଗୁରୁତ୍ୱ ଦେଇନଥିଲା । କିନ୍ତୁ ବଲାଙ୍ଗିର ଡିଏଫଓ ଭାବେ ଅଜିତ ବିଶି ଯୋଗଦେବା ପରେ ଖଇର କାଠ ଚାଲାଣକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ସହ ଚାଲାଣ ଉପରେ ଚଢ଼ଉ କରିବା ପାଇଁ ରେଞ୍ଜରମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । କିନ୍ତୁ ଏହି କାରବାରକୁ ରୋକିବାକୁ ହେଲେ ଏହାର ମାଷ୍ଟର ମାଇଣ୍ଡକୁ ଗିରଫ କରିବାକୁ ଦାବି ହୋଇଛି । ଏନେଇ ଡିଏଫଓ ଅଜିତ ବିଶିଙ୍କୁ ପଚାରିବାରୁ ମାଷ୍ଟର ମାଇଣ୍ଡମାନଙ୍କ ବିଷୟରେ ସୂଚନା ଅଛି କିନ୍ତୁ ସିଧାସଳଖ ଭାବେ ତାଙ୍କ ନାମ ସଂପୃକ୍ତିକୁ ନେଇ କୌଣସି ପ୍ରମାଣ ଅଭାବ ଥିବାରୁ ତାଙ୍କ ନାମରେ ମାମଲା ରୁଜୁ ହୋଇପାରୁନାହିଁ। ଆଗକୁ ଯଦି ତାଙ୍କ ନାମରେ କିଛି ବି ପ୍ରମାଣ ଆସେ ତେବେ ନିଶ୍ଚିତ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ଶ୍ରୀ ବିଶି କହିଛନ୍ତି ।

ମନ୍ଦିର ଉନ୍ନୟନ ପ୍ରକଳ୍ପ ନେଇ ବିଧାୟକଙ୍କ ସମୀକ୍ଷା

ବଲାଙ୍ଗିର,୨୨।୭(ସମିସ):ନବୀନ ସରକାର ଅମଳରେ ଆସିଥିବା ବିଭିନ୍ନ ମନ୍ଦିରଉନ୍ନୟନ ପ୍ରକଳ୍ପ କାମ ଆରମ୍ଭ ହୋଇପାରୁନାହିଁ।ତେଣୁ ଏହି ପ୍ରକଳ୍ପ କାମକୁ ଆରମ୍ଭ କରିବା ତଥା ତ୍ୱରାନ୍ୱିତ କରିବାକୁ ମଙ୍ଗଳବାର ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଛନ୍ତି। ମୁଖ୍ୟତଃ ସମଲେଶ୍ୱରୀମନ୍ଦିର ଉନ୍ନୟନକାମ ଆରମ୍ଭ ହେଉନଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରି କାମ ଆରମ୍ଭ କରିବାକୁ ବିଧାୟକ ପ୍ରଶାସନକୁ ନିର୍ଦ୍ଦେଶ କରିଛନ୍ତି। ପାଟଣେଶ୍ୱରୀମନ୍ଦିର,ଗୋପାଳଜୀମନ୍ଦିରର ଉନ୍ନୟନକାମକୁ ତ୍ୱରାନିତ୍ୱ କରାଯାଇ ସାରିବାକୁ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ କରିଛନ୍ତି। ଏହା ସହିତ ବଲାଙ୍ଗିର ସହରରେ ପର୍ଯ୍ୟଟନର ବିକାଶ କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପ୍ରଶାସନକୁ ପରାମର୍ଶ ତଥା ପ୍ରସ୍ତାବ ଦେଇଛନ୍ତି। ସେଥିରେ ବଲାଙ୍ଗିର ସହରରେ ଥିବା ରାଜୁଡା ଅମଳର ସମଲେଶ୍ୱରୀ,ପାଟଣେଶ୍ୱରୀ,ଗୋପାଳଜୀମନ୍ଦିର ସହିତ କରଙ୍ଗାକଟାବନ୍ଧ ଓ ରାଣୀବନ୍ଧକୁ ନେଇ ଏକ ଟୁରିଜମସର୍କିଟ ପାଇଁ ରାଜ୍ୟସରକାରଙ୍କୁ ପ୍ରସ୍ତାବ ପଠାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ କରିଛନ୍ତି। ଗତ ମାସରେ ବିଧାୟକ ତାଙ୍କର ନିର୍ବାଚନମଣ୍ଡଳି ଉନ୍ନୟନ ସମୀକ୍ଷା ବୈଠକରେ ସମସ୍ତମନ୍ଦିରର ଜମିଗୁଡିକର ମାପକରି ରିପୋର୍ଟ ଦେବାକୁ ରାଜସ୍ୱବିଭାଗକୁ ନିର୍ଦ୍ଦେଶ କରିଥିଲେ। ସେହିକ୍ରମରେ ସମଲେଶ୍ୱରୀମନ୍ଦିର ଓ ପାଟଣେଶ୍ୱରୀମନ୍ଦିରର ମାପଚୁପ ହୋଇଯାଇଥିବା ରାଜସ୍ୱବିଭାଗ ରିପୋର୍ଟ ଦେଇଥିଲା । ସମଲେଶ୍ୱରୀମନ୍ଦିରର ବିକାଶ ପାଇଁ ୩ କୋଟି ଟଙ୍କା ଆସିଥିବାରୁ ଏଠାରେ ଥିବା ଷ୍ଟଲଗୁଡିକୁ ହଟାଯାଇ ମନ୍ଦିରବେଢାକୁ ପ୍ରସସ୍ତ କରାଯିବାକୁ ସମଲେଶ୍ୱରୀ ପୂଜାକମିଟି ପ୍ରସ୍ତାବ ଦେଇଥିଲେ ।ଏହି କମିଟିର କାହ୍ନା ଶତପଥି,ବିକାଶ ସା,ସାମ୍ବାଦିକ ନୂତନ ମିଶ୍ର ପ୍ରମୁଖ ସମଲେଶ୍ୱରୀମନ୍ଦିରର ଉନ୍ନୟନ ନେଇ ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବରେ ସମଲେଶ୍ୱରୀମନ୍ଦିର ଦୁଇପଟେ ଥିବା ଷ୍ଟାଲଗୁଡିକୁ ଭଙ୍ଗାଯାଇ ସେଠାରେ ଥିବା ଦୋକାନୀଙ୍କୁ ଗୋପାଳଜୀମନ୍ଦିର ଜମିରେ ଥିବା ଅସୁରକ୍ଷିତ ବିଲଡିଂ ସ୍ଥାନରେ ଷ୍ଟଲ ନିର୍ମାଣ କରାଯାଇ ଥଇଥାନ କରାଯାଉ। ଠିକ ସେହିପରି ସମଲେଶ୍ୱରୀମନ୍ଦିରର ପୂଜକଙ୍କ ପାଇଁ ନବନିର୍ମିତ ଗୃହକୁ ପୂଜକଙ୍କୁ ସ୍ଥାନାନ୍ତରିତ କରାଯାଇ ଏଠାରେ ଥିବା ଘରକୁ ଭଙ୍ଗାଯାଇ ମନ୍ଦିର ବେଢାକୁ ବଡ କରାଯାଉ ବୋଲି ଯୁବକମାନେ ପ୍ରସ୍ତାବ ଦେଇଥିଲେ । ଠିକ ସେହିପରି ଲକ୍ଷ୍ମୀନାରାୟଣମନ୍ଦିର ଜମିର ତୁରନ୍ତ ମାପଚୁପ କରାଯାଇ ଉନ୍ନୟନ କାମ ଆରମ୍ଭ କରାଯିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଆଜିର ବୈଠକରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହିତ ପୌରାଧକ୍ଷ ଲିକା ସାହୁ,ପିଡି ଡୁଡା ତରଣୀ ସୁନା,ଉପଜିଲ୍ଲାପାଳ ଆଲୋକ ପଟେଲ,ପୌରନିର୍ବାହୀଅଧିକାରୀ ସନ୍ତୋଷକୁମାର ବେହେରା,ପୂର୍ତ୍ତବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ.ଆସୁତୋଷ ଜେନା,ଏସଡିଓ ଇଂ.ବେହେରା,କନିଷ୍ଠଯନ୍ତ୍ରୀ ଇଂ.ଲିପନ ନାଏକ,ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ.ଇନ୍ଦ୍ରଜିତ ସାହୁ,ରାଜସ୍ୱବିଭାଗର ସୁପରଭାଇଜର ସଂନ୍ଦୀପ ନନ୍ଦ ପ୍ରମୁଖଙ୍କ ସମେତ ଅଧିକାରୀଗଣ ଯୋଗଦେଇଥିଲେ ।

ଗ୍ୟାସ ସିଲିଣ୍ଡର ଫାଟି; ୩ ଗୁରୁତର

ବଲାଙ୍ଗିର,୨୨।୭(ସମିସ):ବଲାଙ୍ଗିର ସହରରେ ଗ୍ୟାସ ସିଲିଣ୍ଡର ଫାଟି ତିନି ଜଣ ଗୁରୁତର ହେବା ଭଳି ଘଟଣା ସମ୍ମୁଖକୁ ଆସିଛି । ରୋଷେଇ କରୁଥିବା ବେଳେ ଏହି ଗ୍ୟାସ ସିଲିଣ୍ଡର ଫାଟି ଥିବା ଜଣାପଡିଛି । ସୂଚନା ଅନୁସାରେ ମଙ୍ଗଳବାର ମଧ୍ୟାହ୍ନରେ ବଲାଙ୍ଗିର ଚନ୍ଦ୍ରଶେଖର ନଗର ପଡ଼ାରେ ରହୁଥିବା ନିଲ ମୁଣ୍ଡାଙ୍କ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ଫାଟିଥିବା ଖବର ସାମ୍ନାକୁ ଆସିଥିଲା ।ଏହି ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ । ୩ ଗୁରୁତର ହେଲେ ନୀଳ ମୁଣ୍ଡା, ଧ୍ରୁବ ମୁଣ୍ଡା, ବାଦଲ ମୁଣ୍ଡା ବୋଲି ଜଣାପଡିଛି । ଘରେ ଭାତ ରାନ୍ଧୁଥିବା ବେଳେ ଗ୍ୟାସ୍ ସିଲିଣ୍ଡର ହଠାତ୍ ଫାଟିଥିଲା । ଫଳରେ ପରିବାର ସଂପୃକ୍ତ ୩ଜଣ ଗୁରୁତର ହୋଇଥିବା ବେଳେ ଖବର ପାଇଁ ଘଟଣାସ୍ଥଳରେ ବଲାଙ୍ଗିର ଟାଉନ ପୁଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରିଥିଲା । ସମସ୍ତ ଗୁରୁତର ଆହତମାନଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ତେବେ ଅସାବଧାନତାରୁ ଏହିଭଳି ଘଟଣା ଘଟିଥିବା ସୂଚନା ମିଳିଛି ।

ଶ୍ୟାଜୀ ରାଇସ ମିଲରେ ଶ୍ରମିକ ଗୁରୁତର ଘଟଣା | ମିଲ୍‌ରେ ଶ୍ରମିକଙ୍କୁ ଦିଆଯାଉନି ସୁରକ୍ଷା କିଟ୍

କଣ୍ଟାବାଞ୍ଜି,୨୨।୭(ସମିସ): ଶ୍ରମିକଙ୍କୁ ସୁରକ୍ଷା ଦେବାକୁ ସରକାରୀ,ବେସରକାରୀ ଅନୁଷ୍ଠାନ ଗୁଡିକୁ ସରକାର ନିର୍ଦ୍ଦେଶ ଦେଉଥିବା ବେଳେ ସରକାରୀ ନିୟମ ଉଲ୍ଲଙ୍ଘନ କରି ଶ୍ରମିକଙ୍କୁ ସୁରକ୍ଷା ଦିଆଯାଉନାହିଁ । ଯାହାଫଳ ରେ ଶ୍ରମିକମାନେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏହିପରି ଘଟଣା ସାମ୍ନାକୁ ଆସିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି

● ପ୍ୟାରିସରେ ଅନ୍ତର୍ଜାତୀୟ ଇତିହାସ ଅଲମ୍ପିଆଡ

ସ୍ୱର୍ଣ୍ଣ ଜିତିଲେ ଧର୍ମଗଡ଼ର ଇଶାନ ପାତ୍ର

ଧର୍ମଗଡ଼,୨୨।୭ (ସମିସ): ସମ୍ପ୍ରତି ପ୍ୟାରିସରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଇତିହାସ ଅଲମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଧର୍ମଗଡ ବ୍ଲକ୍ ପ୍ୟାରିସରେ ଅନୁଷ୍ଠିତ-୨୦୨୫ଅନ୍ତର୍ଜାତୀୟ ଇତିହାସ ଅଲିମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସହର ନିକଟସ୍ଥ ଗମ୍ଭାରିଗୁଡ଼ାରୁ ଆସିଥିବା

ଇଶାନ ବର୍ତ୍ତମାନ ଜାପାନ ଦେଶ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଯେଉଁ ଠାରେ ସେ ଅଧ୍ୟୟନ କରୁଛନ୍ତି। ସେ ପୂର୍ବରୁ ଜାପାନରେ ଜାତୀୟସ୍ତରୀୟ ଇତିହାସ ଅଲିମ୍ପିଆଡରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ଏବଂ ଗତ ବର୍ଷ ଥାଇଲ୍ୟାଣ୍ଡରେ ଏସୀୟ ଇତିହାସ ଅଲିମ୍ପିଆଡରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ଯେଉଁଠାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ - ପ୍ୟାରିସରେ ଅନ୍ତର୍ଜାତୀୟ ଇଭେଣ୍ଟରେ ତାଙ୍କର ଚୟନ ପାଇଁ ପଥ ପ୍ରଶସ୍ତ କରିଥିଲେ। ଯଦିଓ ସେ ଜାପାନର ପ୍ରତିନିଧି ଭାବରେ ଅଂଶଗ୍ରହଣ କରିଥିଲେ ଇଶାନଙ୍କ ଉଲ୍ଲେଖନୀୟ ସଫଳତା ପରିବାର, ବନ୍ଧୁ, କଳାହାଣ୍ଡି ଏବଂ ଓଡ଼ିଶା ପାଇଁ ଗର୍ବ ଅଟେ।

ନୂତନ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ଯୋଗଦାନ

ଧର୍ମଗଡ଼,୨୨।୭ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ନୂତନ ଉପଖଣ୍ଡ ପୁଲିସ ଅଧିକାରୀ ଭାବରେ ଦୋଲମଣି ଭୋଇ ଯୋଗ ଦେଇଛନ୍ତି। ପୂର୍ବରୁ ସେ କେଉଁଝରରେ ଉପଖଣ୍ଡ ପୁଲିସ ଅଧିକାରୀ ରହିଥିଲେ। ପୂର୍ବତନ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ କୁମାର ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ପଡିଥିଲା। ନୂତନ ଉପଖଣ୍ଡ ପୁଲିସ ଅଧିକାରୀ ଶ୍ରୀ ଭୋଇ ଯୋଗ ଦେବା ପରେ ଧର୍ମଗଡ ଥାନା ଅଧିକାରୀ ପ୍ରଶାନ୍ତ କୋଲାହରସ,ଏଆଇ ସନ୍ତୋଷ କୁମାର ସେଠୀ,ଏଏସଆଇ ସନ୍ତୋଷ ସିର୍କା,ପ୍ରବୀଣ କୁମାର ରଥ,ବୀରେନ୍ଦ୍ର ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

ରୋଗୀ କଲ୍ୟାଣ ସମିତି ବୈଠକ

ଡାକ୍ତରଙ୍କ ଡ୍ୟୁଟିକୁ ନେଇ ଅସନ୍ତୋଷ

ଧର୍ମଗଡ଼,୨୨।୭ (ସମିସ)

ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଆଜି ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧର୍ମଗଡ ଉପଜିଲ୍ଲାପାଳ ଅଜୟ ତିର୍କି,ବୈଠକର ଆବାହକ ତଥା ଉପଖଣ୍ଡ ଚିକିତ୍ସାଧିକାରୀ ଡା.ସଦାନନ୍ଦ ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଇଙ୍ଗିତ କୁମାର ପଣ୍ଡା,ବିଡ଼ିଓ ସଦାଶିବ ନାୟକ, ବ୍ଲକ୍ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଡାକ୍ତରଖାନାର ବିଭିନ୍ନ ସମସ୍ୟା, ଅଭାବ ଅସୁବିଧା ସମ୍ପର୍କ ରେ ଉପଖଣ୍ଡ ଚିକିତ୍ସାଧିକାରୀ ସମିତି କୁ ଅବଗତ କରାଇଥିଲେ। ଗୋଟିଏ ଶବବ୍ୟବଚ୍ଛେଦ ଗୃହ ନିର୍ମାଣ,ଚିକିତ୍ସାଳୟର ବାଉଣ୍ଡରୀ ୱାଲ ନିର୍ମାଣ, ଡ୍ରେନଜ ବ୍ୟବସ୍ଥା, ଶବବାହାକ ଗାଡ଼ିର ବ୍ୟବସ୍ଥା ସହ ଚିକିତ୍ସାଳୟ ହତାରେ ଦଲାଲ ରାଜକୁ ହଟାଇବା ସହ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଖୁବଶୀଘ୍ର ଏକ ଶବ ବାହକ ଗାଡ଼ି ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଡାକ୍ତରମାନେ ହସ୍ପିଟାଲ ରେ ରୋଗୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ବାହାରେ ନିଜେ ସମ୍ପୃକ୍ତ ଥିବା କ୍ଲିନିକକୁ ରୋଗୀଙ୍କୁ ପଠାଇ ଚିକିତ୍ସା କରୁଥିବା ଅଭିଯୋଗ କରିଥିଲେ ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଥି ସହ ବିଶେଷଜ୍ଞ ଡାକ୍ତରମାନେ ଓପିଡି ସମୟରେ ନିଜ ନିଜ ଚାମ୍ବରରେ ବସୁ ନ ଥିବାରୁ ରୋଗୀମାନେ ହଇରାଣ ହେଉ ଥିବା ଶ୍ରୀ ଅଗ୍ରୱାଲ ଅସନ୍ତୋଷ ପ୍ରକାଶ କରିଥିଲେ। ସକାଳ ଓପିଡି ସମୟରେ ବିଶେଷଜ୍ଞ ଡାକ୍ତରମାନେ ଚାମ୍ବରରେ ବସିବା ନେଇ ସୁନିଶ୍ଚିତ କରିବା ପାଇଁ ସେ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରିଥିଲେ। ହସ୍ପିଟାଲ ମେନେଜର ସୋମେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଯୌନ ଉତ୍ପୀଡ଼ନ ରୋକିବା ପାଇଁ ସଚେତନତା

କେସିଙ୍ଗା,୨୨।୭ (ସମିସ):ତାଲୁକ ଆଇନ ସେବା ସମିତି କେସିଙ୍ଗା ପକ୍ଷରୁ କସ୍ତୁପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ ଆଇନ ସେବା ସମିତି କେସିଙ୍ଗା ଦୀପ୍ତା ସେଠୀ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ କର୍ମ କ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡନକୁ ରୋକିବା ତଥା ତତ୍ ସଂଲଗ୍ନ ବିଭିନ୍ନ ଆଇନ ଏବଂ ଆଦିବାସୀ ଜାତି ଓ ଜନଜାତି ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟଉପରେ ଆଲୋଚନା କରିଥିଲେ।ଏଥିରେ ବରିଷ୍ଠ ଆଇନଜୀବି ସୌମ୍ୟରଞ୍ଜନ ମିଶ୍ର,ସୁକାନ୍ତ କୁମାର ପଧାନ, ହରିପ୍ରସାଦ ତାଣ୍ଡି, ସୌରରଶ୍ମି ନନ୍ଦ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାଏକ, କେସିଙ୍ଗା ଆଦର୍ଶ ଥାନାର ଏଏସଆଇ ଶାନ୍ତିଲତା ବାରିକ, ପାରାଲିଗାଲ ସ୍ୱେଚ୍ଛାସେବୀ ସନ୍ତୋଷ ଦଣ୍ଡସେନା ଏବଂ ବିଦ୍ୟାଳୟ କର୍ମଚାରୀ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

ନଙ୍ଗଲବୋର୍ଡ ଗ୍ରାମରେ ଝାଡ଼ାବାନ୍ତି ୧୬ ଆକ୍ରାନ୍ତ,୬ ଗୁରୁତର

ସିନାପାଲି,୨୨।୭ (ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ବଣପାହାଡ଼ ଘେରା ଉପାନ୍ତ ନଙ୍ଗଲବୋର୍ଡ ଗ୍ରାମରେ ଝାଡ଼ାବାନ୍ତି ୧୬ ଜଣ ଆକ୍ରାନ୍ତ ହୋଇ ଥିବା ବେଳେ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଛି। ଗୁରୁତର ବ୍ୟକ୍ତି ହେଲେ ବିଶି ମାଝି (୩୦), ଉଗ୍ରେସନ ମାଝି (୩୩), ବନିତା ମାଝି (୨୭), ମାଧୁରୀ ମାଝି (୫୦), ଗନସି ମାଝି (୪୫), ଦେବକୀ ମାଝି (୩୦) ବୋଲି ଜଣା ପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ସିନାପାଲି ସଦର ମହକୁମା ଠାରୁ ଦୀର୍ଘ ୩୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ଗତ ତିନିଦିନ ଧରି ଝାଡ଼ାବାନ୍ତି ବ୍ୟାପି ଥିବା ବେଳେ ସ୍ଥାନୀୟ ଗ୍ରାମର ଆଶା କର୍ମୀ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣାଇବା ପରେ ଆମ୍ବୁଲାନ୍ସ ଯୋଗେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଚାଲିଥିବା ବେଳେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟିମ୍ ଗାଁକୁ ଯାଇ ଅଧିକ ତଦନ୍ତ କରିବା ସହ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀମାନ ସାହୁ କହିଛନ୍ତି।

ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଧର୍ମଗଡ଼,୨୨।୭ (ସମିସ): ଧର୍ମଗଡ ଠାରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ କୁମାର ତିର୍କୀ, କଳାହାଣ୍ଡି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ,ଧର୍ମଗଡ ବ୍ଲକ୍ ଅଧ୍ୟକ୍ଷା ବବିତା ପଟ୍ଟଯୋଷୀ,ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମଳୟ କୁମାର ସିଂ,ସହକାରୀ କୃଷି ଯନ୍ତ୍ରୀ ଉପ ନିର୍ଦ୍ଦେଶକ ମନୋଜ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ 'ମା ପାଇଁ ଗଛ ଟିଏ' ଅଭିଯାନର ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥଲା।

ଆଶଙ୍କାରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ

ଧାନ କିଣାବେଳେ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ଦାବି

ନୂଆପଡା,୨୨।୭ (ସମିସ):ଧାନକିଣାରେ ମହିଳା ସଂୟ ସହାୟକ ଦଳର ମହିଳାମାନଙ୍କୁ ନିୟୋଜିତ କରି ତତ୍କାଳୀନ ସରକାର ସ୍ୱାବଲମ୍ବୀ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏଥିରେ ମହିଳାମାନେ ସଫଳ ମଧ୍ୟ ହୋଇଥିଲେ। ଦ୍ୱି ପଇସା ରୋଜଗାର କରିବାର ରାସ୍ତା ଫିଟିଥିଲା। ହେଲେ ଏଥର ଆଗକୁ ଏଥିରୁ ବାଦ ପଡିବା ଆଶଙ୍କା ମହିଳାମାନଙ୍କୁ ବ୍ୟଥିତ କରୁଛି। ଏଥିପାଇଁ ସଂୟସହାୟକ ଦଳର ମହିଳାମାନେ ନୂଆପଡା ଆସି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗକୁ ଖରିଫ ଧାନକିଣାବେଳେ ଚାଷୀଙ୍କ ଧାନକିଣା ତଥ୍ୟ ପଞ୍ଜୀକରଣ ଦାୟୀତ୍ୱ ପ୍ରକ୍ରିୟାରେ ପରିବର୍ତନ କରାଯାଇଥିବାରୁ ଆଶା ଆଶଙ୍କାରେ ନୂଆପଡା ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିକୁ ଛଅ ବର୍ଷ ଧରି ସଂୟ ସହାୟକ ଦଳର ମହିଳାମାନେ ଧାନକିଣା କାରବାରରେ ସାମିଲ ରହିଆସିଛନ୍ତି। ଏଥିରୁ ବେଶ ଦୁଇ ପଇସା ମଧ୍ୟ ରୋଜଗାର କରୁଥିଲେ। ଏଥିପାଇଁ ଚାଷ ସମୟରେ ଚାଷୀଙ୍କ ପଞ୍ଜୀକରଣ ପକ୍ରିୟା ମଧ୍ୟ ପରିଚାଳନା କରୁଥିଲେ। ହେଲେ ଏଥର କୁଆଡେ ଏଥିରୁ ସେମାନଙ୍କୁ ବାଦ ଦିଆଯାଇ ଏସବୁ ପ୍ୟାକ୍ସ ଦ୍?ାରା କରାଯାଉଛି। ଏଥିରେ ସଂୟ ସହାୟକ ଦଳ ଗୁଡିକୁ ସେମାନଙ୍କୁ ଆଗାମୀ ଦିନରେ ଧାନକିଣାରେ ବାଦ ଦିଆଯିବାର ଏକ ଚକ୍ରାନ୍ତ ଚାଲିଥିବା ନେଇ ଆଶଙ୍କାରେ ରହିଛନ୍ତି ଜ ତେବେ ଏହାକୁ ନେଇ ବ୍ରାହ୍ମଣୀଗୁଡା ଏସଏଚ୍‌ଜି ସଭାପତି କସ୍ତୁରୀ ଟଂଜାରା, ସଂପାଦକ ସିଙ୍ଗଝର ମାଁ ତୁଳସୀ ଏସଏଚ୍‌ଜି ସଭାପତି ଲୋଚନି ନାଗ, ପ୍ରମିଳା ପ୍ରଧାନ, ଡୋଙ୍ଗରୀପାଲିରୁ ପଦନା ମାଝୀ, କାମପୁରରୁ ସେଫ ସୁଷମା ବେଗ, ସିନାପାଲିରୁ ଚାସନ୍ତି ମାଝୀ, କର୍ଲାକୋଟରୁ ଜମୁନା ଚେହେରା,ସାନମହେଶ୍?ରରୁ ଚମ୍ପାବତୀ, ବୁଢାପଡାରୁ ଦଶମତି ମାଝୀ ପ୍ରମୁଖ ନୂଆପଡା ଆସି ଜିଲ୍ଲାପାଳଙ୍କୁ ଭେଟିଦାବିପତ୍ର ପ୍ରଦାନ କରିଛନ୍ତି। ଏକ ତାବିପତ୍ର ପ୍ରଦାନ କରିବା ସହ ସେମାନଙ୍କୁ ଧାନକିଣା ପାଇଁ ଚାଷୀ ପଞ୍ଜୀକରଣରେ ସାମିଲ କରିବାକୁ ଦାବି କରିଥିଲେ। ନୂତନ ନିୟମ ଅନୁସାରେ ପ୍ୟାକ୍ସକୁ ପଞ୍ଜୀକରଣ ଦାୟିତ୍ୱ ଦିଆଯାଇଛି। ଏଥିରେ ଆଗକୁ ବିଚାର କରାଯିବ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ଖରିଫ ଋତୁରେ ଏସଏଚଜି ମାନଙ୍କ ଦ୍ୱାରା ଧାନକିଣା ଯାଇଥିଲେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି।

ଏହା ମଧ୍ୟ ତୁରନ୍ତ ପ୍ରଦାନ କରିବାକୁ ମହିଳାମାନେ କହିଛନ୍ତି। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ ମହିଳାମାନଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଉପରେ ଆଲୋଚନା କରିଥିଲେ।

■ ଭୂତ ଉଠାଇ ନେଉଛି ଭତ୍ତା ଟଙ୍କା ଘଟଣା

ଖବର ପ୍ରକାଶନ ପରେ ହିତାଧିକାରୀ ନିକଟରେ ପହଞ୍ଚିଲା ଟଙ୍କା

ସିନାପାଲି,୨୨।୭ (ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ କୁସୁମଯୋର ପଞ୍ଚାୟତ ବ୍ରାହ୍ମଣୀଗୁଡା ଗ୍ରାମର ମିଥିଳା ମାଝି ବୃଦ୍ଧାଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣାକୁ ନେଇ ସକାଳ ଖବର କାଗଜରେ ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ପୂର୍ବାହ୍ନରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ୍ରମେ ସଂପୃକ୍ତ ହିତାଧିକାରୀ ପାଖକୁ ଯାଇ ତାଙ୍କର ତିନି ମାସର ୩୪୦୦ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ସିନାପାଲି ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ନାଏକ,ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଦୁଷ୍ମନ୍ତ ନାଗ, ପିଇଓ ବିସମ୍ବର ମାଝି, ସ୍ଥାନୀୟ ୱାର୍ଡ ସଭ୍ୟ ସୁକାଚନ ମାଝି ସମେତ ଗ୍ରାମର ଲୋକଙ୍କ ଉପସ୍ଥିତି ରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବା ସମାଜ ମଙ୍ଗଳ ଅଧିକାରୀ

ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଭତ୍ତା ଟଙ୍କା ପ୍ରଦାନ ଦାୟିତ୍ୱ ସଂପୃକ୍ତ ପିଇଓ ମାନଙ୍କ ହାତରେ ନ୍ୟସ୍ତ ରହିବା କଥା ହେଲେ ବିଭିନ୍ନ ସ୍ଥାନ ରେ ସରପଞ୍ଚ ଏପରିକି ପଞ୍ଚାୟତ ପିଅନ ଦାୟିତ୍ୱ ନିର୍ବାହ କରୁଛନ୍ତି। ଯାହା ଫଳରେ ଏଭଳି ଅବ୍ୟବସ୍ଥା ହେଉଥିବା ବେଳେ ଏଥି ପ୍ରତି ପ୍ରଶାସନିକ ଅଧିକାରୀ ମାନଙ୍କ ତାଗିଦ ନ ହେଲେ ଅବ୍ୟବସ୍ଥା ସାଙ୍ଗକୁ ଦୁର୍ନୀତି ହେବାର ଆଶଙ୍କା ରହିଛି। କିଛି ସ୍ଥାନରେ ହିତାଧିକାରୀ ମୃତ୍ୟୁବରଣ ପରେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଉ ନ ଥିବାର ମାସାଧିକକାଳ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ବେଳେ ତାଙ୍କ ସ୍ଥାନରେ ଅପେକ୍ଷା ରେ ଥିବା ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

'ଆମ କୁନି ପିଲା' କାର୍ଯ୍ୟକ୍ରମ ପାଇଁ ଅଙ୍ଗନବାଡ଼ି କର୍ମୀଙ୍କ ତାଲିମ ଶିବିର

ଭବାନୀପାଟଣା,୨୨।୭ (ସମିସ):ପ୍ରାକ ପ୍ରାଥମିକ ଶିକ୍ଷା ପାଇଁ ସଂପ୍ରତି ସହର ଠାରୁ ଗ୍ରାମାଞ୍ଚଳର ଶିଶୁମାନେ ପ୍ରାୟତଃ ଅଙ୍ଗନବାଡ଼ିର ସାହାଯ୍ୟ ନେଇଥାଆନ୍ତି। ଉପଯୁକ୍ତ ସମୟରେ ବିଭିନ୍ନ ଶିଶୁରୋଗ ପାଇଁ ପ୍ରତିଷେଧକ ଟୀକା ନେବା, ଓଜନ ଓ ଉଚ୍ଚତାର ମାପ ରଖିବା, ପୁଷ୍ଟିକର ରନ୍ଧା ଅବା ଶୁଖିଲା ଖାଦ୍ୟ ପିଲାମାନଙ୍କୁ ଦେବା, ପାଠ ପଢାଇବା ଓ କୌଣସି ରୋଗହେଲେ ପ୍ରାଥମିକ ଚିକିତ୍ସା ଦେବାପରେ ଡାକ୍ତରଙ୍କୁ ଦେଖାବା ଭଳି ବହୁ କାମ ଅଙ୍ଗନବାଡ଼ି କର୍ମୀ ଉତ୍ସାହର ସହିତ କରି କେବଳ ସହର ନୁହେଁ ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଜନ ସାଧାରଣଙ୍କ ପ୍ରିୟହୋଇପାରିଛନ୍ତି। ଏବେ କିନ୍ତୁ କଅଁଳ ବୟସର (ଜନ୍ମରୁ ତିନିବର୍ଷ ପର୍ଯ୍ୟନ୍ତ) ପିଲାଙ୍କ ପାଇଁ ଯେଉଁମାନେକି ବାପା ମାଆଙ୍କ ସହ ଘରେ ରହୁଛନ୍ତି ସେମାନଙ୍କ ପାଇଁ 'ଆମ କୁନିପିଲା' ନାମକ ନୂତନ କାର୍ଯ୍ୟକ୍ରମ ହାତକୁ ଶିଶୁ ବିକାଶ ବିଭାଗ।ଏହି କ୍ରମରେ ଜନ୍ମରୁ ଛଅ ମାସ ପର୍ଯ୍ୟନ୍ତ, ସାତ ମାସରୁ ଏକବର୍ଷ ପର୍ଯ୍ୟନ୍ତ,୧ ବର୍ଷରୁ ଦୁଇବର୍ଷ ଓ ୨ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଅଙ୍ଗନବାଡି କର୍ମୀମାନେ କିଭଳି ପିଲାମାନଙ୍କ ଘରେ ଶିଶୁ ଓ ତାଙ୍କ ଅଭିଭାବକମାନଙ୍କୁ ଉପଯୁକ୍ତ ଶିକ୍ଷା

ଦେଇପାରିବେ ସେ ସମ୍ପର୍କରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଡିଏସ୍ ଡବ୍ଲ୍ୟୁ ଓ,କଳାହାଣ୍ଡି ମୁଜିବେନ୍ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବ୍ଲକ ପରିସରରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଓ ଏଥିରେ ପ୍ରକଳ୍ପ ସମନ୍ୱିତ ଶିଶୁ ବିକାଶ ଭବାନୀପାଟଣା (ଗ୍ରାମାଞ୍ଚଳ)ର ସିଡିପିଓ ନିୟତିବାଳା ସୋରେନ୍ ଅଧ୍ୟକ୍ଷତା କରିଥିଲେ।ଏହି ତାଲିମ ଶିବିରରେ ବ୍ଲକ ଅଞ୍ଚଳର ବିଭିନ୍ନ ସେକ୍ଟରରୁ ୧୩୦ ଜଣ ଅଙ୍ଗନବାଡ଼ି କର୍ମୀ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।ସୁପରଭାଇଜର ଗୌରୀ ମୁଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ କର୍ମୀଙ୍କୁ ଆଦ୍ୟ ଶୈଶବରୁ ୩ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବିଭିନ୍ନ ପ୍ରକାର ଝୁମକା,ରଙ୍ଗୀନ ବଲ,ନରମ କନାର କଣ୍ଢେଇ, ଚିତ୍ର ଆଲବମ,ତିନି ଚକିଆ ଗାଡି, ନଡିଆ ପତ୍ର ଓ ତାଳପତ୍ରରେ ତିଆରି ପେଁକାଳୀ,ନଡିଆକତା ଓ ଝୋଟରେ ତିଆରି କଣ୍ଢେଇ,ବିଭିନ୍ନ ପ୍ଲାଷ୍ଟିକ ବୋତଲ ଦେଇ ଗାଡି,ଦିଆସିଲି ଖୋଳରେ ରେଳଗାଡି ଆକୃତି,ଗଣନା ପାଇଁ ଠିପି, ମାଟିଗୋଲି,ପ୍ଲାଷ୍ଟିକ ଫୁଲଫଳର ନାଆଁ କହିବା ଆଦି ତାଲିମ ଦେଇଥିଲେ। ପିତାମାତା ତଥା ପରିବାର ସଦସ୍ୟଙ୍କ ଦ୍ୱାରା ଶିଶୁର ସୁଖଦ ଲାଳନ ପାଳନ,ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସମ୍ପୂର୍ଣ୍ଣ ବିକାଶ ଓ ଶିଶୁ ପାଇଁ ଭବିଷ୍ୟତରେ ଯେପରି କୌଣସି ବିପଦ ନ ରହିବ ସେଥିପାଇ

ସକାଳ
THE SAKALA

ଇସ୍ତଫା ରହସ୍ୟ

ଭାରତୀୟ ଗଣତନ୍ତ୍ର ଇତିହାସରେ ୨୦୨୫ ଜୁଲାଇ ତୃତୀୟ ସପ୍ତାହ ଏକ ବିତର୍କିତ ଅଧ୍ୟାୟ ଲେଖିଛି । ସୋମବାର ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ଇସ୍ତଫା ଦେଇଛନ୍ତି । ସ୍ୱାଧୀନ ଭାରତ ଇତିହାସରେ ଭି ଭି ଗିରି ଓ ଆର ଭେଙ୍କଟରମଣଙ୍କ ପରେ କାର୍ଯ୍ୟକାଳ ମଝିରୁ ଇସ୍ତଫା ଦେବାରେ ସେ ତୃତୀୟ ଉପରାଷ୍ଟ୍ରପତି ଭାବେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛନ୍ତି । ସେହିପରି ଆବାସିକ ପରିସରରୁ ନଗଦ ଟଙ୍କା ଉଦ୍ଧାର ଘଟଣାରେ ବିବାଦୀୟ ହୋଇପଡ଼ିଥିବା ଉଚ୍ଚ ନ୍ୟାୟାଳୟର ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ସଂସଦରେ ମହାଅଭିଯୋଗ ପ୍ରସ୍ତାବ ଆସିଛି । ଏହି ଦୁଇ ଘଟଣା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଦୁଇ ସ୍ତମ୍ଭ ବିଧାନପାଳିକା ଓ ନ୍ୟାୟପାଳିକାର ମର୍ଯ୍ୟାଦା ଓ ଗରିମାରେ ଆଞ୍ଚ ଆଣିଛି ନିଶ୍ଚୟ।

ଭି ଭି ଗିରି ଓ ଆର ଭେଙ୍କଟରମଣ ରାଷ୍ଟ୍ରପତି ପ୍ରାର୍ଥିତ୍ୱ ପାଇଁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିବା ବେଳେ ଧନଖଡ଼ଙ୍କ କ୍ଷେତ୍ରରେ ସେଭଳି କୌଣସି ସମ୍ଭାବନା ନାହିଁ । ତେଣୁ ତାଙ୍କ ଇସ୍ତଫାକୁ ନେଇ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ । ଯେଉଁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଇସ୍ତଫା ଦେଇଛନ୍ତି ତାହା ସହଜରେ ଗ୍ରହଣଯୋଗ୍ୟ ହୋଇପାରୁନାହିଁ । ଇସ୍ତଫା ପଛର କାରଣ ତର୍ଜମା କରିବାରେ ଜାତୀୟ ଗଣମାଧ୍ୟମ ମୁଖର ହୋଇଛି । କେତେକ ମହଲର ମତ ହେଲା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀଙ୍କୁ କହିବାକୁ ବାଚସ୍ପତି ସୁଯୋଗ ଦେଉନଥିବା ଅଭିଯୋଗ ଆସିଥିବା ବେଳେ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ସମ୍ପୂର୍ଣ୍ଣ ସମୟ କହିବାକୁ ସୁଯୋଗ ମିଳିଥିଲା । ଖଡ଼ଗେଙ୍କ ବକ୍ତବ୍ୟ ପରେ ରାଜ୍ୟସଭାରେ ଶାସକ ଦଳର ନେତା ଜେପି ନଡ୍ଡା ଖଡ଼ଗେଙ୍କ ବକ୍ତବ୍ୟ ରେକର୍ଡରୁ ବାଦ୍ ଦିଆଯିବ ବୋଲି କହିଥିଲେ । ଏହାଛଡ଼ା ଧନଖଡ଼ଙ୍କ ଦ୍ୱାରା ଆହୂତ ଦ୍ୱିତୀୟ ପର୍ଯ୍ୟାୟ ବିଜିନେସ୍ ଆଡ୍‌ଭାଇଜରି କମିଟି ବୈଠକରେ ନଡ୍ଡା ଓ ସଂସଦୀୟ ଓ ଆଇନ ମନ୍ତ୍ରୀ କିରଣ ରିଜ୍ଜୁ ଯୋଗ ଦେଇନଥିଲେ । ଏହା ଧନଖଡ଼ଙ୍କ ସମ୍ମାନ ଓ ସ୍ୱାଭିମାନକୁ କ୍ଷୁଣ୍ଣ କରିଥିଲା । ଏପରିକି ଖଡ଼ଗେଙ୍କୁ ଦୀର୍ଘ ସମୟ କହିବାକୁ କାହିଁକି ସୁଯୋଗ ଦିଆଗଲା ସେ ସମ୍ପର୍କରେ ଦଳୀୟ ହାଇକମାଣ୍ଡଙ୍କ ପକ୍ଷରୁ ଧନଖଡ଼ଙ୍କୁ ଜବାବ ତଲବ କରାଯାଇଥିବାରୁ ସେ ଇସ୍ତଫା ଦେଇଥିବା ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

ଆଉ କେତେକ ମହଲର ଯୁକ୍ତି ହେଉଛି ଜଣେ ସ୍ପଷ୍ଟବାଦୀ, ସ୍ୱାଭିମାନୀ ଓ ଶୃଙ୍ଖଳିତ ହେଡ୍‌ମାଷ୍ଟର ରୂପେ ପରିଚିତ ଧନଖଡ଼ ଚଳିତ ଅଧିବେଶନର ପ୍ରଥମ ଦିନରେ ଇସ୍ତଫା ଦେବା ପାଇଁ ମାନସିକ ସ୍ତରରେ ସ୍ଥିର କରିସାରିଥିଲେ । ତେଣୁ ଅନ୍ତତଃ ରାଜ୍ୟସଭା ଅଧ୍ୟକ୍ଷ ଭାବେ ଦାୟିତ୍ୱବୋଧ, ନୈତିକତା, ସଂସଦୀୟ ବିଧିବ୍ୟବସ୍ଥା ଏବଂ ଗଣତନ୍ତ୍ରର ଗରିମା ଦୃଷ୍ଟିରୁ ଗୃହର ବିରୋଧୀ ଦଳ ନେତାଙ୍କ ବାକ୍‌ସ୍ୱାଧୀନତାକୁ ଯଥାସମ୍ଭବ ସୁରକ୍ଷା ଦେଇ ନିଜ ସାମ୍ବିଧାନିକ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ରାଜ୍ୟସଭାରେ ଧନଖଡ଼ ଓ ଖଡ଼ଗେଙ୍କ ମଧ୍ୟରେ ବାକ୍‌ବିତଣ୍ଡା ସବୁବେଳେ ବିତର୍କିତ ଓ ବିବାଦୀୟ ହୋଇ ରହିଆସିଛି । ଧନଖଡ଼ଙ୍କ ପକ୍ଷପାତିତା ଯୋଗୁଁ ଗୃହରେ ମତାଧିକାର ସାବ୍ୟସ୍ତରୁ ବଞ୍ଚିତ ହେଉଥିବା ଅଭିଯୋଗ ଆଣି ଇଣ୍ଡିଆ ମେଣ୍ଟ ଗତ ଡିସେମ୍ବର ମାସରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲା । ତେଣୁ ସୋମବାର ଖଡ଼ଗେଙ୍କୁ ସମ୍ପୂର୍ଣ୍ଣ ସମୟ କହିବାର ସୁଯୋଗକୁ ସ୍ୱାଭାବିକ ଭାବେ ଗ୍ରହଣ କରାଯାଇପାରୁନାହିଁ । ଏହାକୁ ଆଧାର କରି ମତ ପ୍ରକାଶ ପାଉଛି ଯେ ବୋଧହୁଏ ଶେଷଦିନରେ ଖଡ଼ଗେଙ୍କୁ ବାକ୍‌ସ୍ୱାଧୀନତା ଦେଇ ଆପତତଃ ଧନଖଡ଼ ଏହା ପ୍ରମାଣ କରିବାକୁ ଚାହିଁଲେ ଯେ ସେ ଦଳୀୟ ଚାପରେ ନୈତିକତା ଓ ପଦମର୍ଯ୍ୟାଦାକୁ ହତ୍ୟା କରିବାକୁ ପ୍ରସ୍ତୁତ ନୁହନ୍ତି । ଇସ୍ତଫା ପଛରେ ଏହିସବୁ କାରଣ ଗଣମାଧ୍ୟମରେ ଆରମ୍ଭ ହୋଇଥିବା ତର୍ଜମାକୁ ଆହୁରି ଗତିଶୀଳ କରିଛି ।

ଏକଦା ଧନଖଡ଼ଙ୍କ ବିରୋଧରେ ମହାଅଭିଯୋଗ ପ୍ରସ୍ତାବର ନେତୃତ୍ୱ ନେଇଥିବା କଂଗ୍ରେସର କେତେକ ନେତା ଏବେ ଇସ୍ତଫା ନିଷ୍ପତ୍ତିର ପୁନଃବିଚାର ପାଇଁ ଧନଖଡ଼ଙ୍କୁ ଅନୁରୋଧ କରିଛନ୍ତି । ଇସ୍ତଫା ପାଇଁ ଧନଖଡ଼ଙ୍କ ଉପରେ ତାଙ୍କ ଦଳ ଚାପ ସୃଷ୍ଟି କରିଥିବା ମଧ୍ୟ କଂଗ୍ରେସ ଦଳ ଅଭିଯୋଗ ଆଣିଛି । ଅପରପକ୍ଷରେ ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସେହିରାଜ୍ୟରୁ ଜଣେ ଦଳିତ ବର୍ଗର ମୁହଁକୁ ଉପରାଷ୍ଟ୍ରପତି ପଦରେ ଅବସ୍ଥାପିତ କରାଯିବାର ଯୋଜନା ହୋଇଥିବା କେତେକ ମହଲ ମତ ଦେଉଥିବା ବେଳେ ଆଉ କେତେକ ମହଲର ମତ ହେଲା 'ଅପରେସନ୍ ସିନ୍ଦୂର'ରେ ଭାରତର ସଫଳତାକୁ ବିଶ୍ୱ ଦରବାରରେ ସଠିକ୍ ଉପସ୍ଥାପନା କରିଥିବା କଂଗ୍ରେସ ନେତା ଶଶି ଥରୁରଙ୍କୁ ଏନ୍‌ଡିଏ ପକ୍ଷରୁ ପରବର୍ତ୍ତୀ ଉପରାଷ୍ଟ୍ରପତି କରାଯିବାର ଯୋଜନା ଚୂଡ଼ାନ୍ତ ହୋଇଛି ଏବଂ ଏଥିପାଇଁ ଧନଖଡ଼ଙ୍କୁ ବାଧ୍ୟବାଧକତାରେ ଇସ୍ତଫା ଦେବାକୁ ପଡ଼ିଛି । ଶଶି ଥରୁରଙ୍କ ଗତ କିଛିଦିନର ସରକାରୀ ସପକ୍ଷବାଦୀ ଓ ରାଷ୍ଟ୍ରସ୍ୱାର୍ଥବାଦୀ ମତ ଓ ମନ୍ତବ୍ୟକୁ ତର୍ଜମା କଲେ ଏହି ଆଲୋଚନା ସମ୍ପୂର୍ଣ୍ଣ ନିରାଧାର ବୋଲି କହିହେବ ନାହିଁ । ଏହିସବୁ ଆଲୋଚନାରୁ ତାଙ୍କର ଇସ୍ତଫାକୁ ନେଇ ଯେ ରାଜନୀତି ସୃଷ୍ଟି ହୋଇସାରିଛି ତାହାକୁ ଅସ୍ୱୀକାର ମଧ୍ୟ କରାଯାଇପାରିବ ନାହିଁ । ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ହେଉ କିମ୍ବା ରାଜ୍ୟସଭାରେ ନୀତିନିୟମ ସହିତ ସାଲିସ୍‌ବିହୀନ କାର୍ଯ୍ୟକଳାପ ପାଇଁ ଅନେକ ସମୟରେ ଧନଖଡ଼ ବିବାଦୀୟ ହୋଇପଡ଼ିଥିଲେ । ସର୍ବୋପରି ସର୍ବୋଚ୍ଚ ନ୍ୟାୟାଳୟର କଲେଜିୟମ୍ ବ୍ୟବସ୍ଥାକୁ ବିରୋଧ ଏବଂ ବିଧେୟକ ପାରିତ କରିବାରେ ରାଷ୍ଟ୍ରପତିଙ୍କ ଲାଗି ସମୟ ସୀମା ଧାର୍ଯ୍ୟ ସଂକ୍ରାନ୍ତୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଚାଲେଞ୍ଜ କରି ଆହୁରି ଚର୍ଚ୍ଚାକୁ ଆସିଥିଲେ । ତାଙ୍କର ଏହି କଠୋରବାଦୀ ଆଭିମୁଖ୍ୟକୁ ମଧ୍ୟ ଇସ୍ତଫାର କାରଣ ସହିତ ଯୋଡ଼ାଯାଇଛି । ବିଦାୟକାଳୀନ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ଉତ୍ସବରେ ଯୋଗ ଦେବାକୁ ଧନଖଡ଼ ମନା କରିଦେବା ଘଟଣା ତାଙ୍କ ଇସ୍ତଫାର କାରଣକୁ ଆହୁରି ଚର୍ଚ୍ଚିତ କରିଛି ।

ତେବେ ଇସ୍ତଫା ପଛରେ ଯାହା ବି କାରଣ ଥାଉ ନା କାହିଁକି ସେ ବିଷୟରେ ଯେତେ ଅଧିକ ଖୋଳତାଡ଼ କରାଯିବ ବା ଅନୁମାନ ଆଧାରିତ ମନ୍ତବ୍ୟ ଦିଆଯିବ, ତାହା ଭାରତର ସାମ୍ବିଧାନିକ ପଦମର୍ଯ୍ୟାଦା ଓ ଗଣତାନ୍ତ୍ରିକ ଗରିମାର ପରିପନ୍ଥୀ ହେବ । ଧନଖଡ଼ ନିଜେ ତାଙ୍କ ଇସ୍ତଫାର କାରଣ ନ କହିବା ପର୍ଯ୍ୟନ୍ତ ତାହା ସବୁଦିନ ପାଇଁ ଏକ ରହସ୍ୟ ହୋଇ ରହିଥି ବ, ସବୁ ଆଲୋଚନା କେବଳ କଳ୍ପନାଜଳ୍ପନା ବୋଲି ଧରାଯିବ । ଏହି ରହସ୍ୟ ପଛରେ ଯଦି ରାଜନୀତି ଥାଏ, ତେବେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମଙ୍ଗଳ ଦୃଷ୍ଟିରୁ ତାହା ସବୁଦିନ ପାଇଁ ଆଢୁଆଳରେ ରହିବା ଉଚିତ ହେବ । ଗଣତନ୍ତ୍ରର ଏକ ଦାୟିତ୍ୱବାନ ସ୍ତମ୍ଭ ଭାବରେ ଆମେ ଏହି ରହସ୍ୟମୟ ଇସ୍ତଫା ପଛର କାରଣ ଅନ୍ୱେଷଣ କିମ୍ବା ନିଷ୍କର୍ଷରେ ପହଞ୍ଚିବାରୁ ଯଥାସମ୍ଭବ ନିବୃତ୍ତ ରହିବାକୁ ଉଚିତ୍ ମଣୁଛୁ । ଏଥିସହିତ ଉପରାଷ୍ଟ୍ରପତି ଓ ରାଜ୍ୟସଭା ଅଧ୍ୟକ୍ଷ ଭଳି ଏକ ସାମ୍ବିଧାନିକ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଇସ୍ତଫା ରହସ୍ୟକୁ ରାଜନୀତିର ଊର୍ଦ୍ଧ୍ୱରେ ରଖିବାକୁ ବିନମ୍ର ପରାମର୍ଶ ଦେଉଛୁ ।

ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁଣ୍ଣ ରହିବ ।
-ଓ୍ୱିଲିୟମ ସେକ୍ସପିୟର

ଭାରତ ଇତିହାସରେ ଓଡ଼ିଶାର ସ୍ଥାନ

ଲେ. ଇଂ ଭରତ ଚନ୍ଦ୍ର ଦାସ

ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁକଳ ଶ୍ରୁତଃ ଉତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ ।। ଭାରତବର୍ଷର ପ୍ରାଚୀନ ଶାସ୍ତ୍ର 'କପିଳ ସଂହିତା'ରେ ଉଦ୍‌ଘୋଷିତ ଉପରୋକ୍ତ ସଂସ୍କୃତ ଶ୍ଳୋକଟିର ଅର୍ଥ ହେଲା-ଉପମହାଦେଶମାନଙ୍କ ମଧ୍ୟରେ ଭାରତବର୍ଷ ଶ୍ରେଷ୍ଠ! ଦେଶମାନଙ୍କ ମଧ୍ୟରେ ଉତ୍କଳ ଶ୍ରେଷ୍ଠ । ଉତ୍କଳ ସମ ଦେଶ ଜଗତରେ ନାହିଁ । ଏହାହିଁ ଓଡ଼ିଶା ଇତିହାସର ସାରକଥା ଏବଂ ବିଶ୍ୱର ପ୍ରତ୍ୟେକ ଓଡ଼ିଆ ଦୃଢ଼ତାର ସହିତ କହିବା କଥା ।

ଆଜି 'ଓଡ଼ିଶା' ନାମରେ ପରିଚିତ ଆମ ରାଜ୍ୟ ପ୍ରାଚୀନ ଯୁଗରୁ 'କଳିଙ୍ଗ' ନାମରେ ଏକ ବିଶାଳ, ଶକ୍ତିଶାଳୀ, ସମୃଦ୍ଧ, ସୁସଂସ୍କୃତ ଏବଂ ଏକମାତ୍ର ସ୍ୱାଧୀନ ରାଜ୍ୟ ରୂପେ ଏହାର ସାମୁଦ୍ରିକ ବିଶ୍ୱ ନୌବାଣିଜ୍ୟ ପାଇଁ ବିଶ୍ୱପ୍ରସିଦ୍ଧ ହୋଇ ଭାରତବର୍ଷର ଗୌରବବର୍ଦ୍ଧନ କରୁଥିଲା । ମହାଭାରତ ଯୁଗ ପୂର୍ବରୁ ମଧ୍ୟ ପ୍ରତିଷ୍ଠିତ କଳିଙ୍ଗର ସାମୁଦ୍ରିକ ନୌବାଣିଜ୍ୟ ଖ୍ରୀଷ୍ଟପୂର୍ବ ୮୦୦ ସମୟକୁ ବିଶ୍ୱପ୍ରସାରୀ ହୋଇଥିଲା । ଖ୍ରଷ୍ଟପୂର୍ବ ୧୦୦ ସମୟର କଳିଙ୍ଗ ମାଟିର ମହାନ୍ ସନ୍ତାନ ତଥା ସସାଗରା ଅଖଣ୍ଡ ଭାରତର ସର୍ବମାନ୍ୟ ସମ୍ରାଟ ମହାମେଘବାହନ ଐରଖାରବେଳଙ୍କ ଶକ୍ତିଶାଳୀ ନୌସେନାର ସୁରକ୍ଷାରେ ଏହା ସର୍ବୋଚ୍ଚ ଶିଖରରେ ଉପନୀତ ହୋଇଥିଲା । କଳିଙ୍ଗବାସୀ 'କଳିଙ୍ଗାଃ ସାହସିକାଃ' ଭାବେ ପରିଚିତ ହେଉଥିଲେ । କଲମ୍ବସ ଓ ଭାସ୍କୋଡାଗାମା ଆଦିଙ୍କ ଅନ୍ୟୂନ ହଜାର ବର୍ଷ ପୂର୍ବରୁ କଳିଙ୍ଗାନ୍‌ମାନଙ୍କ ବିଶ୍ୱର ସପ୍ତସମୁଦ୍ର ଉପରେ ରାଜତ୍ୱର ପ୍ରକୃତ ଇତିହାସ, ଭାରତର ଗୌରବମୟ ଇତିହାସ ରୂପେ ସର୍ବଭାରତୀୟ ଏନ୍‌ସିଇଆରଟି ଇତିହାସ ପାଠ୍ୟ ପୁସ୍ତକମାନଙ୍କରେ ସ୍ୱତନ୍ତ୍ର ଭାବେ ସ୍ଥାନିତ ହେବା ଉଚିତ୍ ।

ଆଧୁନିକ ବୈଜ୍ଞାନିକ ପ୍ରମାଣଭିତ୍ତିକ ପ୍ରକୃତ ଇତିହାସ ଅନୁଯାୟୀ, ଭାରତବର୍ଷର 'ବୈଦିକ ସଭ୍ୟତା' ହିଁ ବିଶ୍ୱର ସର୍ବପ୍ରାଚୀନ ସଭ୍ୟତା ଏବଂ ବିଶ୍ୱର ସମସ୍ତ ସଭ୍ୟତାମାନଙ୍କର ଉଦ୍‌ଗମର ଭୂମି ମଧ୍ୟ ଭାରତ । 'କଳିଙ୍ଗ' ନାମରେ ପ୍ରାଚୀନ ଯୁଗରେ ଏବଂ 'ଉତ୍କଳ' ନାମରେ ମଧ୍ୟଯୁଗରେ ବୃହତ୍ତର ଓଡ଼ିଶା ଥିଲା ଭାରତବର୍ଷର ହୃଦଦେଶ ଏବଂ ଶକ୍ତି କେନ୍ଦ୍ର । ଆଜିର ଓଡ଼ିଆମାନେ ଅନେକ ଜାତି, ଅନୁସୂଚିତ ଜାତି ଏବଂ ଜନଜାତି ରୂପେ ପରିଚିତ ହେଉଥିଲେ ମଧ୍ୟ ସାମଗ୍ରିକ ଭାବେ ବିଶ୍ୱର ଓଡ଼ିଆମାନେ ଏକ ପ୍ରାଚୀନତମ ମହାଜାତି । ଅନ୍ୟୂନ ୨୫୦୦ ବର୍ଷର ଶାସ୍ତ୍ରୀୟ ଓଡ଼ିଆ ଭାଷା ଏହାର ଅକାଟ୍ୟ ପ୍ରମାଣ । ଓଡ଼ିଶାରେ ଓଡ଼ିଆର ଭାଷାରେ ରହିଛି ସର୍ବାଧିକ ପ୍ରାଚୀନ ତାଳପତ୍ର ପୋଥି, ଯାହାର ସଂଖ୍ୟା ୨, ୧୩, ୦୦୦ରୁ ଅଧିକ ।

ଯୁଗେ ଯୁଗେ ସ୍ୱାଧୀନଚେତା ସାହସୀ, ସ୍ୱାଭିମାନୀ ଓ ସଂଗ୍ରାମୀ କଳିଙ୍ଗ ବା ଓଡ଼ିଆ ମହାଜାତି ହିଁ ସର୍ବାଧିକ ଲଢ଼ିଛି ଶତ୍ରୁ ସହିତ ନିଜ ଜନ୍ମମାଟିରେ, ଖ୍ରୀଷ୍ଟପୂର୍ବ ୨୬୧ର କଳିଙ୍ଗ ମହାଯୁଦ୍ଧରେ ଚଣ୍ଡାଶୋକ ବିରୁଦ୍ଧରେ । ଖ୍ରୀ.ପୂ ୧୦୦ରେ ସମ୍ରାଟ ଖାରବେଳଙ୍କ ରଥ, ଗଜ, ଅଶ୍ୱାରୋହୀ ଓ ପଦାତିକମାନଙ୍କର ଅପରାଜେୟ କଳିଙ୍ଗସେନା ଉତ୍ତର ଭାରତରୁ ଶକ୍ତିଶାଳୀ ଗ୍ରୀକ୍‌ମାନଙ୍କୁ ଏବଂ ପଶ୍ଚିମ ଭାରତରୁ ଉପଦ୍ରବକାରୀ ଶକମାନଙ୍କୁ ବିତାଡ଼ିତ କରି, ଶାନ୍ତି, ମୈତ୍ରୀ ଓ ଭ୍ରାତୃତ୍ୱର 'ତ୍ରିସୂତ୍ରୀ ରାଷ୍ଟ୍ରନୀତି' ସହିତ ଏ ଦେଶରେ ସର୍ବପ୍ରଥମେ 'ଏକ ରାଷ୍ଟ୍ରୀୟତା'ର ପ୍ରତିଷ୍ଠା କରିଥିଲା । ମହାରାଜା ଶତ୍ରଭଙ୍କ ଆଟବୀକ ସେନା ମଗଧରୁ ଶକ୍ତିଶାଳୀ କୁଶାଣମାନଙ୍କୁ ଏବଂ କଳିଙ୍ଗର ଉପକୂଳବର୍ତ୍ତୀ ଅଞ୍ଚଳରୁ ସେମାନଙ୍କ ବିରାଦରୀ ମୁରୁଣ୍ଡମାନଙ୍କୁ ବିତାଡ଼ିତ କରି ଉତ୍ତର-ପୂର୍ବ ଭାରତରେ ବିଶାଳ ସ୍ୱଦେଶୀ 'ନାଗବଂଶୀ ସାମ୍ରାଜ୍ୟ'(ଖ୍ରୀଷ୍ଟାବ୍ଦ ୩ୟ ଶତାବ୍ଦୀର) ର ଭିତ୍ତିସ୍ଥାପନ କରିଛି । ଓଡ଼ିଆ ମହାଜାତି ହିଁ ଲଢ଼ିଛି ଭାରତରେ ୫୦୦ ବର୍ଷର ବିଦେଶୀ ଆକ୍ରମଣକାରୀ ସୁଲତାନ ଏବଂ ମୋଗଲ ରାଜତ୍ୱ ବିରୁଦ୍ଧରେ ।

ଅଦୃଷ୍ଟପୂର୍ବ ଥିଲା ଓଡ଼ିଶାର ଶ୍ରୀଜଗନ୍ନାଥକୈନ୍ଦ୍ରିକ ସ୍ୱତନ୍ତ୍ର ଖୋର୍ଦ୍ଧାରାଜ୍ୟର ୨୩୩ ବର୍ଷର (ଖ୍ରୀ.୧୫୭୧-୧୮୦୪) ସଂଗ୍ରାମ ଏବଂ ଘୁମୁସରର କନ୍ଧପାଇକମାନଙ୍କ ଫରାସୀ ଓ ଇଂରେଜଙ୍କ ବିରୁଦ୍ଧରେ ୧୧୩ ବର୍ଷର ସଂଗ୍ରାମ । ଭାରତରେ ସିପାହୀ ବିଦ୍ରୋହର (୧୮୫୭) ୪୦ ବର୍ଷ ପୂର୍ବରୁ ଓଡ଼ିଶାର ୧୮୧୭ର ପାଇକ ବିଦ୍ରୋହ ଥିଲା ଏ ଦେଶର ସର୍ବପ୍ରଥମ ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମ ଇଂରେଜମାନଙ୍କ ବିରୁଦ୍ଧରେ । ଓଡ଼ିଆ ମହାଜାତିର ଜ୍ଞାନଭିତ୍ତିକ ସାମରିକ ଶକ୍ତିର ସୁରକ୍ଷାରେ ହିଁ ଯଯାତିକେଶରୀ(ଖ୍ରୀ.୧୦୨୪-୧୦୪୦), ଚୋଡ଼ଗଙ୍ଗଦେବ(ଖ୍ରୀ.୧୦୭୮-୧୧୪୭),ରାଜରାଜଦେବ(ଖ୍ରୀ୧୦୯୮-୧୨୧୧), ଅନଙ୍ଗଭୀମଦେବ(ଖ୍ରୀ.୧୨୧୧-୧୨୩୧), ଲାଙ୍ଗୁଳା ନରସିଂହଦେବ(ଖ୍ରୀ.୧୨୩୮-୧୨୬୪) ଏବଂ କପିଳେନ୍ଦ୍ରଦେବ(ଖ୍ରୀ.୧୪୩୫-୧୪୬୮) ଆଦି ପରାକ୍ରମୀ ନରପତିମାନଙ୍କ ନେତୃତ୍ୱରେ ସମୃଦ୍ଧ ଏବଂ ସୁସଂସ୍କୃତ ଓଡ଼ିଶାରେ ନିର୍ମାଣ ହୋଇଛି ବିଶ୍ୱପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର, ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ ଅଗଣିତ ମନ୍ଦିରରାଜି ଏବଂ ପ୍ରସିଦ୍ଧ ବାରବାଟୀ, ବରୁଣେଇ ଓ ରାଇବଣିଆ ପ୍ରଭୃତି ଦୁର୍ଗମାନ । ଏହି ଉତ୍କଳରେ ପ୍ରତିଷ୍ଠା ହୋଇଥିଲା ସର୍ବପ୍ରାଚୀନ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଏବଂ ପରିମଳଗିରି ସଦୃଶ ବୃହତ ବୌଦ୍ଧବିହାରମାନ ।

ଭାରତ ଇତିହାସର ସର୍ବପ୍ରଥମ ସାମ୍ରାଜ୍ଞୀରୂପେ ତୋଷାଳୀ ୧ମ ତ୍ରିଭୁବନ ମହାଦେବୀ(ପ୍ରାୟ ଖ୍ରୀ.୮୪୫-୮୫୦), ପୃଥ୍ୱୀ ମହାଦେବୀ ଏବଂ ୨ୟ ତ୍ରିଭୁବନ ମହାଦେବୀ ପ୍ରଭୃତି ମହୀୟସୀ ନାରୀ ଶାସିକାମାନେ ପରିଚୟ ସୃଷ୍ଟି କରିଥିଲେ । ଖ୍ରୀଷ୍ଟପୂର୍ବ ୧୦୦ ରେ ସମ୍ରାଟ ଖାରବେଳଙ୍କଠାରୁ ୧୫୬୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜ୍ୟ ମୁକୁନ୍ଦ ଦେବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ସୁଦୀର୍ଘ ୧୬୦୦ ବର୍ଷର ସ୍ୱାଧୀନତା । ମଧ୍ୟଯୁଗୀୟ ଭାରତର ସର୍ବଶ୍ରେଷ୍ଠ ଜାତୀୟ ବୀର ଓଡ଼ିଶାର ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ (ଖ୍ରୀ ୧୪୩୫- ୧୪୬୮) । 'ଗଜପତି ଗୌଡ଼େଶ୍ୱର, ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର' - ଏହି ସୁଦୀର୍ଘ ଉପାଧି ଧାରଣ କରିଥିବା ଅପରାଜେୟ ସମ୍ରାଟ କପିଳେନ୍ଦ୍ର ଦେବ ତାଙ୍କ ଦ୍ୱାରା ବିଜିତ ରାଜ୍ୟମାନଙ୍କୁ ସୂଚାଇ ଥାଏ । 'ଗୌଡ଼େଶ୍ୱର' ଅର୍ଥ ବଙ୍ଗଜୟୀ, 'କର୍ଣ୍ଣାଟ' ବିଜୟନଗର ସମେତ ଦାକ୍ଷିଣାତ୍ୟ, 'ନବକୋଟି' ଦାକ୍ଷିଣାତ୍ୟର ୯ଟି ପ୍ରସିଦ୍ଧ ଦୁର୍ଗ, 'କଳବର୍ଗ' ଥିଲା ପଶ୍ଚିମ ଭାରତରେ ସୁଲତାନ ଶାସିତ ବୃହତ୍ ବାହମନୀ ସାମ୍ରାଜ୍ୟର ରାଜଧାନୀ । ସମସାମୟିକ ବିଶାଳ ଓଡ଼ିଶା ବା ଉତ୍କଳ ସହିତ ଉପରୋକ୍ତ ରାଜ୍ୟମାନଙ୍କୁ ନେଇ ସମ୍ରାଟ କପିଳେନ୍ଦ୍ର ଦେବ ହିଁ ଭାରତରେ ଉପରୋକ୍ତ ୫୦୦ବର୍ଷର ବିଦେଶୀ ଶାସନର କାଳଖଣ୍ଡରେ ପ୍ରତିଷ୍ଠା କରିଥିଲେ 'ସର୍ବବୃହତ ସ୍ୱଦେଶୀ ହିନ୍ଦୁ ସାମ୍ରାଜ୍ୟ' । ମଧ୍ୟଯୁଗରେ ଅନ୍ୟ କୌଣସି ଭୂମିପୁତ୍ର ବୀର ଏତାଦୃଶ ବୃହତ୍ତର ସାମ୍ରାଜ୍ୟ ସ୍ଥାପନ କରିବାକୁ ସମର୍ଥ ହୋଇନାହାନ୍ତି । ବହୁସହସ୍ର ଯୁଦ୍ଧହସ୍ତୀ ସହିତ ଦୁର୍ଦ୍ଧର୍ଷ ଓଡ଼ିଆ ସେନା ଏବଂ ତାଙ୍କର ମହାନ୍ ବୀରପୁତ୍ର-ହମ୍ବୀର ଦେବଙ୍କ ସମେତ ବହୁ ସୁଦକ୍ଷ ସେନାପତିମାନଙ୍କ ନେତୃତ୍ୱ ନେଇ ଅପରାଜେୟ କପିଳେନ୍ଦ୍ର ଦେବ ଭାରତରେ ସମସାମୟିକ ସାମରିକ ଶକ୍ତିମାନଙ୍କୁ ଭୀତତ୍ରସ୍ତ କରିଥିଲେ । ଏହାର ପ୍ରଭାବରେ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ପରେ ମଧ୍ୟ 'ଆଗଙ୍ଗାଗୋଦାବରୀ ଆସମୁଦ୍ରବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ ଓଡ଼ିଶାର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତା ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସଗର୍ବରେ ସୁରକ୍ଷିତ ଥିଲା, ଯେଉଁ ସମୟରେ ଭାରତର ପ୍ରାୟ ଅନ୍ୟ ସମସ୍ତ ରାଜ୍ୟମାନ ବିଦେଶୀ ମୁସଲମାନ ଶାସକମାନଙ୍କ ଦ୍ୱାରା ଅଧିକୃତ ହୋଇ ଘୋର ଦୁର୍ଦ୍ଦଶା ଭୋଗିଥିଲେ ।

'ଜଗନ୍ନାଥ ଦେଶ' ରୂପେ ବିଶାଳ ଓଡ଼ିଶା ହିଁ ଥିଲା ଭାରତର ହିନ୍ଦୁ

ସ୍କୁଲରେ ମାସ ମାସ ଧରି ମଧ୍ୟାହ୍ନଭୋଜନ ବନ୍ଦ

ପୋର୍ଟାଲରେ ଚାଲିଛି ଦୈନିକ ରୋଷେଇ

ରାଜକନିକା, ୨୨।୭ (ସମିସ): ଚୁଲି ଜଳୁନି କି ରୋଷେଇ ହେଉନାହିଁ। ମାତ୍ର ଦୈନିକ ଏମଡିଏମ୍ ପୋର୍ଟାଲରେ ଖାଦ୍ୟ ରୋଷେଇ ହୋଇ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଗୋଲାପି ଚିତ୍ର ସରକାରଙ୍କୁ ଦିଆଯାଉଛି। କେତେ ବେଫିକର ଭାବେ ଆଇନକାନୁନ ଓ ନିୟମକୁ ଦଳିମଚି ଦିଆଯାଇପାରେ, ତାହା ଦେଖିବାକୁ ମିଳିଛି ରାଜକନିକା ବ୍ଲକ ସଦର ଆରସାର ବ୍ରଜବନ୍ଧୁ ହାଇସ୍କୁଲରେ।

କେବେ ପାଚିକା ନାହାନ୍ତି ତ ଆଉ କେବେ ପାଚିକା ନିଯୁକ୍ତି ହୋଇନାହିଁ ଭଳି ମନଗଢ଼ା କଥା କହି ବିଭିନ୍ନ ଅଭିଯୋଗକୁ ଟାଳି ଚାଲିଥିବା ଏହି ସ୍କୁଲ କର୍ତ୍ତୃପକ୍ଷ ମିଳିମିଶି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ ଅର୍ଥ ହଡ଼ପ କରିବାର ମସୁଧା କରିବା ଏବେ ପଦାକୁ ଆସିଛି। ଆଦୌ ରୋଷେଇ ନ କରି ଏମଡିଏମ୍ ପୋର୍ଟାଲରେ ସବୁଦିନ ରୋଷେଇ ହେଉଥିବା ତଥ୍ୟ ଦେବା ଭଳି ଜଘନ୍ୟ କାଣ୍ଡ ମାସ ମାସ ଧରି କରୁଥିଲେ ହେଁ ବିଇଓ, ଏମଡିଏମର ନୋଡାଲ ଅଧିକାରୀ, ସିଆରସିସି କେହି ଏଭଳି ମିଛ ରୋଷେଇ ସମ୍ପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ବାସ୍ତବରେ ରାଜକନିକା ବିଇଓ ଅଫିସ୍‌ର ମଧ୍ୟାହ୍ନଭୋଜନ ଗୁମର ପଦାରେ ପକାଇଛି।

ସବୁଠୁ ଆଶ୍ଚର୍ଯ୍ୟର କଥା, କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତା କଡ଼ରେ ଅବସ୍ଥିତ ଏହି ସ୍କୁଲରେ ଆଜି ଆଦୌ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇ ନଥିବା ବେଳେ ଏମଡିଏମ୍ ପୋର୍ଟାଲରେ ଦଶମ ଶ୍ରେଣୀର ୪୧ରୁ ୪୧ପିଲା ଓ ନବମର ୩୩ରୁ ୩୩ଜଣ ପିଲାଙ୍କ ନାମରେ ମଧ୍ୟାହ୍ନଭୋଜନ ଉପସ୍ଥାନ ଦର୍ଶାଯିବା ଭଳି ଖବର ବିଇଓ ଅଫିସକୁ ଜଣାଇବା ପରେ ସିଆରସିସି ଓ ଏମଡିଏମ୍ ନୋଡାଲ ଅଧିକାରୀ ସ୍କୁଲରେ ପହଞ୍ଚି କ'ଣ ପାଇଁ ରୋଷେଇ ହୋଇନି, ତାହା ଖୋଳତାଡ଼ କରିଛନ୍ତି। ଜିଲ୍ଲା ଡିଇଓ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

■ ରାମିଆଳରେ ବୁଡ଼ିଗଲେ ଜଳଯୋଗାଣ କର୍ମଚାରୀ

ଗେଟ୍ ସଫା କରୁକରୁ ଭାସିଗଲେ

କାମାକ୍ଷାନଗର,୨୨।୭ (ସମିସ): କାମାକ୍ଷାନଗର ସହର ନିକଟବର୍ତ୍ତୀ ରେକୁଳା ରାମିଆଳ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ରେକୁଳା ଗ୍ରାମର ପ୍ରଦୀପ୍ତ ବେହେରା। ପ୍ରଦୀପ୍ତ ଜଳଯୋଗାଣ ବିଭାଗରେ

କାର୍ଯ୍ୟ କରନ୍ତି। ଆଜି ସେ ନଦୀରେ ଥିବା ଜଳ ନିୟନ୍ତ୍ରଣ ଗେଟ୍ ସଫା କରୁଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ଭାସି ଯାଇଥିଲେ। ଏହା ଦେଖି ନିକଟରେ ଥିବା କିଛି କର୍ମଚାରୀ ଓ ସ୍ଥାନୀୟ ଲୋକ ତାଙ୍କୁ ଖୋଜାଖୋଜି କରିବା ସହ କାମାକ୍ଷାନଗର ଅଗ୍ନିଶମବାହିନୀକୁ ଖବର ଦେଇଥିଲେ।

କାମାକ୍ଷାନଗର ଓ ଢେଙ୍କାନାଳ ଅଗ୍ନିଶମ ବାହିନୀଙ୍କ ସମେତ ଓଡ୍ରାଫ୍‌ର ଏକ ଟିମ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଦୀର୍ଘ ୫ ଘଣ୍ଟା ଧରି ଅପରେସନ୍ ପରେ ପ୍ରଦୀପ୍ତଙ୍କୁ ଉଦ୍ଧାରକାରୀ ଦଳ ଠାବ କରିଥିଲେ।

୫ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ମିଳିଲା ମୃତଦେହ

ପରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଦୀପ୍ତଙ୍କ ଅକାଳ ବିୟୋଗରେ କାମାକ୍ଷାନଗର ମେଡିକାଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ସହର ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

CHINTAMANI JENA
MAHILA HIGHER SECONDARY SCHOOL, CHHACHINA
ESTD. - 1987
P.O. - MUKULISHI, DIST. - BALASORE,
PIN - 756022 (ODISHA), PH - (06781) 258916

WALK-IN-INTERVIEW

Walk-in interview for engagement of Guest Faculty in the subject of Education, one Junior-Clerk-cum-Typist, & one D.F.D will be held at **1.00 PM on 28.07.2025** in our H.S. School. Interested candidates may appear for the interview with biodata & other required certificates.

Sd/- Principal
CJM HSS, Chhachina, Balasore

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
୧୦୯ ତମ ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ୍ ନଂ.: ୧୪୮୪ ତାରିଖ: ୧୬.୦୭.୨୦୨୫

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଦେୟ, ବ୍ୟାଙ୍କର ୧୦୯ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୮.୦୮.୨୦୨୫ରିଖ ଶୁକ୍ରବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ଜୟୀ ରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭା ରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

କାର୍ଯ୍ୟସୂଚୀ

୧. ତା.୨୫.୦୯.୨୦୨୪ରିଖ ରେ ଅନୁଷ୍ଠିତ ହୋଇଥିବା ୧୦୮ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୪-୨୦୨୫ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ୨୦୨୪-୨୦୨୫ ବର୍ଷର ସମୀକ୍ଷା ପତ୍ର ଓ ତତ ସଂଲଗ୍ନ ଆୟ ବ୍ୟୟ ପ୍ରାପ୍ୟ ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୨୪-୨୦୨୫ ବର୍ଷର ନିଟ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା (ଡିଏପି) ପଠନ ଓ ଦୃଢ଼ୀକରଣ।
୬. ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ।
୭. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ)।

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସଭାପତିଙ୍କ ନିର୍ଦ୍ଦେଶ କ୍ରମେ
ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ହତ୍ୟାକାରୀ ବାପ-ପୁଅଙ୍କୁ ଆଜୀବନ କାରାଦଣ୍ଡ

ଅନୁଗୋଳ, ୨୨।୭ (ସମିସ): ୨୦୨୧ ମସିହାରେ ବନ୍ତଳା ଥାନା ଅଧୀନ ବଡ଼କନ୍ତକୁଲୁ ଗ୍ରାମରେ ସଂଘଟିତ ଅଖିଳ ବେହେରା ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ସେସନ ଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପ-ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ପୈଠ ନ କଲେ ଅତିରିକ୍ତ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଦ୍ୱୟ ହେଲେ, ଗ୍ରାମର ବିଶ୍ୱନାଥ ସାହୁ ଓ ତାଙ୍କ ପୁଅ ଶିଶିର ସାହୁ। ସୂଚନାନୁଯାୟୀ, ୨୦୨୧ଜୁନ୍ ୩୦ ତାରିଖ ଦିନ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବଡ଼କନ୍ତକୁଲୁର ବିଶ୍ୱନାଥ ଏବଂ ତାଙ୍କ ପୁଅ ଶିଶିର ବନ୍ଧୁକ ଓ ଟାଙ୍ଗିଆ ଧରି ସେହି ଗ୍ରାମର ଟୁଟୁ ବେହେରା ଏବଂ ତାଙ୍କ ପରିବାରଲୋକଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସେମାନଙ୍କ ଘରେ ପଶିଥିଲେ। ସେହି ସମୟରେ ଟୁଟୁଙ୍କ ପୁତୁରା ଅଖିଳ ବେହେରା ପ୍ରତିବାଦ କରିବାରୁ ଶିଶିର ତାକୁ ଗୁଳି କରିଥିଲେ। ଏଥିରେ ଅଖିଳଙ୍କ ମୃତ୍ୟୁ ଘଟିଥିଲା। ପରେ ବିଶ୍ୱନାଥ ଟାଙ୍ଗିଆରେ ଟୁଟୁଙ୍କୁ ଆକ୍ରମଣ କରି ଫେରାର୍ ହୋଇଯାଇଥିଲେ। ଟୁଟୁଙ୍କ ଅଭିଯୋଗ ଆଧାରରେ ବନ୍ତଳା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଉଭୟ ବାପ-ପୁଅଙ୍କୁ ଗିରଫ କରିଥିଲା। ଅତିରିକ୍ତ ପିପି ତାପସ ରଞ୍ଜନ ମିଶ୍ର ଏବଂ ଧ୍ରୁବଚରଣ ସାହୁ ଏହି ମାମଲା ପରିଚାଳନା କରୁଥିଲେ।

୨ ଶିକାରୀ ଗିରଫ; ସରଞ୍ଜାମ ଜବତ

କଣିହାଁ, ୨୨।୭ (ସମିସ): ଜନ୍ତୁ ଶିକାର ପାଇଁ କୁମୁଣ୍ଡା ଜଙ୍ଗଲରେ ବେଆଇନ ହୁଙ୍କି କରିଥିବା ନେଇ କଣିହାଁ ବନବିଭାଗ ଏଥିରେ ସଂପୃକ୍ତ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ୨ଜଣ ହେଲେ, ଗୋପାଳପ୍ରସାଦ ଥାନା ଅଧୀନ ଚିତଲପୁର ଗ୍ରାମର ମୁନା ନାଏକ (୨୮) ଓ ଭଗବାନ ଗୋଛାୟତ (୩୫)। କଣିହାଁ ବନ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ କୁମୁଣ୍ଡା ଜଙ୍ଗଲ ପେଟ୍ରୋଲ ପମ୍ପ ନିକଟରେ ଜନ୍ତୁ ଶିକାର ପାଇଁ ବେଆଇନ ଭାବରେ ବିଦ୍ୟୁତ୍ ତାର ବିଛାଯାଇଥିବା ଦେଖିଥିଲେ। ପରେ ବନ ବିଭାଗ କର୍ମଚାରୀମାନେ ତାର ଓ ଅନ୍ୟାନ୍ୟ ସରଞ୍ଜାମ ଜବତ କରିବା ସହ ମୁନା ଓ ଭଗବାନଙ୍କୁ ଗିରଫ କରିଛନ୍ତି।

ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଭିତରକନିକା

ରାଜନଗର,୨୨।୭ (ସମିସ): ପ୍ରକୃତିର ଗନ୍ତାଘର ଭିତରକନିକା ଅଗଷ୍ଟ ୧ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ପାଇଁ ୩ ମାସ ଧରି ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଥିଲା। ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେଣୁ ଅଗଷ୍ଟ ୧ରୁ ପର୍ଯ୍ୟଟକ, ଗବେଷକ, ପ୍ରକୃତିକୁ ଭଲ ପାଉଥିବା ଲୋକେ ମିନି-ଆମାଜନ୍ ଭିତରକନିକାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ।

ଭିତରକନିକାରେ ବଉଳା କୁମ୍ଭୀର, ୫ପ୍ରଜାତିର ଡକଫିନ, ଅଲିଭ୍‌ରିଡ୍‌ଲେ କଇଁଛ, ସଂଖ୍ୟାଧିକ ହରିଣ, ବାରହା, ସମ୍ବର, ଫିସିଂ କ୍ୟାଟ, ହାଏନା, ଝିଙ୍କ, ପାଣି ଗୋଧି ସହିତ ଅଜଗର, ଅହିରାଜ ଆଦି ସରୀସୃପ ଦେଖିବାକୁ ମିଳେ। ସେହିପରି ହେନ୍ତାଳ ବଣ ସହ ୬୩ ପ୍ରକାରର ଲୁଣା ଜଙ୍ଗଲ ରହିଛି। ଏବେ ବର୍ଷାଋତୁରେ ହଜାରହଜାର ସଂଖ୍ୟାରେ ପକ୍ଷୀ ବସା ବାନ୍ଧି ଅଣ୍ଡା ଦେଇଛନ୍ତି।

ଅପରପକ୍ଷେ, ରାଜନଗର ବନବିଭାଗ ପକ୍ଷରୁ ଗତବର୍ଷ ପର୍ଯ୍ୟଟକଙ୍କ ପାଇଁ ପ୍ରକୃତିର ବୈଭବ, ରଙ୍ଗବେରଙ୍ଗର ପକ୍ଷୀଙ୍କ କାକଳି ସହ ଜୀବନଜନ୍ତୁଙ୍କୁ ନିଆରା ଢଙ୍ଗରେ ଦେଖିବା ପାଇଁ ସ୍କାଏୱାକ୍ ବ୍ରିଜ ନିର୍ମାଣ କରାଯାଇଥିଲା। ୬୦୦ ମିଟର ଲମ୍ବ ଯାଏ ଏହି ସ୍କାଏୱାକ୍ ନିର୍ମାଣ ହୋଇଛି। ସ୍କାଏୱାକ୍‌ଟି ମଝିରେ ମଝିରେ ଉଠାଣି ଗଡ଼ାଣି ଭଳି ନିର୍ମାଣ ହୋଇଛି। କେଉଁଠି ସ୍କାଏ ୱାକର ଉଚ୍ଚତା ୧୫ଫୁଟ୍ ତ ଆଉ କେଉଁଠି ୧୨ ଫୁଟ୍ ରହିଛି। ଏଥିରେ, ଟିକେ ଉପରୁ ଥାଇ ଜଙ୍ଗଲର ପ୍ରାକୃତିକ ଶୋଭାରାଜିକୁ ମନଭରି ଉପଭୋଗ କରିପାରିବେ ପର୍ଯ୍ୟଟକ।

ଗଞ୍ଜେଇ ଚାଲାଣରେ ବି.ଟେକ୍ ଛାତ୍ର

୨୭ କେଜି ଗଂଜେଇ ଜବତ, ୫ ଛାତ୍ର ଗିରଫ

ଫିରିଙ୍ଗିଆ, ୨୨।୭ (ସମିସ): ଗଞ୍ଜେଇ ଚାଲାଣରେ ବି.ଟେକ୍ ଛାତ୍ର। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆରେ ଗଞ୍ଜେଇ ଚାଲାଣ ବେଳେ ୫ଜଣ ବି.ଟେକ୍ ଛାତ୍ର ଧରାପଡ଼ିଛନ୍ତି। ଫିରିଙ୍ଗିଆ ପୁଲିସ ସେମାନଙ୍କ ନିକଟରୁ ୨୭କେଜି ଗଞ୍ଜେଇ ସହ ଦୁଇଟି ଦାମୀ

କାର୍ ଜବତ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ବଇରୀ ମଇଁଷିଗୋଠର ସଂଗ୍ରାମ ରାଉତ, କେଉଁଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁର ରଞ୍ଜିତ କୁମାର ପାତ୍ର, ଘସିପୁରା ଥାନା ଖାଇଲଗାଁର ବୁଦ୍ଧଦେବ ପଲେଇ, ଘସିପୁରା ଥାନା ଅଁଳାପାଳ ଗାଁର ଓମ୍ ପ୍ରତାପ ବାରିକ ଓ ଅନ୍ୟ ଜଣେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଭୋବ୍ରା ଗାଁର ଦେବାଶିଷ ପ୍ରଧାନ। ସମସ୍ତଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଛାତ୍ରମାନଙ୍କ ପରିବାରଲୋକେ ସରକାରୀ ଚାକିରିଆ ଏବଂ ପ୍ରତିଷ୍ଠିତ ବ୍ୟକ୍ତି ବୋଲି ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନାନୁସାରେ, ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରୀଶ ବିଶିଙ୍କ ନିର୍ଦ୍ଦେଶ ଏବଂ ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଫିରିଙ୍ଗିଆ ଥାନାଧିକାରୀ ତଥା ଡିଏସ୍‌ପି ଗୋପୀନାଥ ପ୍ରଧାନଙ୍କ ନେତୃତ୍ୱରେ ମାଶ୍ରୀପଡ଼ା ଛକରେ ଗାଡ଼ି ଯାଞ୍ଚ କରାଯାଉଥିଲା। ଏହି ସମୟରେ ନୂଆପାଦର ପଟୁ ଦ୍ରୁତଗତିରେ ଆସୁଥିବା ୨ଦାମୀ କାର୍‌କୁ ଅଟକାଇଥିଲା ପୁଲିସ। ଯାଞ୍ଚ ବେଳେ ଗାଡ଼ିରୁ ୨୭ କେଜି ଗଂଜେଇ ଭର୍ତ୍ତି ଏକ ବ୍ୟାଗ୍ ମିଳିଥିଲା। ତେବେ କାର୍‌ରେ ଥିବା ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ୍ ଗୋଡ଼ାଇ ଗୋଡ଼ାଇ ୫ଜଣଙ୍କୁ କାବୁ କରିଥିଲା।

AFFIDAVIT
I, Nasad Ali Khan S/o.: Ashaf Ali Khan, Resident of At/PO.: Mohana, P.S.: Salipur, Dist.: Cuttack, PIN-754201, Odisha, declare by this affidavit No.: 101, dated 16.07.2025, that now onwards I shall be known as **NAUSHAD ALI KHAN** for all future purposes.

AFFIDAVIT
I, Pradipta Kumar Nanda S/o.: Late Raghunath Nanda, Resident of Village/PO.: Krushnapalipatana, Kalapathar, Dist.: Cuttack, PIN-754201, Odisha, declare by this affidavit No.: 9291, dated 10.03.2025, that now onwards I shall be known as **PRADIP KUMAR NANDA** for all future purposes.

AFFIDAVIT
I, Asis Agrawal, S/o Shankarlal Agrawal, At - Weekly Market Road, PO/PS- Kantabanji, Dist- Bolangir - 767039 Odisha declare by this affidavit No- 44506, dtd. 21.07.2025 that now onwards I shall be known as **ASHISH AGRAWAL** for all future purposes.
Sd- ASHISH AGRAWAL

AFFIDAVIT
By virtue of an affidavit sworn before the Executive Magistrate, G.Udayagiri on Dt.21.07.2025 I, Hemanta Kumar Pradhan, S/o.: Ghasiram Prdahan, Vil: Majumaha, PO.: Sudhipada, P.S.: Raikia, Dist.: Kandhamal-762100 declare that I have changed my minor son's name from Aryadev Prdahan to Akhil Pradhan. Henceforth, he will be known as **Akhil Pradhan** for all purposes.

AFFIDAVIT
I, Sambobinodini Sahu (47) D/o Shantanu Kumar Sahu, At-Sukhalhar Samil Mahulia, Po.-Betnoti, Ps.-Betnoti, Dist-Mayurbhanj, Pin No-757025, Odisha declared by this affidavit No-4380 dtd.21.07.2025 that now onwards I shall be Known as **Shambobinodini Samal** for all future purposes.
Shambobinodini Sahu

AFFIDAVIT
I, Sanjay Pradhan, S/o.- Kailash Chandra Pradhan, resident of - Sector-14, Qtr. No-B/210, Rourkela, Dist- Sundargarh, Pin-769009, Odisha declare by this affidavit No. 471, Dated: 21.07.2025 that now onwards I shall be known as **SANJAY KUMAR PRADHAN** for all future purposes.

AFFIDAVIT
By virtue of an affidavit sworn before Notary Public, Bhubaneswar, dated 21.07.2025, I Kishorimani Ray, Address At- Basantapur, Po.- Ghutur, PS-Keonjhar Sadar, Dist- Keonjhar, Pin-758002, Odisha, declare that I have changed my name from **Kishori Mani Maharaj to Kishorimani Ray**. Henceforth, I shall be known as **Kishorimani Ray** for all purposes.

OFFICE OF THE PANCHAYAT SAMITI
JEYPORE, DISTRICT - KORAPUT
i-231
Letter No. 2765/2025 Dated. 19.07.2025

E-TENDER CALL NOTICE

Seal tenders are invited from Registered Contractor from State PWD / M.I / Irrigation / Rural works for execution of Building etc. The details information of which are made available in the **(www.tendersorissa.gov.in)** website and also in Koraput Dist. Website i.e **http://www.koraput.nic.in**. The date and time of apply & receive of Tender paper is from date. **23.07.2025 to 06.08.2025 up to 17.30 Hrs** through in the www.tendersorissa.gov.in website only.

Tender will be opened on **07.08.2025 at 11.00 Hrs** onwards in the Office of the Panchayat Samiti, Jeypore, Dist- Koraput.

OIPR-19065/11/0010/2526 Sd/- Block Development Officer, Jeypore

OFFICE OF THE NOTIFIED AREA COUNCIL, BALIMELA
Odisha, Pin-764051, email: eonacbalimela@gmail.com

ନିବେଦନ

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ।
୦୧॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ।
୦୨॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ।
୦୫॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ।
୦୬॥ ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।
୦୭॥ ସହରକୁ ସୁସ୍ଥ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନକରି ପରିଷଦକୁ ସହଯୋଗ ପ୍ରଦାନ କରନ୍ତୁ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନ କୁ ସାକାର କରିବା।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ, ବାଲିମେଳା

ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ, ବାଲିମେଳା

e-mail ID: rw_rayagada@yahoo.co.in
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: RAYAGADA
O-453

E-Procurement Notice
Bid Identification No: EERWRGD – Online – 02/2025-26
Letter No. 2385 / Date 17.07.2025

1 Name of the Work : Construction of Building works
2 Total No. of Works : 3 Nos (Percentage rate tender)
3 Estimated Cost : Varies from 3.98 lakhs to 31.81 lakhs
4 Class of Contractor : "D","C" and "B"
5 Time of Completion : Specified in DTCN.
6 Mode of submission of tender : Tender should be submitted only in online https://www.tendersodisha.gov.in
7 Other details : Detailed tender condition specified in DTCN.

Procurement Officer	Bid Identification No.	No. of works	Availability of Tender online for Bidding		Date & Time of opening of tender
			From	To	
1	2	3	4	5	6
Executive Engineer, Rural Works Division, Rayagada	EERWRGD Online – 02/2025-26	03 (Three) Nos	24.07.2025 at 11.00 A.M.	07.08.2025 up to 5.00 P.M.	08.08.2025 at 11.00 A.M.

Further details can be seen from the website: **www.tendersodisha.gov.in**

Executive Engineer
Rural Works Division
OIPR-25072/11/0024/2526

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା
ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ
ଖରିଫ - ୨୦୨୫
**ଭାରତ ସରକାର, ଓଡ଼ିଶା ସରକାର ଓ ଏଗ

କଣ୍ଟାବାଞ୍ଜି ରେଳ ଷ୍ଟେସନ ଗଞ୍ଜେଇ ଚାଲାଣ ହବ୍

ରାଜ୍ୟ ବାହାରକୁ ଚାଲାଣ ପାଇଁ ଟ୍ରେନ୍ ସାଜିଛି ମାଧ୍ୟମ

କଣ୍ଟାବାଞ୍ଜି, ୨୨।୭ (ସମିସ)

ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜି ସହରର ପଶ୍ଚିମଓଡ଼ିଶାର ଏକ ପ୍ରସିଦ୍ଧ ସହର ଭାବରେ ପରିଚିତ। କଣ୍ଟାବାଞ୍ଜିର ଷ୍ଟେସନ ଦାଦନ ଚାଲାଣର ହବ ବୋଲି କୁହାଯାଏ ଯାଏ। ଏହି ରେଳ ଷ୍ଟେସନରୁ ଦାଦନ ସର୍ଦ୍ଦାରମାନେ ଶ୍ରମିକଙ୍କୁ ରାଜ୍ୟ ବାହାରକୁ ବେଆଇନ ଭାବରେ ଶ୍ରମିକ ଚାଲାଣ କରନ୍ତି। ବର୍ତ୍ତମାନ ଶ୍ରମିକ ବଦଳରେ ବେଆଇନ ନିଶା କାରବାର ଚାଲାଣ ରାକେଟ ଷ୍ଟେସନରୁ ନିୟନ୍ତ୍ରଣ ହେଉଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ଷ୍ଟେସନ ଦେଇ ବିଭିନ୍ନ ରାଜ୍ୟକୁ ଅନେକ ଟ୍ରେନ ଯାଉଥିବା ବେଳେ ତାର ସୁଯୋଗ ନେଇ କଣ୍ଟାବାଞ୍ଜି ଷ୍ଟେସନରୁ ଗଞ୍ଜେଇ ମାଫିଆମାନେ କଣ୍ଟାବାଞ୍ଜିରୁ ଟ୍ରେନ ଯୋଗେ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରୁଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି।ଷ୍ଟେସନ ଅଞ୍ଚଳରେ ବେଆଇନ କାର୍ଯ୍ୟକଳାପ ରୋକିବାକୁ ରାଜ୍ୟ ସରକାର ଗୃହ ବିଭାଗ ପକ୍ଷରୁ ଜିଆରପି ପୁଲିସ ଷ୍ଟେସନ ରହିଛି ଏବଂ ପୁଲିସ କର୍ମଚାରୀ ନିୟୋଜିତ ରହିଛନ୍ତି। ହେଲେ କଣ୍ଟାବାଞ୍ଜି ଜିଆର୍‌ପି ପୁଲିସ ଷ୍ଟେସନର କାର୍ଯ୍ୟରତ

ପୋଲିସ କର୍ମଚାରୀମାନେ ବେଆଇନ କାର୍ଯ୍ୟ କଳାପ ରୋକିବା ବଦଳରେ ବେଆଇନ ଗଞ୍ଜେଇ ଓ ଅନ୍ୟ ନିଶା କାରବାର ବ୍ୟକ୍ତିଙ୍କୁ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି। ସେହିପରି ଟ୍ରେନରେ କେମିତି ରେଳ ଯାତ୍ରୀମାନେ ସୁରକ୍ଷିତ ଯିବେ ଏବଂ ଟ୍ରେନ ଭିତରେ ବେଆଇନ କାର୍ଯ୍ୟ କଳାପ ନ ହେବ ସେଥିପାଇଁ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆରପିଏଫ୍ ପୁଲିସ ଫୋର୍ସ ମୃତୟନ ରହିଛନ୍ତି। କିନ୍ତୁ କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ପ୍ରତେଁକ ଦିନ ବେଆଇନ ଭାବରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏହା ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହିଁ କଣ୍ଟାବାଞ୍ଜି ଆରପିଏଫ୍ ପୁଲିସ ଯାହାଫଳ ରେ ଦାୟିତ୍ୱ ଥିବା କର୍ମଚାରୀଙ୍କମାନଙ୍କ ଭୂମିକାକୁ ନେଇ ସନ୍ଦେହ ଉପୁଜୁଛି। ପ୍ରତ୍ୟେକ ଦିନ କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ଟ୍ରେନ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କାଁ ଭାଁ କଣ୍ଟାବାଞ୍ଜି ଅବକାରୀ ପୁଲିସ ଖବର ପାଇ ଚଢ଼ଉ କରୁଥିବା ବେଳେ ସବୁଜାଣି ଅଜଣା କଣ୍ଟାବାଞ୍ଜି ଆରପିଏଫ ଓ ଜିଆରପି ପୁଲିସ ବୋଲି ସହରରେ ଚର୍ଚ୍ଚା ହେଉଛି। କଣ୍ଟାବାଞ୍ଜି ସହର କିଛି ବ୍ୟକ୍ତି ବେଆଇନ ଗଞ୍ଜେଇ ଚାଲାଣ ରାକେଟକୁ କଣ୍ଟାବାଞ୍ଜିରୁ ନିୟନ୍ତ୍ରଣ କରୁଥିବା ବେଳେ ତାଙ୍କ ଜରିଆରେ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଟ୍ରେନ ଯୋଗେ ଚାଲାଣ ହେଉଥିବା ବିଶେଷ ସୂତ୍ର ରୁ ଜଣାପଡୁଛି। କଣ୍ଟାବାଞ୍ଜି ଷ୍ଟେସନ ଭିତରୁ ଅନେକ ଥର ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ ଗଞ୍ଜେଇ ବେପାରୀ ପୁଲିସକୁ ଭୟ କରୁନାହାଁନ୍ତି। ରେଳ ବିଭାଗ ଏବଂ ବଲାଙ୍ଗିର ଏସପି ତୁରନ୍ତ ପଦକ୍ଷେପ ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଏଟିଏମ୍ ଅଚଳ: ୬ ପଞ୍ଚାୟତ ଲୋକେ ହନ୍ତସନ୍ତ

ଚାରବାହାଲ, ୨୨।୭ (ସମିସ):କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରବାହାଲରେ ଥିବା ଏକମାତ୍ର ଏସବିଆଇ ଏଟିଏମ୍ ଦୀର୍ଘ ଛଅ ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡ଼ିଛି। ଫଳରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଏଟିଏମ୍ ଉପରେ ଆଖପାଖର ୫/୬ ପଞ୍ଚାୟତ ଲୋକେ ନିର୍ଭର କରନ୍ତି। ଚାରବାହାଲ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଇ ଥିବାରୁ ଏସବିଆଇ ଏଟିଏମ ଖରାପ

ଯୋଗୁଁ ଗ୍ରାହକ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି।ବାରମ୍ବାର ଏଟିଏମ ଅଚଳ ପର୍ଯ୍ୟାପ୍ତ ପରିମାଣର ଟଙ୍କା ନଥିବା ପରିଚାଳନା ଦାୟିତ୍ୱ ରେ ଥିବା ସଂସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।ଏ ସମ୍ପର୍କରେ ଚାରବାହାଲ ବ୍ୟାଙ୍କ୍ ଶାଖା ପରିଚାଳକ ତପନ କୁମାର ବାଡାଙ୍କୁ ପଚାରିବାରୁ ନୂଆ ଏଟିଏମ୍ ଆଣିବା ସମୟରେ ଅସାବଧାନତା ଯୋଗୁଁ ଭାଙ୍ଗି ଗଲା। ପରିଚାଳନା କରୁଥିବା ସଂସ୍ଥାକୁ ବାରମ୍ବାର କହିବା ସତ୍ତ୍ୱେ ଆଜିକାଲି ଭିତରେ ନୂଆ ଏଟିଏମ୍ ଲାଗିବ ବୋଲି କହିଥିଲେ। ଚାରବାହଲରେ ଥିବା ଏଟିଏମ୍‌କୁ ଶୀଘ୍ର ମରାମତି କରିବାକୁ ଜନସାଧାରଣରେ ଦାବି ହେଉଛି।

ପୁଣି ଫେଭର୍ ପ୍ରସଙ୍ଗ: ଜେଲ ଗଲେ କମ୍ପ୍ୟୁଟର ଡାଟା ଏଣ୍ଟ୍ରି ଅପରେଟର୍

ଭବାନୀପାଟଣା, ୨୨।୭ (ସମିସ):ଓଡ଼ିଶାରେ ସମ୍ପ୍ରତି ଛାତ୍ରୀ ନିର୍ଯାତନା ପ୍ରସଙ୍ଗ ଜୋର ଧରି ଥିବାବେଳେ କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅଞ୍ଚଳରେ ପୁଣିଥରେ ଏକ ଫେଭର ପ୍ରସଙ୍ଗରେ କଲେଜର ଡାଟା ଏଣ୍ଟ୍ରି ଅପରେଟର ଗିରଫ ହେଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ମୁତାବକ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ମ.ରାମପୁର ଥାନା ରିଷିଡା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଭାବରେ କାମ କରୁଥିବା ସୌମ୍ୟରଞ୍ଜନ ତ୍ରିପାଠୀ ଉକ୍ତ ବିଦ୍ୟାଳୟର ଜନୈକା ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେବା ସହିତ ୨୦୨୩ ମସିହାରେ ନାମ ଲେଖାଇଥିବା ଏହି ଛାତ୍ରୀଜଣଙ୍କୁ ପରୀକ୍ଷାରେ ଫେଲ କରେଇଥିବା ନେଇ ଅଭିଯୋଗ ହେଇଛି। ଏଥିପୂର୍ବରୁ ଉକ୍ତ ଛାତ୍ରୀଜଣଙ୍କ ଜିଲ୍ଲାପାଳଙ୍କ ପାଖରେ ମଧ୍ୟ ଅଭିଯୋଗ କରିଥିଲେ। ଏହାକୁ ନେଇ ଉପଜିଲ୍ଲାପାଳ କିଛି ଦିନ ତଳେ ଅଭିଯୁକ୍ତଙ୍କ ସମେତ କଲେଜ ଅଧ୍ୟକ୍ଷଙ୍କୁ ଡାକି ଘଟଣାର ତଦନ୍ତ କରିଥିଲେ ଏବଂ କିଛି ଦିନ ହେବ ସୌମ୍ୟ ରଞ୍ଜନଙ୍କୁ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବଦଳି କରିଥିଲେ। ତେବେ ପୁଣିଥରେ ଏହି ଘଟଣାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇବା ସହିତ ଗତକାଲି ମଧ୍ୟ ଉକ୍ତ ଛାତ୍ରୀଙ୍କ ଘରକୁ ଯାଇ ପୁଲିସ ମ.ରାମପୁର ତହସିଲଦାରଙ୍କ ଉପସ୍ଥିତିରେ ପଚରାଉଚୁରା କରିଥିଲା। ଆଜି ମ.ରାମପୁର ପୁଲିସ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇ ଅଭିଯୁକ୍ତଙ୍କୁ ମ.ରାମପୁର ଥାନାକୁ ଆଣିବା ପରେ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଓ ଅଭିଯୋଗକାରୀ ଛାତ୍ରୀଙ୍କୁ ମ.ରାମପୁର ଥାନାଧିକାରୀ ବୀରବର ଭଗତ ଜିଲ୍ଲା କୋର୍ଟକୁ ନେଇ ହାଜର କରାଇ ଥିବା ସୂଚନା ମିଳିଛି।ତେବେ ମ.ରାମପୁର ଥାନା ଅଞ୍ଚଳରେ ବର୍ତ୍ତମାନ ଏହି ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ୨୦୨୩ ମସିହା ଘଟଣାର ତଦନ୍ତ ଏତେ ବିଳମ୍ବ ହେଲା କାହିଁକି। ସତ କେଉଁଠି ଲୁଚିଛି ତାହା ଜାଣିବାର ଆବଶ୍ୟକତା ରହୁଛି।

ଛାତ୍ରଙ୍କ ଦ୍ୱାରା ବିଲେଇ ଫିଙ୍ଗାଯିବା ଘଟଣା

ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ପାଟଣାଗଡ଼, ୨୨।୭ (ସମିସ):ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତ ୪ ତାରିଖ ଦିନ ଶିକ୍ଷାଦାନ ପାଇଁ ଆସିଥିବା ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି।ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ପଠାଯିବ ଓ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପୂର୍ବରୁ ଶଙ୍କର ପ୍ରସାଦ ମାଝୀ ଶିକ୍ଷାଧିକାରୀ ପାଟଣାଗଡ଼ କହିଥିଲେ।ତେବେ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ଘଟଣାକୁ ଗୁରୁତ୍ୱ ସହ ନେଇ ମଙ୍ଗଳବାର ତୁରନ୍ତ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାପାଇଁ ବିଇଓ ପାଟଣାଗଡ଼ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ମଙ୍ଗଳବାର ବିଇଓ ଶ୍ରୀ ମାଝୀ କାରଣ ଦର୍ଶାଅ ନୋଟିସ କରିଥିବା କହିଛନ୍ତି। ଅନ୍ୟପଟେ ପ୍ରଧାନଶିକ୍ଷକ ଜଣକ କାର୍ଯ୍ୟାନୁଷ୍ଠାନ ଭୟରେ ଓ ମାମଲାକୁ ଚପାଇବାକୁ ଉଦ୍ୟମ କରି ସ୍କୁଲର ପରିଚାଳନା କମିଟିର ସଭାପତିଙ୍କ ସହ କେତେକ ସଦସ୍ୟଙ୍କୁ ସୋମବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବଲାଙ୍ଗିରଙ୍କୁ ପଠାଇଥିବା ସୂଚନା ମିଳିଛି।ତେବେ ଉକ୍ତ ଭିଡିଓରେ ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ସ୍ପଷ୍ଟ ପ୍ରମାଣିତ ହୋଇସାରିଛି।ଯେହେତୁ ପ୍ରଧାନଶିକ୍ଷକଙ୍କ

ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଡିଇଓଙ୍କ ନିର୍ଦ୍ଦେଶ

ଉପସ୍ଥିତିରେ ଛାତ୍ରମାନେ ସ୍କୁଲ ପରିସରରୁ ବାହାରକୁ ଯାଇ ବିଲେଇ ଫିଙ୍ଗିଛନ୍ତି ଓ ଭିଡିଓ ପ୍ରମାଣ ରହିଛି ପ୍ରଧାନଶିକ୍ଷକ ଯେତେ ବାହାନା କଲେ ସେ ହିଁ ଦାୟୀ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାଗ ପୂର୍ବରୁ କହିଛନ୍ତି।ପ୍ରକାଶଯୋଗ୍ୟ ଯେ ଗତ ୪ ତାରିଖ ଦିନ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ର ସ୍କୁଲ ୟୁନିଫର୍ମ ପିନ୍ଧି ଗାଁର ଶେଷ ସୀମା ପଟକୁ ଏକ ଅଖା ବସ୍ତା ଧରି ଯାଉଥିଲେ।ସେଠାରେ ଉପସ୍ଥିତ ଥିବା ଅବିଭାବକ ଜଣକ ସନ୍ଦେହ କରି ଉକ୍ତ ଛାତ୍ରମାନଙ୍କୁ ବସ୍ତାରେ କଣ ଅଛି ପଚାରିବାରୁ ବସ୍ତାରେ ଜିଅନ୍ତା ବିଲେଇ ଅଛି ଓ ପ୍ରଧାଶିକ୍ଷକ ଆମକୁ ଫିଙ୍ଗିବାକୁ କହିଥିବା କହିଥିଲେ। ଉକ୍ତ ଘଟଣାକୁ ଅବିଭାବକ ଜଣକ ଭିଡିଓ ଉତ୍ତୋଳନ କରିନେଇଥିଲେ।ତେବେ ପ୍ରଧାନଶିକ୍ଷକ ସୁଧାଂଶୁ ସେଠ ବେଆଇନ ଭାବେ କୋମଳମତି ଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ବଦଳରେ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣା ଆମକୁ ବ୍ୟଥିତ କରୁଛି ଓ ଏହା ଏକ ଦଣ୍ଡନୀୟ ଅପରାଧ ଅଟେ। ପ୍ରଧାନଶିକ୍ଷକ ଜଣକ ଛାତ୍ରମାନଙ୍କ ଜୀବନ ସହ ଖେଳ ଖେଳିଛନ୍ତି ଅଭିଯୋଗ ଆଣି ଅଭିଭାବକ ଜଣକ ଗତ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓଡ଼ିଶା ସରକାର, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଓଡ଼ିଶା ସରକାର, ଜିଲ୍ଲାପାଳ ବଲାଙ୍ଗିର ଓ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏବିଇଓ ପାଟଣାଗଡ଼ ଘୁମେର ସ୍କୁଲକୁ ଆସି ତଦନ୍ତ କରିଥିଲେ।

■ ରାସ୍ତା ମଝିରେ ଖାଲ

ନିଦାବିଷ୍ଣୁ ସାଜିଛି ସମ୍ପୃକ୍ତ ବିଭାଗ ଓ ପ୍ରଶାସନ

କେସିଙ୍ଗା, ୨୨।୭ (ସମିସ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆମ୍ବେଦକର ଛକ ଠାରୁ ରୂପା ରାସ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି ନା ରାସ୍ତା ନିର୍ମାଣ କାମ ହେଉଛି ନା ଅତି ଖରାପ ହୋଇ ପଡ଼ିଥିବା ସ୍ଥାନରେ ମରାମତି ହେଉଛି।ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମଟର ଉକ୍ତ ରାସ୍ତାରେ ଯାଆସ କରୁଛି ଆଗକୁ କେସିଙ୍ଗା ମହାବିଦ୍ୟାଳୟ ସମେତ ତହସିଲ ଅଫିସ, ଅଦାଲତ, ଆଦର୍ଶ ବିଦ୍ୟାଳୟ, ଦମକଳ ଅଫିସ, ସବ୍ ଟ୍ରେଜେରି ଅଫିସ, ଅବକାରୀ କାର୍ଯ୍ୟାଳୟ ଏମିତି ଅନେକ କାର୍ଯ୍ୟାଳୟ ଅଛି।ପ୍ରତିଦିନ ଉକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ସେହି ଖାଲଖାମାଲ ରାସ୍ତାଦେଇ ଯିବା ଆସିବା କରୁଥିଲେ ମଧ୍ୟ କାହାର ନଜର ଉକ୍ତ ପିଡବ୍ଲ୍ୟୁଡି ରାସ୍ତା ଉପରେ ନ ପଡ଼ିବା ଦୁଃଖର ସହିତ।ଖୋଦ ଜିଲ୍ଲା ମୁଖିଆ ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ବଡ଼ ଅଧିକାରୀମାନେ ଦୁଇ

ଦିନ ତଳେ କେସିଙ୍ଗା କଲେଜ ରେ ଗୋଟିଏ କାର୍ଯ୍ୟକ୍ରମ ପାଇଁ ସେହି ରାସ୍ତା ଦେଇ ଆଗକୁ ଯାଇଥିଲେ ମଧ୍ୟ ବିଭାଗ ଚୁପ ବସିଛି ରହିଛି।ବର୍ଷା ହେଲେ ଖାଲ ମାନଙ୍କରେ ପାଣି ଭରି ରହିବା ଫଳରେ ନୂଆଁ ଗାଡ଼ି ଚାଳକର ଚକ ଖାଲ ଭିତରେ ପଡ଼ି ଦୁର୍ଘଟଣା ହେଉଥିବା ଦେଖାଯାଉଛି।ବିଗତ ଦିନରେ ବିଭିନ୍ନ ଗଣମାଧ୍ୟମରେ ଉକ୍ତ ରାସ୍ତା ଉପରେ ଖବର ପ୍ରସାରଣ କରାଯାଇ ଥିଲେ ମଧ୍ୟ ବିଭାଗର ଉଦାସୀନତା ଜଳ ଜଳ ହୋଇ ଦେଖାଯାଉଛି।ରାସ୍ତା କାମ ବର୍ତ୍ତମାନ ପାଇଁ ସମ୍ଭବ ନ ହେଲେ ମଧ୍ୟ ବଡ଼ ବଡ଼ ଖାଲ ଗୁଡ଼ିକ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

ରାସ୍ତା ନିର୍ମାଣ ପାଇଁ ପୌରାଧ୍ୟକ୍ଷଙ୍କୁ ଦାବିପତ୍ର

ଭବାନୀପାଟଣା, ୨୨।୭ (ସମିସ): ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ବଂଶଧାରା ଛାତ୍ର ନିବାସ ଠାରୁ ଏକାଡେମୀ ବ୍ଲକ -୧ ରାସ୍ତା ଶୋଚନୀୟ ହୋଇଥିବାବେଳେ ଏହି ରାସ୍ତାର ନିର୍ମାଣ ପାଇଁ ବଂଶଧାରା ଛାତ୍ରାବାସ ଓ ପୂର୍ବ ଛାତ୍ରବାସ ଛାତ୍ରମାନେ ଦାବି କରିଛନ୍ତି। ବର୍ଷା ଦିନେ ଆଣ୍ଠୁଏ ପାଣି ଜମିବା ସହ ଦୁର୍ଘଟଣା ମଧ୍ୟ ହେଉଛି। ଏହି ରାସ୍ତା ଉପରେ ଦୁଇଟି ଛାତ୍ରବାସର ପ୍ରାୟ ୫୦୦ଛାତ୍ର ନିର୍ଭର କରନ୍ତି। ଆଜି ଛାତ୍ରମାନଙ୍କ ଅନୁରୋଧ କ୍ରମେ ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ ବିଶ୍ୱବିଦ୍ୟାଳୟର ବଂଶଧାରା ଛାତ୍ରାବାସ ପାଖ ରାସ୍ତାର ତଦାରଖ କରିବା ସହିତ ଖୁବ୍ ଶୀଘ୍ର ଏହି ରାସ୍ତା ନିର୍ମାଣ ପାଇଁ ଛାତ୍ରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ର ନେତା ଚୈତନ୍ୟ ବାଗଙ୍କ ନେତୃତ୍ୱରେ ପୌରାଧ୍ୟକ୍ଷଙ୍କୁ ରାସ୍ତା ନିର୍ମାଣ ସହ ଡଷ୍ଟବିନ ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ଡଃ ନିବେଦିତା ନାଥଙ୍କୁ ଛାତ୍ର ନେତାମାନେ ସାକ୍ଷାତ କରି ବିଶ୍ୱବିଦ୍ୟାଳୟରେ ସଫେଇ ଅଭିଯାନକୁ ତ୍ୱରାନ୍ୱିତ କରିବା ଏବଂ ବିଶ୍ୱବିଦ୍ୟାଳୟକୁ ତମାଖୁ ମୁକ୍ତ ଅଞ୍ଚଳ ଘୋଷଣା କରିବା ସକାଶେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଆଲୁମିନି ଆସୋସିଏସନର ସମ୍ପାଦକ ଅବିନାଶ ଠାକୁର, ଛାତ୍ର ନେତା ମାନସ ସିନ୍ଦୂର, ଆଶୁତୋଷ ପୁଜାରୀ, ଭେସଜ ପାଲ, ଦୀପକ ବେହେରା, ଲୋକନାଥ ବିଶ୍ୱାଳ, ପ୍ରିୟ ରଞ୍ଜନ ନାଏକ, ରୋନକ ଭୋଇ, ଶୁଭାଶିଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

କେନାଲ ଅବରୋଧ କରି ଗୃହ ନିର୍ମାଣ; ବିଭାଗ ନୀରବ ଦ୍ରଷ୍ଟା

ଜୁନାଗଡ଼, ୨୨।୭ (ସମିସ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର କଲମପୁର ଛକ ଗାୟତ୍ରୀ ମନ୍ଦିର ପାଖ ଦେଇ ଯାଇଥିବା ଜଳସେଚନ କେନାଲର ସ୍ଥିତି ଏବେ ବିପନ୍ନ ହୋଇପଡ଼ିଛି। କିଛି ଶିଳ୍ପପତି କେନାଲକୁ ଅବରୋଧ କରି ଅଟ୍ଟାଳିକା ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ମେରିଅବନ୍ଦଲି ଦେଇ ଆସିଥିବା ଇନ୍ଦ୍ରାବତୀ ଜଳସେଚନ ବିଭାଗର ଏହି କେନାଲ ସହର କଡେ କଡେ ଦୁର୍ଗା ନଗର, ସାହୁପଡ଼ା ପଛପଟ ହୋଇ ଜୁନାଗଡ଼-ବ୍ରାହ୍ମଣୀଗୁଡା ରାସ୍ତା ପାରି ହୋଇ କଲମପୁର ଛକ ଗ୍ରାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ରହିଥିବା ବେଳେ ଆଗକୁ କେନାଲ କିଛି ବ୍ୟବସାୟୀ ଅବରୋଧ କରି ଥିବା ହେତୁ ଆଉ ଆଗକୁ କେନାଲର ଚିହ୍ନ ବର୍ଣ୍ଣ ମଧ୍ୟ ନାହିଁ।ଏହି କେନାଲ ଉପରେ ଅଞ୍ଚଳର ଶହ ଶହ ଚାଷୀ ନିର୍ଭର କରୁଥିବା ବେଳେ କେନାଲ ଓ ଜଳସେଚନର ଦୁଃସ୍ଥିତିକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି।ପୂର୍ବରୁ ଏହି କେନାଲ ଦେଇ ଜଳସେଚଚନ ଜୁନାଗଡ଼ ସହରର ଖଲିଅଭଟା ସହ ତାଲବନ୍ଦପଡ଼ା ଶେଷ ମୁଣ୍ଡ ପର୍ଯ୍ୟନ୍ତ ଯାଉଥିବା ଚାଷୀମାନେ ପ୍ରକାଶ କରନ୍ତି।ହେଲେ ଏବେ ଏହି କେନାଲର ଗତିପଥ ଗାୟତ୍ରୀ ମନ୍ଦିର ଠାରୁ କେଉଁଆଡେ ଉଭେଇ ଯାଇଛି, ତାହା ଜଣାପଡୁ ନାହିଁ।ବ୍ରାହ୍ମଣୀଗୁଡା ରାସ୍ତା ପାଖରୁ କଲମପୁର ଚକ ଗାୟତ୍ରୀ ମନ୍ଦିର ମଧ୍ୟରେ ଅଧାରୁ କେନାଲ ରାସ୍ତା ଦୀର୍ଘଦିନରୁ ଅବରୋଧ ହୋଇଛି।ସମ୍ପୃକ୍ତ କେନାଲର ସଂଲଗ୍ନ ସରକାରୀ ଜମି ଲୋକେ ଅଧିକୃତ କିଛି ଶିଳ୍ପପତି ବେଆଇନ ଅକ୍ତିଆର କରିଥିବା ସର୍ବସାଧାରଣରେ ଅଭିଯୋଗ ହୁଏ।ଓ ଜୁନାଗଡ଼ ସହର କଲମପୁରଛକସ୍ଥିତ ଗ୍ରାୟତ୍ରୀ ମନ୍ଦିର ପାଖରେ ନିଜର ଗତିପଥ ଅଣ୍ଡାଳୁଥିବା ଏହି କେନାଲର ସ୍ଥିତି ସଙ୍ଗିନ ହୋଇଛି।ପୂର୍ବରୁ କୁଆଡେ ଏହି କେନାଲର ଗତିପଥ



ଯାଇଥିବା ଜାଗାରେ ଏବେ ବଡ଼ବଡ଼ ଶିଳ୍ପପତି-ବ୍ୟବସାୟୀଙ୍କ କବଜା ରହିଛି। କେନାଲ ପାର୍ଶ୍ୱବର୍ତ୍ତି ଲୋକେ କେନାଲକୁ ଡ୍ରେନ ଭଳି ବ୍ୟବହାର କରି କୁଢ଼କୁଢ଼ ଅଳିଆ ଆବର୍ଜନା ପକାଉଛନ୍ତି।କେନାଲର ବହୁବିଧ ସମସ୍ୟା

● ମୁଣ୍ଡିପଦର ନିକଟରୁ ୨ ଜଣଙ୍କୁ ଅପହରଣ ଘଟଣା

ଜେଜେବିରେ ନାବାଳକ ହାଜର, ୨ କୋର୍ଟ ଚାଲାଣ

ଶଗଡା,୨୨।୭ (ସମିସ): ବାଉଁଶୁଣୀ ଥାନା ମୁଣ୍ଡିପଦର ନିକଟରୁ ଦୁଇ ଜଣଙ୍କୁ ଅପହରଣ ଘଟଣାରେ ଜଣେ ନାବାଳକ ସମେତ ୩ ଜଣଙ୍କୁ ଧରିଛି ବାଉଁଶୁଣୀ ପୁଲିସ। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି) ରେ ହାଜର କରିଛି।

ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ସାହୁପଡା ଗ୍ରାମର ପୀତବାସ କାମିଲା (୨୧) ଓ ରେଙ୍ଗାଲା ଗ୍ରାମର କର୍ମବୀର ମେହେର (୨୪)। ମିଳିଥିବା ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ବଘିଆପଡା ଗ୍ରାମର ମାନସ ସାହୁ ଦନ୍ତାପାଲି ଗ୍ୟାରେଜରୁ ଟ୍ରାକ୍ଟର କାମ ସାରି ବାଇକ ଯୋଗେ ଓ ଡ୍ରାଇଭର ଟ୍ରାକ୍ଟର ଧରି ଘରକୁ ଫେରୁଥିଲେ। ଉକ୍ତ ସମୟରେ ମୁଣ୍ଡିପଦର ଗ୍ରାମ ନିକଟରେ ୩ ଜଣ ବ୍ୟକ୍ତି ଉଭୟ ମାନସ ଓ ଟ୍ରାକ୍ଟର ଡ୍ରାଇଭରଙ୍କୁ ଅପହରଣ କରିବା ସହ ଲକ୍ଷାଧିକ ଟଙ୍କା ଦାବି କରିଥିଲେ।

ଏନେଇ ଅଭିଯୋଗ ପାଇବା ପରେ ବାଉଁଶୁଣୀ ପୁଲିସ ମନମୁଣ୍ଡା ଥାନା ମନୁପାଲି ନିକଟରୁ ଉଭୟଙ୍କୁ ଉଦ୍ଧାର କରି ୩ ଅପହରଣକାରୀଙ୍କୁ ଗିରଫ କରିଥିଲା। ଅପହରଣକାରୀଙ୍କ ନିକଟରୁ ଗୋଟିଏ ଟ୍ରାକ୍ଟର, ଦୁଇଟି ବାଇକ, ତିନିଟି ମୋବାଇଲ୍, ମନିପର୍ସ ଓ ଦୁଇଟି ଲାଠି ଜବତ କରାଯାଇଥିବା ବାଉଁଶୁଣି ଆଇଆଇସି ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି। ପୀତବାସ ନାମରେ ମନମୁଣ୍ଡା ଓ ବୌଦ୍ଧ ଥାନାରେ ପୂର୍ବରୁ ମାମଲା ଥିବା ଜଣାପଡିଛି।

ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା

ଭାରତୀୟ ଟାଏକ୍ୱୋଣ୍ଡୋ ଦଳ ସହ ଏହେଶାସଙ୍କ ଜର୍ମାନ ଗସ୍ତ

ବୀରମହାରାଜପୁର,୨୨।୭ (ସମିସ)

ଜର୍ମାନୀରେ ଅନୁଷ୍ଠିତ ହେଉଥିବା ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେବାକୁ ଚୟନ ହୋଇଥିବା ଭାରତୀୟ ଟାଏକ୍ୱୋଣ୍ଡୋ ଦଳରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତଥା ପଶ୍ଚିମ ଓଡିଶାର ଏକମାତ୍ର ଖେଳାଳୀ ଭାବରେ ବୀରମହାରାଜପୁରର ଏହେସାସ ହୋତା ମନୋନୀତ ହୋଇଛନ୍ତି। ସେ ଭାରତୀୟ ଟାଏକ୍ୱୋଣ୍ଡୋ ଦଳ ସହ ଜର୍ମାନ ଗସ୍ତ କରିଛନ୍ତି। ଅଲମ୍ପିକ୍ ଗେମ୍ ସମକକ୍ଷ ରହିଥିବା ଏହି ପ୍ରତିଯୋଗିତା ବହୁତ ଟପ୍ ହୋଇଥିବାବେଳେ ଏହେସାସ ଏହି ପ୍ରତିଯୋଗିତା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜଣାଯାଇଛି। ଜର୍ମାନ ଗସ୍ତ ପୂର୍ବରୁ ଅମୃତସରଠାରେ ଭାରତୀୟ ଟାଏକ୍ୱୋଣ୍ଡୋ ଖେଳାଳୀମାନଙ୍କୁ ଦୀର୍ଘ ଏକମାସ ଧରି ଉନ୍ନତ ମାନର ତାଲିମ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନେକ ଥର ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ସଫଳତା ପାଇଥିଲେ ହେଁ ଅଲିମ୍ପିକ ସହ ସମକକ୍ଷ ଥିବା ଏଭଳି ଏକ ପ୍ରତିଯୋଗିତାରେ ଭାଗନେବା ପାଇଁ ସେ ଦୀର୍ଘ ୧୭ ବର୍ଷ ହେଲା ପ୍ରଚେଷ୍ଟା ଜାରି ରଖିଥିଲେ। ଏଣୁ ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସୌଭାଗ୍ୟବୋଲି କହିବା ସହ ଏ ମାଟିପାଇଁ କିପରି ଗୌରବ ସାଉଁଟିବେ ତାହା ତାଙ୍କର ପ୍ରାଥମିକତା ରହିବ ବୋଲି ଏହେସାସ ପ୍ରକାଶ କରିଛନ୍ତି। ଏହେସାସଙ୍କୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ରେଜିଷ୍ଟାର ନୃପରାଜ ସାହୁ ସ୍ପୋର୍ଶ ଡାଇରେକ୍ଟର ଅଭିନାଶ କର, ସ୍ପୋର୍ଶ କାଉନସିଲ ସେକ୍ରେଟାରୀ ଡ. ଦେବେନ୍ଦ୍ର ମହାଲିକ, ସିଡିସି ଅଧ୍ୟକ୍ଷ ଡ. ସଂଯୁକ୍ତା ଦାଶ, କୋଚ ରାମ କୁମାର ସାହୁ, ବରଗଡ ଇମ୍ପାରିଆଲ କଲେଜର ମ୍ୟାନେଜିଂ ଡାଇରେକ୍ଟର ଦୀପକ ଗୋଏଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥି, ରାଜ୍ୟ ଟାଏକ୍ୱୋଣ୍ଡୋ ସଂଘ ସଂପାଦକ ମନମୋହନ ଭଂଜ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଂଜନ ମିଶ୍ର, ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଏବଂ ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘର ଆଇନ ପରାମର୍ଶ ଦାତା ଶେଷଦେବ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଶଗଡ଼ା ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

ମନମୁଣ୍ଡା,୨୨।୭ (ସମିସ): ମଙ୍ଗଳବାର ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହିତ ସତ୍ୟସାଇ ସେବା ସମିତି ବୌଦ୍ଧ ଶାଖାର କର୍ମକର୍ତ୍ତାମାନେ ସାହାଯ୍ୟ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ତିନିଶହ ଚାରାରୋପଣ କରାଯାଇଥିଲା। ଏନେଇ ଅନୁଷ୍ଠିତ ବୈଠକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସତ୍ୟସାଇ ସେବା ସମିତି ବୌଦ୍ଧ ଶାଖାର ସଂଯୋଜକ ଡା. ପ୍ରିୟବର୍ତ୍ତ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ ଏନ୍‌ଏନ୍‌ଏସ୍ ପ୍ରୋଗ୍ରାମ ଅଫିସର ଶେଷଦେବ ପର୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସ୍କୃତ ଅଧ୍ୟାପକ ବିଭିଷଣ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମକର୍ତ୍ତା ସାହାଯ୍ୟ କରିଥିଲେ।

ଟ୍ରେନ୍ ଲାଇନ୍‌ରେ ଯୁବକଙ୍କ ବିପଦପୂର୍ଣ୍ଣ ଷ୍ଟଣ୍ଟ; ଭିଡିଓ ଭାଇରାଲ

ଶଗଡ଼ା,୨୨।୭ (ସମିସ): ବଲାଙ୍ଗୀର ଖୋର୍ଦ୍ଧା ନୂତନ ଭାବରେ ନିର୍ମିତ ରେଳ ଲାଇନରେ ଜଣେ ଯୁବକ ବିପଦପୂର୍ଣ୍ଣ ଭାବରେ ଷ୍ଟଣ୍ଟ କରୁଥିବା ଭିଡିଓ ଆଜି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁସାରେ ବଲାଙ୍ଗୀର ଖୋର୍ଦ୍ଧା ରେଳ ଲାଇନର ବୌଦ୍ଧ ଜିଲ୍ଲା ବାଉଁଶୁଣି ନିକଟରେ ଥିବା ଟ୍ରେନ୍ ଟ୍ରାକରେ ଜଣେ ଯୁବକ ନିଜ ଜୀବନକୁ ବାଜି ଲଗାଇ ଟ୍ରେନ୍ ଯାଉଥିବା ସମୟରେ ଶୋଇ ନିଜେ ଭିଡିଓ ସୁଟ୍ କରୁଥିବା ଭିଡିଓରେ ସ୍ପଷ୍ଟ ଜଣାପଡିଛି। ପୂର୍ବରୁ ଏଭଳି ଏକ ନାବାଳକ ଟ୍ରେନ୍ ଯାଉଥିବା ସମୟରେ ଟ୍ରାକ୍‌ରେ ଶୋଇଥିବା ଭିଡିଓ ଭାଇରଲ ହେବା ପରେ ରେଲୱେ ପୁଲିସ ପକ୍ଷରୁ ତଦନ୍ତ କରାଯିବା ସହ ନାବାଳକ ସହ ସହଯୋଗୀଙ୍କୁ ବଲାଙ୍ଗୀର ନେଇ ପଚରାଉଚରା କରିଥିଲା। ରେଲୱେ ପୁଲିସ ପକ୍ଷରୁ ଟ୍ରାକ୍ ନିକଟବର୍ତ୍ତୀ ଲୋକଙ୍କୁ ସଚେତନ କରାଯାଇଥିଲା। ସଚେତନ କଲା ପରେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ତେବେ ଉକ୍ତ ଯୁବକଙ୍କ ଟ୍ରେନ୍ ଟ୍ରାକ୍‌ରେ ବିପଦପୂର୍ଣ୍ଣ ଷ୍ଟଣ୍ଟକୁ ନେଇ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।



ମରାମତି ହେଲା ଅଚଳ ନଳକୂଅ

ଶଗଡା,୨୨।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ପଞ୍ଚାୟତ ବାନ୍ଧନ୍ ଝୁଲି ଗାଁ ମଝିରେ ଥିବା ନଳକୂପଟି ୧୫ ଦିନ ହେବ ଅଚଳ ହୋଇପଡିଥିଲା। ଏନେଇ ଅଚଳ ହୋଇପଡିଥିବାରୁ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିଲେ। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନଥିଲା। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ ଦିନ ହେବ ନଳକୁପ ମରାମତି ହୋଇ ପାରି ନଥିଲା। ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ପ୍ରକାଶିତ 'ସକାଳ' ଖବରକାଗଜର ଖବରକୁ ନେଇ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ରମେଶ ମେହେର ଓ ବିନୋଜ କନ୍ଧେର, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲାର ମନଧର କର୍ମୀ, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ଟୁଇଟ କରି ଅଭିଯୋଗ କରିଥିଲେ। ଟୁଇଟ ପରେ ମଙ୍ଗଳବାର ଉକ୍ତ ନଳକୂପକୁ ମରାମତି କରାଯାଇଥିବା ଜଣାପଡ଼ିଛି।

'ସକାଳ' ପ୍ରଭାବ

'ସକାଳ' ଖବରକାଗଜରେ ଖବର ପ୍ରକାଶ ପରେ ମଙ୍ଗଳବାର ଅଚଳ ନଳକୂପ ମରାମତି ହୋଇଛି। ସୂଚନାନୁଯାୟୀ, ଗାଁରେ ୪୦ ପରିବାରର ୧୮୦ ଜଣ ଲୋକ ବସବାସ କରୁଥିବା ବେଳେ ଗାଁ ମଝିରେ ଥିବା ଏକମାତ୍ର ନଳକୂପ

ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନବଚିନ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ବିନିକା,୨୨।୭ (ସମିସ): ବିନିକା ସ୍ଥିତ ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନବଚିନ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅର୍ଥନୀତି ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମର ରୂପରେଖ ଉପରେ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ତର୍କ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଓଡ଼ିଆ ଅଧ୍ୟାପକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଧ୍ୟୟନରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ମରାମତି ହେଲା ଟ୍ରାନ୍ସଫର୍ମର

ଶଗଡା,୨୨।୭ (ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ମନୁପାଲି ପଞ୍ଚାୟତ ଡିଗୀ ଗ୍ରାମର ଚାଷୀଙ୍କ ଉଠାଜଳସେଚନକୁ ଯାଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଏକ ମାସରୁ ଅଧିକ ହେଲା କୌଣସି କାରଣରୁ ଅଚଳ ହୋଇ ପଡିରହିଥିଲା। ଏନେଇ 'ସକାଳ' ଖବର କାଗଜରେ ଖବର ପ୍ରକାଶ ପରେ ମଙ୍ଗଳବାର ଉକ୍ତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କରାଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଉକ୍ତ ଟ୍ରାନ୍ସଫର୍ମରକୁ ସଜାଡିବା ପାଇଁ ଚାଷୀ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଓ କର୍ମଚାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। କିନ୍ତୁ ବିଭାଗୀୟ କର୍ମଚାରୀ ଏଦିଗରେ କୌଣସି ଗୁରୁତ୍ୱ ଦେଉ ନଥିଲେ। ଟ୍ରାନ୍ସଫର୍ମର ଅଚଳ ହେବା ଫଳରେ ମୋଟର ଚାଲି ପାରୁ ନାହିଁ। ଫଳରେ ପାଣି ଅଭାବରୁ ଅନେକ ଚାଷୀଙ୍କ ଶହ ଶହ ଏକର ଧାନ ଫସଲ ନଷ୍ଟ ହେବାକୁ ବସିଥିଲା। ଚାଷୀଙ୍କ ଅଭିଯୋଗକୁ ନେଇ ଗତ ୨୦ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ପ୍ରକାଶିତ ଖବରକୁ ନେଇ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ରମେଶ ମେହେର ଓ ବିନୋଜ କନ୍ଧେର, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲାର ମନଧର କର୍ମୀ, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଟୁଇଟ କରି ଅଭିଯୋଗ କରିଥିଲେ। ଟୁଇଟ ପରେ ମଙ୍ଗଳବାର ଉକ୍ତ ଟ୍ରାନ୍ସଫର୍ମରକୁ ମରାମତି କରାଯିବା ପରେ ଚାଷୀ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

ଆନ୍ତଃଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

ଷଷ୍ଠ ଦିନରେ ସମ୍ବଲପୁର, କନ୍ଧମାଳ ବିଜୟୀ

ବୌଦ୍ଧ,୨୨।୭ (ସମିସ)

ଓଡିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଷଷ୍ଠ ଦିନରେ ପହଞ୍ଚିଛି। ଷଷ୍ଠଦିନରେ ଗ୍ରୁପ "ବି'ର ପ୍ରଥମ ମ୍ୟାଚ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୪ ମିନିଟରେ ବଲାଙ୍ଗୀରର ସୁବ୍ରତ ପାତ୍ର ଗୋଟିଏ, ୬ ମିନିଟରେ ସମ୍ବଲପୁରର ସୁନୀଲ ମୁଣ୍ଡା ଗୋଟିଏ ଓ ୨୬ ମିନିଟରେ ସମ୍ବଲପୁରର ପ୍ରଶାନ୍ତ ଓରାମ ଗୋଟିଏ ଗୋଲ୍ ଦେଇ ୨-୧ ଗୋଲରେ ଆଗୁଆ ଥିଲେ। ଦ୍ୱିତୀୟାର୍ଦ୍ଧରେ ୬୬ ମିନିଟରେ ସମ୍ବଲପୁରର ଛବିଳ କିଷାନ ଗୋଟିଏ ଓ ୭୬ ମିନିଟରେ ବଲାଙ୍ଗୀରର ସୁବ୍ରତ ପାତ୍ର ଗୋଟିଏ ଗୋଲ୍ ଦେଇଥିଲେ। ଫଳରେ ସମ୍ବଲପୁର ଦଳ ୩-୨ ଗୋଲ୍‌ରେ ବିଜୟୀ ହୋଇଛି। ସମ୍ବଲପୁର ଦଳର ସୁମିତ ଓରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଥମ ମ୍ୟାଚରେ ମୁଖ୍ୟରେଫରୀ ଭାବେ ପ୍ରଶାନ୍ତ କୁମାର ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସଲିଳ କୁମାର ବେହେରା ଓ ଜିତେନ୍ଦ୍ରୀୟ ଥନାପତି ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ମନୋଜ କୁମାର ନାଏକ ଦାୟିତ୍ୱ ତୁଲାଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କନ୍ଧମାଳ ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୯-୦ ଗୋଲରେ କନ୍ଧମାଳ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୧ ମିନିଟରେ କନ୍ଧମାଳର ଦିଲ୍ଲୁ ମଲ୍ଲିକ ଗୋଟିଏ, ଖେଳର ୧୧ ମିନିଟରେ, ୨୨ ମିନିଟରେ ଓ ୨୯ ମିନିଟରେ ଦେବାଶିଷ ଗୋଟିଏ ଲେଖାଏଁ ଗୋଲ୍, ୨୧ ମିନିଟରେ ଏସ.କେ ଫରେଦ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ୫୯ ମିନିଟରେ ଆଉ ଗୋଟିଏ, ୩୭ ମିନିଟରେ ଗୋଲକିପର ସନ୍ତୋଷ ମଲ୍ଲିକ ଗୋଟିଏ, ଖେଳର ୪୫ ମିନିଟରେ ଏମ୍‌ଡି ଇମିଲାଜ ଗୋଟିଏ, ୮୭ ମିନିଟରେ ବେବେଶ୍ୱର ମଲ୍ଲିକ ୧ଟି ଗୋଲ୍ କରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, କନ୍ଧମାଳ ଜିଲ୍ଲା ଆଥଲେଟିକ ଆସୋସିଏସନର ସଂପାଦକ ଶିବ ତ୍ରିପାଠୀ, ସମ୍ବଲପୁର କ୍ରୀଡା ସଂସଦ ସମ୍ପାଦକ ସୁନୀଲ କୁମାର ସାହୁ, ଜିଲ୍ଲା ପ୍ରେସ୍‌କ୍ଲବ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ବରିଷ୍ଠ ବିଜେପି ନେତା ସୌମିତ୍ରୀ ନାୟକ, ବରିଷ୍ଠ କ୍ରୀଡ଼ାବିତ ଶ୍ୟାମ ସୁନ୍ଦର ମହାପାତ୍ର, କ୍ରୀଡାବିତ ଶମ୍ଭୁ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ଦେବାଶିଷ ବାଗ ପରିଚାଳନା କରିଥିବାବେଳେ ଲାଇନରେ ସଞ୍ଜନ କୁଦେଇ ଓ ସୋମନାଥ ମୁର୍ମୁ ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ଧନେଶ୍ୱର ସର୍ଦ୍ଦାର ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ କନ୍ଧମାଳର ଦେବାଶିଷ ରାମମାରାଣ୍ଡିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚକୁ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ନୟାଗଡ ଓ ବରଗଡ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ କଳାହାଣ୍ଡି ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହେବ।

ବିଷପିଇ ଯୁବକଙ୍କ ଆତ୍ମହତ୍ୟା

ମନମୁଣ୍ଡା,୨୨।୭ (ସମିସ): ମନମୁଣ୍ଡା ଥାନା ଶଗଡ଼ାରେ ସୋମବାର ଅପରାହ୍ନରେ ଜଣେ ବିବାହିତ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।

ମୃତକ ଜଣକ ଶଗଡ଼ା ଗ୍ରାମର ବାବୁ ସେନାପତିଙ୍କ ପୁଅ ପିଣ୍ଟୁ ସେନାପତି (୩୬) ବୋଲି ଜଣାପଡିଛି। ସେ ବିଷ ପିଇବା ପରେ ପରିବାର ଲୋକେ ତାକୁ ସୋନପୁର ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯାଇଛି। ମୃତକଙ୍କ ବାପା ଏନେଇ ଶଗଡ଼ା ଫାଣ୍ଡିରେ ଲିଖିତ ଭାବେ ଜଣାଇବା ପରେ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ ଏହାର ତଦନ୍ତ ଚଳାଇଛି। ଆତ୍ମହତ୍ୟାର କରଣ ସ୍ପଷ୍ଟ ହୋଇପାରି ନାହିଁ। ମୃତକଙ୍କ ୯ ବର୍ଷର ଗୋଟିଏ ଝିଅ ଓ ଅଢ଼େଇ ବର୍ଷ ବୟସର ଗୋଟିଏ ପୁଅ ରହିଛନ୍ତି। ଏହି ଘଟଣାରେ ମୃତକଙ୍କ ବାପା ଓ ପରିବାର ବର୍ଗ ଭାଙ୍ଗି ପଡିଥିବାବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଜନତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ଶଗଡ

ବକେୟା ପଡ଼ିଛି ୬୦ ଲକ୍ଷ

ଆତ୍ମହତ୍ୟା ଧମକ ଦେଲେ ମିଲ୍ ମାଲିକ

ବଲାଙ୍ଗିର, ୨୨।୭ (ସମିସ): ବଲାଙ୍ଗିର ଜିଲ୍ଲାରେ ପୁଣି ଚର୍ଚ୍ଚାରେ ମିଲ ମାଲିକ। ସୋମବାର ରାତି ପ୍ରାୟ ସାଢ଼େ ୮ଟାରେ ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟରେ ଜଣେ ରାଇସ୍ ମିଲ୍ ମାଲିକଙ୍କ ହାଇଡ୍ରାମା ଆଲୋଚନାର ବିଷୟ ହୋଇଥିବା ବେଳେ ମଙ୍ଗଳବାର ସଂପୃକ୍ତ ମାଲିକଙ୍କ ସହ ଅନ୍ୟ ମିଲ ମାଲିକ ମଧ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଆସି ସମାନ ଅଭିଯୋଗ ଦୋହରାଇଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଜାଣିଶୁଣି ତାଙ୍କ ବିଲ କରୁନଥିବା ବେଳେ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ବେଲପଡ଼ାସ୍ଥିତ ଅନନ୍ତ ପେଡି ପ୍ରଡକ୍ଟ ଓ ସ୍ନାପ୍ ପେଡି ପ୍ରୋସେସିଂ ରାଇସ୍ ମିଲ୍ ମାଲିକ ଶଙ୍କର ଜୈନ୍ ସୋମବାର ସଂଧ୍ୟାରେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ୨୦୨୩-୨୪ର ଯୋଗାଣ ବିଭାଗ ପାଖରେ ଥିବା ବକେୟା ବିଲ୍ ବାବଦକୁ ୬୦ ଲକ୍ଷ ଟଙ୍କା ଶୀଘ୍ର ପ୍ରଦାନ କରିବାକୁ ଦାବି କରିଥିଲେ। କିନ୍ତୁ, ଖପ୍ରାଖୋଲରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜନଶୁଣାଣିଶିବିର ଥିବାରୁ ଜିଲ୍ଲାପାଳ ସଂଧ୍ୟାରେ କାର୍ଯ୍ୟାଳୟକୁ ନଆସି ଆବାସିକ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବକେୟା ବିଲ୍ ନଦେଇ ୪ମାସ ହେଲା ଦିନ ଗଡ଼ାଇ ଚାଲିଥିବାରୁ ଆଜି ବିଲ୍ ନ ମିଳିଲେ ଆତ୍ମହତ୍ୟା କରିବାକୁ ଶ୍ରୀ ଜୈନ୍ ଧମକ ଦେଇଥିଲେ। ସେ ଆତ୍ମହତ୍ୟା କରିବାକୁ ବଲାଙ୍ଗିର ରେଳଷ୍ଟେସନ ଅଭିମୁଖେ ଯାଉଛନ୍ତି ବୋଲି କହି ଶ୍ରୀ ଜୈନ୍ ଜିଲାପାଳ କାର୍ଯ୍ୟାଳୟରୁ ରାଗି ଯାଇ ବାହାରି ଆସିଥିଲେ। ଏନେଇ ଶ୍ରୀ ଜୈନ ଜିଲ୍ଲାପାଳଙ୍କ ଷ୍ଟେନୋ ଜୟବିହାରୀ ଗୁରୁଙ୍କୁ ଫୋନ୍ କରି ସୂଚନା ଦେଇଥିଲେ। ଷ୍ଟେନୋ ଶଙ୍କର ଜୈନ୍‌ଙ୍କୁ ଫୋନ୍ କରି ଜିଲାପାଳଙ୍କ କାର୍ଯ୍ୟାଳୟଆସିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ ବୋଲି କହିବା ପରେ ଶ୍ରୀ ଜୈନ୍ ଫେରିଆସିଥିଲେ। ତଥାପି ଏହାର ସମାଧାନ ହୋଇନଥିଲା।

ମଙ୍ଗଳବାର ପୁଣି ଆଉ ୧୦ଜଣ ରାଇସ୍ ମିଲ ମାଲିକ ଶଙ୍କର ଜୈନଙ୍କ ସହ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ମାଲିକଜଣଙ୍କ କାନ୍ଦିକାନ୍ଦି ବକେୟା ବିଲ ପ୍ରଦାନ କରିବାକୁ ଗୁହାରି କରିଥିଲେ। ଶ୍ରୀ ଜୈନ୍‌ଙ୍କ ବେଲପଡ଼ାସ୍ଥିତ ଅନନ୍ତ ପେଡି ପ୍ରଡକ୍ଟ ଓ ସ୍ନାପ୍ ପେଡି ପ୍ରୋସେସିଂର ଧାନପେସା, ପରିବହନ ଆଦି ବାବଦକୁ ୬୦ ଲକ୍ଷ ଟଙ୍କା ବିଲ୍ ଯୋଗାଣ ବିଭାଗ ପାଖରେ ବକେୟା ରହିଥିବା ସେ କହିଛନ୍ତି। ୪ ମାସ ହେଲା ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା ଜାଣିଶୁଣି ଦିନ ଗଡ଼ାଇ ଚାଲିଥିବା ଶ୍ରୀ ଜୈନ୍ ଅଭିଯୋଗ କରିଛନ୍ତି। ତେବେ ଏତେଅଭିଯୋଗ ସତ୍ତ୍ୱେ ଯୋଗାଣ ବିଭାଗର ନିଦ ଭାଙ୍ଗିନାହିଁ। ଗୋଟିଏପଟେ ମିଲ ମାଲିକ ବିଲ ଟଙ୍କା ଯୋଗୁଁ ମାନସିକ ଚାପରେ ରହିଥିବା ବାରମ୍ବାର କହି ଆସୁଥିବା ବେଳେ ଯୋଗାଣ ବିଭାଗ କାର୍ଯ୍ୟାଳୟର ଆକାଉଣ୍ଟ ମ୍ୟାନେଜର ଭିନ୍ନ କଥା କହିଛନ୍ତି।

ଯୋଗାଣ କାର୍ଯ୍ୟାଳୟର ଆକାଉଣ୍ଟ ମ୍ୟାନେଜର୍ ଗିରିଜା ଶଙ୍କର ବେହେରା କହିଛନ୍ତି ଯେ ସବୁ ରାଇସ ମିଲ୍ ମାଲିକଙ୍କ ପେମେଣ୍ଟ ହେଉଛି। ଅନ୍ୟମାନଙ୍କ ବି ପର୍ଯ୍ୟାୟକ୍ରମେ ହେବ। ତେବେ ଯୋଗାଣ ଅଧିକାରୀଙ୍କ ଏହିଭଳି ଖାମଖିଆଲି ମନୋଭାବକୁ ନେଇ ମିଲର ସଂଘ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମାମଲାରେ ଜିଲ୍ଲାପାଳ ନିଜେ ହସ୍ତକ୍ଷେପ କରିବାକୁ ମିଲ ମାଲିକମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି।

ମହତ୍ ଉଦ୍ଦେଶ୍ୟ ଥିଲେ ବି ସରକାରୀ ଜମି ଜବରଦଖଲ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ,୨୨।୭ (ସମିସ): ଯେକୌଣସି ମହତ୍ ଉଦ୍ଦେଶ୍ୟର ଯଥାର୍ଥତା ସତ୍ତ୍ୱେ ସରକାରଙ୍କ ନାମରେ ରେକର୍ଡ ହୋଇଥିବା ଏକ ସାର୍ବଜନୀନ ଜମିକୁ ଜବରଦଖଲ କରାଯାଇପାରିବ ନାହିଁ। ଆଇନ ଦ୍ୱାରା ଅନୁମୋଦିତ ନହେଲେ ସରକାରୀ ଜମିର ଅବୈଧ ଦଖଲ ବୈଧ ବିବେଚିତ ହେବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ସରକାରୀ ଜାଗା ଜବରଦଖଲ କରି ଏକ ଦରଗା ପକ୍ଷରୁ ନିର୍ମିତ ଶୌଚାଳୟ ସାର୍ବଜନୀନ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାଏମ ରଖି ହାଇକୋର୍ଟ ଏଭଳି ମତ ଦେଇଛନ୍ତି।

ସୁନ୍ଦରଗଡ଼ର ଲାଲବାବା ଦରଗା ପକ୍ଷରୁ ରୁଜୁ ଆବେଦନରଶୁଣାଣିକରିଜଷ୍ଟିସ୍ ସଂଜୀବକୁମାରପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ସୁନ୍ଦରଗଡ଼ ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଆଦେଶକୁ କାଏମ ରଖିଛନ୍ତି ଅଦାଲତ। ସର୍ବସାଧାରଣ ସ୍ଥାନର ଅନଧିକୃତ ବ୍ୟବହାର ଯଦିଓ ଏକ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ, କିନ୍ତୁ ଆଇନ ଅନୁଯାୟୀ ନିୟମିତ ନ ହେଲେ ଏହାକୁ ବୈଧ କରାଯାଇପାରିବ ନାହିଁ। ଓଡ଼ିଶା ସାର୍ବଜନୀନ ପରିସର (ଅନଧିକୃତ ଦଖଲକାରୀଙ୍କ ଉଚ୍ଛେଦ) ଆଇନ, ୧୯୬୨ର ଧାରା ୨(ଚ) ଅନୁସାରେ ଏହି ଜମିକୁ "ରାସ୍ତା" ଭାବେ ବର୍ଗୀକୃତ କରାଯାଇଥିବା ବେଳେ ଏହା ମଧ୍ୟ "ସାର୍ବଜନୀନ ପରିସର" ଅନ୍ତର୍ଭୁକ୍ତ ବୋଲି କହିଛନ୍ତି ଅଦାଲତ।

ପ୍ରକାଶଥାଉକି, ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ପୌରପାଳିକା ମଧ୍ୟରେ ଅବସ୍ଥିତ ଲାଲବାବା ଦରଗା ପରିଚାଳନା କମିଟି ଦୀର୍ଘ ୪୦ ବର୍ଷ ଧରି ଏକ ସାର୍ବଜନୀନ ସରକାରୀ ଜମିରେ ୧୩ଟି ଶୌଚାଳୟ ଏବଂ ସ୍ନାନାଗାର ନିର୍ମାଣ କରିଥିଲା। ଏହା ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା। ଗତ ୨୦୧୫ରେ, ସୁନ୍ଦରଗଡ଼ ଉପଜିଲ୍ଲାପାଳ ଏହାକୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଉଚ୍ଛେଦ ଆଦେଶ ବିରେଧରେ ଜିଲ୍ଲାପାଳଙ୍କ ନିକଟରେ ଏକ ଆବେଦନ ଦାଖଲ କରାଯାଇଥିଲା। ତଥାପି, ଉକ୍ତ ପ୍ଲଟ୍ ସରକାରଙ୍କ ନାମରେ 'ରାସ୍ତା' ଭାବରେ ପଞ୍ଜୀକୃତ ହୋଇଥିବାରୁ ଏହାକୁ ଖାରଜ କରାଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ନୀତି ଆୟୋଗ ପକ୍ଷରୁ ବିଜ୍ଞପ୍ତି

ଆକାଂକ୍ଷୀ ବ୍ଲକରେ ଓଡ଼ିଶାର ୧୧ ସାମିଲ

ଭୁବନେଶ୍ୱର,୨୨।୭ (ସମିସ): ନୀତି ଆୟୋଗ ଦ୍ୱାରା ଆକାଂକ୍ଷୀ ବ୍ଲକ ଯୋଜନାରେ ସାମିଲ ହୋଇଛି ଓଡ଼ିଶାର ୧୧ଟି ବ୍ଲକ । କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାର ୬ଟି ନୂଆ ବ୍ଲକ ସାମିଲ ହୋଇଛି। ଏହାଦ୍ୱାରା ବର୍ତ୍ତମାନ ଓଡ଼ିଶାର ସମୁଦାୟ ୪୦ଟି ବ୍ଲକ ଆକାଂକ୍ଷୀ ବ୍ଲକ ରେ ପରିଣତ ହୋଇଛି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବ୍ଲକ ଗୁଡ଼ିକୁ ସାମିଲ କରିବା ପାଇଁ ନୀତି ଆୟୋଗକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ନୀତି ଆୟୋଗ ଏହି ବ୍ଲକ ଗୁଡିକୁ ଆକାଂକ୍ଷୀ ଯୋଜନାରେ ସାମିଲ କରିଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଡ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗିକୁ ଆକାଂକ୍ଷୀ ବ୍ଲକ୍ ସୂଚାରେ ସାମିଲ କରାଯାଇଛି ।

ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳ ବଦଳ

ଭୁବନେଶ୍ୱର,୨୨।୭ (ସମିସ): ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି। ମଙ୍ଗଳବାର ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ତେବେ ସେ ପୂର୍ବପରି ଇଡ୍‌କୋର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବଏନ୍‌ବିଏସ୍ ରାଜପୁତ ପୂର୍ବରୁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଏବେ ତାଙ୍କୁ ଏହି ବିଭାଗର ସ୍ଥାୟୀ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏହାସହିତ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଭାବେ ବଦଳି କରାଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆର୍‌ଡିସି ଭାବେ କାର୍ଯ୍ୟରତ ରୁପା ରୋସନ ସାହୁଙ୍କୁ ରାଜ୍ୟପାଳଙ୍କ ସଚିବ ଭାବେ ନୂଆ ଦାୟିତ୍ୱ ମିଳିଥିବା ବେଳେ ତାଙ୍କ ସ୍ଥାନରେ ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆର୍‌ଡିସି ଭାବେ ନିଯୁକ୍ତି ମିଳିଛି।ଉତ୍ତରାଞ୍ଚଳ ଆର୍‌ଡିସି ଭାବେ କାର୍ଯ୍ୟରତ ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ଭାବେ ବଦଳି କରାଯାଇଛି। କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ କାର୍ଯ୍ୟରତ ବି ପରମେଶ୍ୱରନଙ୍କୁ ଏସଟି ଏସ୍‌ସି ବିଭାଗର ସଚିବ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କାର୍ଯ୍ୟରତ ଗୁହାପୁନମ ତାପସ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ଓ ବୈଷକ ଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଥିବା ବେଳେ ପୂର୍ବପରି ସେ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ। ଶିଳ୍ପ ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଥିବା ପ୍ରଶାନ୍ତ କୁମାର ରେଡ୍ଡିଙ୍କୁ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗର ସଚିବ ଭାବେ ବଦଳି କରାଯାଇଛି। ଏହାସହ ତାଙ୍କୁ ଇଡ୍‌କୋର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରୀପାଠିଙ୍କୁ ଫ୍ୟାକ୍ଟ୍ରି ଓ ବୁୟଲର୍ସର ନୀରିକ୍ଷକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ମନୀଷ ଅଗ୍ରୱାଲ୍‌ଙ୍କୁ ଅତିରିକ୍ତ ଏସ୍‌ଆରସି ଭାବେ ନୂଆ ନିଯୁକ୍ତି ମିଳିଛି। ସେହିପରି ଜଙ୍ଗଲ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଦେବେନ କୁମାର ପ୍ରଧାନଙ୍କୁ ଓଡ଼ିଶା ପାନୀୟ ନିଗମର ଏମ୍‌ଡି ଭାବେ ନିଯୁକ୍ତି ମିଳିଛି।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ଭାବେ କାର୍ଯ୍ୟରତ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ)ଭାବେ ନୂଆ ନିଯୁକ୍ତି ମିଳିଛି। ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ବୈଷୟିକ ଶିକ୍ଷା ଏବଂ ତାଲିମ୍‌ର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ସଚିବ ଯେଦୁଲ୍ଲା ବିଜୟଙ୍କୁ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକଙ୍କୁ ଉଚ୍ଚମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ ମଧୁମିତା ରଥଙ୍କୁ ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ପ୍ରତାପ ଚନ୍ଦ୍ର ହୋତାଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ମିଳିଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ସାଗରିକା ହୋତାଙ୍କୁ ଅର୍ଥ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ପ୍ରଦାନ କରାଯାଇଛି।

ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଅପରପକ୍ଷେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ରଘୁରାମ ଆର୍ ଆୟରଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଭାବେ ନୂଆ ନିଯୁକ୍ତି ମିଳିଛି। ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ବିଏମ୍‌ସି କମିସନର ଭାବେ ବଦଳି କରାଯାଇଛି। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଥିବା ବେଳେ ରାୟଗଡ଼ା ଜିଲ୍ଲାପାଳ ଭାବେ କାର୍ଯ୍ୟରତ ପାରୁଲ ପଟ୍ଟୱାରୀଙ୍କୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ସୁନୀଲ୍ ନରୱଣେଙ୍କୁ ଶିଳ୍ପ ବିଭାଗର ନିର୍ଦ୍ଦେଶକ(କଟକ) ଭାବେ ବଦଳି କରାଯାଇଥିବା ବେଳେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ରୁତୁରାଜଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ନୂଆ ନିଯୁକ୍ତି ମିଳିଛି। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ମୂର୍ତ୍ତିକା ସଂରକ୍ଷଣ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀ ଜିଲ୍ଲାପାଳ ଭାବେ ନୂଆ ନିଯୁକ୍ତି ମିଳିଛି। ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ମାଲକାନଗିରି ଜିଲ୍ଲାପାଳ ଦାୟତ୍ୱ ତୁଲାଇବାକୁ ଥିବା ବେଳେ ମାଲାକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍ ଢେଙ୍କାନାଳ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବେ। ନବରଙ୍ଗପୁର ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ବେଳେ କୋରାପୁଟ ଜିଲ୍ଲାପାଳ କୀର୍ତ୍ତି ଭାସନ୍ ଭିଙ୍କୁ ଗଞ୍ଜାମ ଜିଲ୍ଲାପାଳ ଦାୟିତ୍ୱ ମିଳିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ନୃପରାଜ ସାହୁଙ୍କୁ ସୋନପୁର ଜିଲ୍ଲାପାଳ ଏବଂ ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଅମ୍ବର କୁମାର କରଙ୍କୁ ଯାଜପୁର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଏସ୍‌ଏମ୍‌ସି କମିସନର ବେଦଭୂଷଣ କନ୍ଧମାଳ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇବେ। ବେଦଭୂଷଣଙ୍କ ସ୍ଥାନରେ ଟିଟଲାଗଡ଼ ଉପଜିଲ୍ଲାପାଳ ରେହାନ୍ ଖତ୍‌ରୀ ଏସ୍‌ଏମ୍‌ସି କମିସନର ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଗୁଣୁପୁର ଉପଜିଲ୍ଲାପାଳ କିରଣଦୀପ କୌରଙ୍କୁ ସିଏମ୍‌ସି କମିସନର ଭାବେ ନିଯୁକ୍ତି ମିଳିଛି। ସୋନପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପସଚିବ ଭାବେ ନିଯୁକ୍ତି ମିଳିଥିବା ବେଳେ ଯାଜପୁର ଜିଲ୍ଲାପାଳ ପି ଅନ୍ୱେଶା ରେଡ୍ଡି ଏଣିକି ଅବକାରୀ ଆୟୁକ୍ତ ଭାବେ ଦାୟିତ୍ୱ ତୁଲାଇବେ।

ସେହିପରି ବିଜ୍ଞପ୍ତି ଅନୁଯାୟୀ ରାଉରକେଲ୍ ଏଡିଏମ୍ କୁଳକର୍ଣ୍ଣି ଆଶୁତୋଷ ସିଙ୍କୁ ରାୟଗଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ବେଳେ ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତାଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ପଦ୍ମପୁର ଏଡିଏମ୍ ଚଓନ୍ କୁନାଲ୍ ମୋତିରାମଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଥିବା ବେଳେ ମୟୂରଭଞ୍ଜ ଏଡିଏମ୍ ବିଭୂତିଭୂଷଣ ନାୟକଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ସେହିପରି ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତାଗିରଙ୍କୁ ରାଉରକେଲା ଏଡିଏମ୍ ଭାବେ ନିଯୁକ୍ତି ମିଳିଥିବା ବେଳେ ବାଲିଗ

ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୪୫
- ପାଉଣ୍ଡ ୧୧୬.୪୨
- ୟୁରୋ ୧୦୦.୫୧
- ୟେନ୍ ୦.୫୮

ସୁନା, ରୁପା ଦର (ଟଙ୍କାରେ)

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୮୫୦ (ଭୁବନେଶ୍ୱର)
- ରୁପା : ୧,୧୯,୫୦୦ (କେଜି)

ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୬.୦୦
- ନିଫ୍ଟି ୨୫,୦୬୦.୦୦

ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

ଟାରିଫ୍ ବିବାଦ; ପୁଣି ଧମକ ଦେଲା ଆମେରିକା

ରୁଷଠାରୁ ତେଲ କିଣିଲେ, ଘଟିବ ବିନାଶ

ୱାଶିଂଟନ୍,୨୨।୭ (ଏଜେନ୍ସି)

ଟାରିଫ୍ ବିବାରେ ବେ ଭାରତକୁ ପୁଣି ଥରେ ଧମକ ଦେଇଛି ଆମେରିକା । ରୁଷଠାରୁ ତେଲ କିଣିଲେ ବିନାଶ ଘଟିବ ବୋଲି ଆମେରିକା କହିଛି । ଆମେରିକୀୟ ସିନେଟର ଲିଣ୍ଡସେ ଗ୍ରାହାମ୍ ଭାରତ, ଚୀନ୍ ଏବଂ ବ୍ରାଜିଲ୍‌କୁ ରୁଷିଆ ତେଲ କିଣିବା ବିରୁଦ୍ଧରେ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ ଯଦି ଏହି ଦେଶଗୁଡ଼ିକ ଏପରି ଜାରି ରଖନ୍ତି, ତେବେ ସେମାନଙ୍କର ଅର୍ଥନୀତି ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବାକୁ ପଡ଼ିପାରେ । ପୂର୍ବରୁ, ଟ୍ରମ୍ପ ମଧ୍ୟ ୧୦୦ ପ୍ରତିଶତ ଟିକସ ଲାଗୁ କରିବାକୁ ଧମକ ଦେଇସାରିଛନ୍ତି ।

ଆଜିର ବିଶ୍ୱରେ, ତେଲ କେବଳ ଏକ ଗାଡି ଚାଳନାର ମାଧ୍ୟମ ନୁହେଁ, ବରଂ ଏକ ପ୍ରମୁଖ କୂଟନୈତିକ ଅସ୍ତ୍ର ପାଲଟିଛି । ରୁଷିଆ-ୟୁକ୍ରେନ ଯୁଦ୍ଧ ବିଶ୍ୱ ସମୀକରଣକୁ ଦୋହଲାଇଦେଇଛି । ଏବେ ଆମେରିକା ଭାରତ, ଚୀନ୍ ଏବଂ ବ୍ରାଜିଲ୍ ଭଳି ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛି । ଯଦି ଏହି ଦେଶଗୁଡ଼ିକ ରୁଷଠାରୁ ତେଲ କିଣନ୍ତି, ତେବେ ସେମାନଙ୍କର ଅର୍ଥନୀତିକୁ ଭାରି କ୍ଷତି ସହିବାକୁ ପଡ଼ିପାରେ । ଗ୍ରାହାମ୍ ସମ୍ପ୍ରତି ଫକ୍ସ ନ୍ୟୁଜରେ ଖୋଲାଖୋଲି ଭାବରେ ଏଭଳି ଧମକ ଦେଇଥିଲେ । ଭାରତ, ଚୀନ୍ ଏବଂ ବ୍ରାଜିଲ୍‌କୁ ଟାର୍ଗେଟ କରି ସେ କହିଛନ୍ତି, ଯଦି ତୁମେ ରୁଷିଆଠାରୁ ଶସ୍ତା ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଇନ୍ଧନ ଦେଇ ଚାଲିବ, ତେବେ ଆମେ ତୁମର ଅର୍ଥନୀତିକୁ ଧ୍ୱଂସ କରିଦେବୁ । ଗ୍ରାହାମ କହିଛନ୍ତି ଯେ ଏହି ୩ଟି ଦେଶ ରୁଷର ପ୍ରାୟ ୮୦% ତେଲ କିଣୁଛନ୍ତି, ଯାହା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ଯୁଦ୍ଧ ଯନ୍ତ୍ରପାତିକୁ ପାଣ୍ଠି ଯୋଗାଉଛି । ସେ ଏହାକୁ 'ବ୍ଲଡ୍ ମନି' ବା 'ରକ୍ତର ଟଙ୍କା' ବୋଲି ମଧ୍ୟ କହିଥିଲେ । ଗ୍ରାହାମ ବିଶ୍ୱାସ କରନ୍ତି ଯେ ରୁଷରୁ ତେଲ କିଣି ଏହି ଦେଶଗୁଡ଼ିକ କେବଳ ନିଜର ଲାଭ ଖୋଜୁନାହାନ୍ତି, ବରଂ ଭୁଲ ଉପାୟରେ ପୁଟିନ୍‌ଙ୍କୁ ସମର୍ଥନ ମଧ୍ୟ କରୁଛନ୍ତି ।

ସିନେଟର ଲିଣ୍ଡସେ ଗ୍ରାହାମ ଏବଂ ରିଚାର୍ଡ ବ୍ଲୁମେଣ୍ଟଲ ମିଳିତ ଭାବରେ ଆମେରିକା ସଂସଦରେ ଏକ ବିଲ୍ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ରୁଷରୁ ତେଲ ଏବଂ ଗ୍ୟାସ କିଣୁଥିବା ଦେଶଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଷୟରେ ଆଲୋଚନା କରାଯାଇଛି । ଏହି ବିଲ୍‌ରେ ୫୦୦ ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବା ବିଷୟରେ ପ୍ରସ୍ତାବ ରହିଛି । ଅର୍ଥାତ୍, ଯଦି ଭାରତ, ଚୀନ୍ କିମ୍ବା ବ୍ରାଜିଲ ରୁଷରୁ ତେଲ କିଣୁଛନ୍ତି, ତେବେ ସେମାନଙ୍କ ସାମଗ୍ରୀ ଉପରେ ଏତେ ଭାରି ଟିକସ ଲାଗୁ ହୋଇପାରେ, ସେଥରେ ସେମାନଙ୍କ ଅର୍ଥନୀତିକୁ ବଡ଼ ଆଘାତ ଲାଗିବ । ଗ୍ରାହାମ କହିଛନ୍ତି, ଆମେ ପୁଟିନଙ୍କୁ ବୁଝାଇବାକୁ ଚାହୁଁଛୁ ଯେ ଏବେ ଖେଳ ବଦଳିଯାଇଛି ।

- ଧ୍ୱଂସ ହୋଇଯିବ
- ଲଗାଇବୁ ୫୦୦% ଶୁଳ୍କ
- ଚୀନ୍, ବ୍ରାଜିଲ୍‌କୁ ବି ଚେତାଇଲେ ଆମେରିକାର ସିନେଟର

ସେ ଦାବି କରନ୍ତି ଯେ ଏହି ବିଲ୍ କେବଳ ରୁଷକୁ ନୁହେଁ, ବରଂ ଏହାର ବାଣିଜ୍ୟିକ ଅଂଶୀଦାରମାନଙ୍କୁ ମଧ୍ୟ ଶିକ୍ଷା ଦେବ । ଏହି ବିଲ୍ ଆମେରିକା ସଂସଦରେ ୮୫ ଜଣ ସାଂସଦଙ୍କ ସମର୍ଥନ ପାଇଛି ।

ଭାରତ ଏହି ଚେତାବନୀ ଉପରେ ଏହାର ସ୍ୱଷ୍ଟୀକରଣ ପୂର୍ବରୁ ଦେଇସାରିଛି । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ଭାରତ ଏହାର ଶକ୍ତି ଆବଶ୍ୟକତା ଏବଂ ଆର୍ଥିକ ସ୍ଥିରତାକୁ ଧ୍ୟାନରେ ରଖି ରୁଷରୁ ତେଲ କିଣୁଛି । ସେ କହିଛନ୍ତି ଯେ ଭାରତୀୟ ଦୂତାବାସ ଏବଂ ରାଷ୍ଟ୍ରଦୂତ ସିନେଟର ଗ୍ରାହାମଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଜୟଶଙ୍କର କହିଛନ୍ତି, ଆମେ ତାଙ୍କ ନିକଟରେ ଆମର ଚିନ୍ତା ଏବଂ ସ୍ୱାର୍ଥ ଉପସ୍ଥାପନ କରିଛୁ । ଆବଶ୍ୟକ ହେଲେ, ଆମେ ଏହି ପ୍ରସଙ୍ଗ ଉପରେ ଆହୁରି ବିଚାର କରିବୁ । ଭାରତର ମତ ସ୍ୱଷ୍ଟ ଯେ ଦେଶ ଏହାର ଶକ୍ତି ସୁରକ୍ଷାକୁ ପ୍ରାଥମିକତା ଦେବ, କିନ୍ତୁ ସେହି ସମୟରେ ଏହା ବିଶ୍ୱ କୂଟନୀତିରେ ସନ୍ତୁଳନ ବଜାୟ ରଖିବାକୁ ମଧ୍ୟ ଚାହୁଁଛି ।

ରାଷ୍ଟ୍ରାୟତ୍ତ କମ୍ପାନୀର ଶୀର୍ଷ ପଦରେ ଆଉ ଜଣେ ଓଡ଼ିଆ ପୁଅ

ସାରଦା ମହାନ୍ତି ଆଇଆର୍‌ଇଏଲ୍‌ର ପରବର୍ତ୍ତୀ ସିଏମ୍‌ଡି

ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)

ଦେଶର ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖିଆ ପଦରେ ଆଉ ଜଣେ ଓଡ଼ିଆ ପୁଅ ବସିବାକୁ ଯାଉଛନ୍ତି । ସାରଦା ଭୂଷଣ ମହାନ୍ତି ହେବେ ଇଣ୍ଡିଆନ୍ ରେଆର ଆର୍ଥ ଲିମିଟେଡ୍ (ଆଇଆର୍‌ଇଏଲ୍)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) । ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଚୟନ ବୋର୍ଡ (ପିଇଏସ୍‌ବି) ଚଳିତମାସରେ ଶ୍ରୀ ମହାନ୍ତିଙ୍କୁ ଏହି ପଦ ପାଇଁ ମନୋନୀତ କରିଛି । ସେ ବର୍ତ୍ତମାନ ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡର ନିର୍ଦ୍ଦେଶକ (ଅର୍ଥ) ଭାବରେ କାର୍ଯ୍ୟ କରୁଛନ୍ତି । ତାଙ୍କୁ କମ୍ପାନୀର ପରବର୍ତ୍ତୀ ସିଏମ୍‌ଡି ଭାବରେ ମନୋନୀତ କରାଯାଇଛି ।

ଜୁଲାଇ ୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପିଇଏସ୍‌ବିର ୫୭ତମ ଚୟନ ବୈଠକ ପରେ ଏହି ଘୋଷଣା କରାଯାଇଛି । ଏଠରେ ସୂଚନାଯୋଗ୍ୟ ଯେ, ଆଇଆର୍‌ଇଏଲ୍‌ର ପରବର୍ତ୍ତୀ ସିଏମ୍‌ଡି ପାଇଁ ବିଭିନ୍ନ ପ୍ରତିଷ୍ଠିତ ସାର୍ବଜନୀନ କ୍ଷେତ୍ର ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥାର ୧୨ ଜଣ ବରିଷ୍ଠ ପ୍ରାର୍ଥୀଙ୍କୁ ନେଇ ଏକ କଠୋର ଚୟନ ପ୍ରକ୍ରିୟା ପରେ ଏହି ଶୀର୍ଷ ପଦବୀ ପୂରଣ କରାଯାଇଛି । ଏଥରେ ପ୍ରାର୍ଥୀମାନଙ୍କ ମଧ୍ୟରେ ଏନ୍‌ଏମ୍‌ଡିସି, ଏମ୍‌ଅଏଲ୍, ଏନ୍‌ଏଲ୍‌ସି ଇଣ୍ଡିଆ, ସିମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ, ହିନ୍ଦୁସ୍ତାନ ପେଟ୍ରୋ କେମିକାଲ୍ସ ଏବଂ ଭାରତୀୟ ରେଳବାଇର ଅଧିକାରୀମାନେ ଅନ୍ତର୍ଭୁକ୍ତ ଥିଲେ । ଆର୍ଥିକ ରଣନୀତି କ୍ଷେତ୍ରରେ ଶ୍ରୀ ମହାନ୍ତିଙ୍କର ଥିବା ଗଭୀର ଅଭିଜ୍ଞତା ଆଇଆର୍‌ଇଏଲ୍ ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି । ଶ୍ରୀ ମହାନ୍ତି ପୂର୍ବରୁ ରାଷ୍ଟ୍ରାୟତ୍ତ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ବରିଷ୍ଠ ପରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ଲାଞ୍ଚ ମାମଲରେ ଚନ୍ଦା କୋଚ୍ଚାର ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀଳ,୨୨।୭ (ଏଜେନ୍ସି)

ଭିଡିଓକନ୍ ଗ୍ରୁପଠାରୁ ନେଇଥିଲେ ୬୪ କୋଟି ଲାଞ୍ଚ

ଦିଲ୍ଲୀର ଏକ ଟ୍ରିବ୍ୟୁନାଲ୍ ୬୪ କୋଟି ଟଙ୍କାର ଲାଞ୍ଚ ନେବା ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚ୍ଚାରଙ୍କୁ ଦୋଷୀ ସାବ୍ୟସ୍ତ କରିଛି । ଭିଡିଓକନ୍ ଗ୍ରୁପ୍‌କୁ ୩୦୦ କୋଟି ଟଙ୍କା ଋଣ ମଞ୍ଜୁର କରିବା ବଦଳରେ ଚନ୍ଦା ଏହି ଲାଞ୍ଚ ନେଇଥିବା ଅଭିଯୋଗ କରିଥିଲେ । ଟ୍ରିବ୍ୟୁନାଲ୍ କହିଛି ଯେ କୋଚ୍ଚାର ବ୍ୟାଙ୍କରେ ତାଙ୍କ ପଦବୀର ଅପବ୍ୟବହାର କରିଛନ୍ତି ଏବଂ ପ୍ରକାଶନ ନିୟମ ଉଲ୍ଲଂଘନ କରିଛନ୍ତି । ମାମଲାର ତଦନ୍ତ କରିବା ସମୟରେ ଇଡିତାଙ୍କୁ ଏହି ଅଭିଯୋଗ କରିଥିଲା । ମାମଲା ୨୦୧୬ରେ ଆରମ୍ଭ ହୋଇଥିଲା । ଟ୍ରିବ୍ୟୁନାଲ୍ ଜାଣିପାରିଲେ ଯେ ଭିଡିଓକନ୍ ଋଣ ପାଇବାର ଗୋଟିଏ ଦିନ ପରେ, ଲାଞ୍ଚ ଟଙ୍କା ଭିଡିଓକନ୍ ର ୟୁନିଟ୍ ,ଏସ୍‌ଇପିଏଲ୍‌ର ଆକାଉଣ୍ଟରୁ କୋଚ୍ଚାରଙ୍କ ସ୍ୱାମୀ ଦୀପକ କୋଚ୍ଚାରଙ୍କ କମ୍ପାନୀ ନୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ୍ ଲିମିଟେଡ୍ (ଏନ୍‌ଆର୍‌ପିଏଲ୍)କୁ ଦିଆଯାଇଥିଲା । ଟ୍ରିବ୍ୟୁନାଲ୍ କହିଛନ୍ତି ଯେ କାଗଜପତ୍ରରେ, ନୁପାୱାର ରିନ୍ୟୁଏବଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଭିଡିଓକନ୍‌ର ଅଧ୍ୟକ୍ଷ ଭେଣୁଗୋପାଳ ଧୂତଙ୍କ ମାଲିକାନାରେ ଥିବା ଦର୍ଶାଯାଇଥିଲା, କିନ୍ତୁ ଏହାର ପ୍ରକୃତ ନିୟନ୍ତ୍ରଣ ଦୀପକ କୋଚ୍ଚାରଙ୍କ ପାଖରେ ଥିଲା । ଦୀପକ ଏନ୍‌ଆର୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଧ୍ୟ ଥିଲେ । ତେଣୁ, ଆବେଦନକାରୀଙ୍କ ଅଭିଯୋଗ ଠିକ୍ ।

ଚନ୍ଦା ଏବଂ ଦୀପକ କୋଚ୍ଚାର ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଭିଡିଓକନକୁ ଦିଆଯାଇଥିବା ଋଣ ମାଧ୍ୟମରେ ଠକେଇ କରିଥିଲେ । ଏହି ଋଣଗୁଡ଼ିକ ପରେ ଏନ୍‌ପିଏରେ ପରିଣତ ହୋଇଥିଲା । ଏହି ମାମଲାରେ, ସିବିଆଇ, ଇଡି, ଏସ୍‌ଏଫ୍‌ଆଇଓ ଏବଂ ଆୟକର ବିଭାଗ କୋଚ୍ଚାର ଦମ୍ପତ୍ତିଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଥିଲେ । ଏଥିରେ ୨୦୧୨ରେ ଭିଡିଓକନକୁ ଦିଆଯାଇଥିବା ୩୨୫୦କୋଟି ଟଙ୍କାର ଋଣ ଅନ୍ତର୍ଭୁକ୍ତ । ଅଭିଯୋଗ ଅନୁଯାୟୀ, ଭିଡିଓକନ ଋଣ ପାଇବା ପରେ ଧୂତ କୋଚ୍ଚରଙ୍କ କମ୍ପାନୀ ନୁପାୱାର ରିନ୍ୟୁଏବଲ୍ସରେ କୋଟି କୋଟି ଟଙ୍କା ନିବେଶ କରିଥିଲେ । ଏହି ଋଣକୁ ଏକ କମିଟି ଦ୍ୱାରା ଅନୁମୋଦନ କରାଯାଇଥିଲା, ଯେଉଁଥିରେ ଚନ୍ଦା କୋଚ୍ଚାର ମଧ୍ୟ ସଦସ୍ୟ ଥିଲେ । ୨୦୧୮ ଅକ୍ଟୋବରରେ ଏହି ମାମଲାରେ ଚନ୍ଦାଙ୍କୁ ଇସ୍ତଫା ଦେବାକୁ ପଡିଥିଲା ।

ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା | ଭାଙ୍ଗିଲା ସବୁ ରେକର୍ଡ

ରୁପା କିଲୋ ୧.୨୦ ଲକ୍ଷ ଟଙ୍କା ଛୁଇଁବ

ଭୁବନେଶ୍ୱର,୨୨।୭ (ସମିସ)

ଦିନକରେ ଦର ୩୦୦୦ ଟଙ୍କା ବୃଦ୍ଧି

ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର । ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ବଢୁଥିବା ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ଏବଂ ରୁପା ବଜାର । ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍ । ଇତିମଧ୍ୟରେ ରୁପା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର କିଲୋ ପିଛା ୧.୨୦ ଲକ୍ଷ ଟଙ୍କା ଛୁଇଁବାକୁ ଯାଉଛି । ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋ ପିଛା ୩୦୦୦ ଟଙ୍କା ବୃଦ୍ଧି ଘଟିଛି । ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୧,୨୯୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୯୨,୮୫୦ ଟଙ୍କା ହୋଇଛି । ତେବେ ନୂଆଦିଲ୍ଲୀରେ ରୁପା କିଲୋ ପିଛା ୧,୧୮,୦୦୦ ଟଙ୍କା ରହିଛି ।

ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧ ଲକ୍ଷ ଟଙ୍କା ଟପିଯାଇଛି । ଷ୍ଟକିଷ୍ଟମାନଙ୍କ ଦ୍ୱାରା ପ୍ରବଳ କ୍ରୟ ଯୋଗୁଁ, ମଙ୍ଗଳବାର ରାଜଧାନୀ ଦିଲ୍ଲୀରେ ସୁନା ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ପିଛା ଏକ ଲକ୍ଷ ଟଙ୍କା ସ୍ତରରେ ପହଞ୍ଚିଛି । ଏହା ସହିତ, ୯୯.୯ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ଏହି ମୂଲ୍ୟବାନ ଧାତୁ ଚାରି ସପ୍ତାହର ସର୍ବୋଚ୍ଚ ସ୍ତରରେ ୧,୦୦,୦୨୦ ଟଙ୍କା ପ୍ରତି ୧୦ ଗ୍ରାମ ପହଞ୍ଚିଛି । ୯୯.୫ ପ୍ରତିଶତ ଶୁଦ୍ଧତା ବିଶିଷ୍ଟ ସୁନା ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ପିଛା ୯୯,୫୫୦ ଟଙ୍କା ହୋଇଛି । ସେହି ସମୟରେ, ରୂପାର ମୂଲ୍ୟ ମଧ୍ୟ ୩୦୦୦ ଟଙ୍କା ବୃଦ୍ଧି ପାଇ ଏହା ୧,୧୮,୦୦୦ ଟଙ୍କା ପ୍ରତି କିଲୋଗ୍ରାମ ହୋଇଛି ।

ଏହି ସମୟରେ, ବିଶ୍ୱ ବଜାରରେ ସ୍ପଟ୍ ସୁନା ୦.୨୮ ପ୍ରତିଶତ ହ୍ରାସ ପାଇ ଆଉନ୍ସ ପିଛା ୩୩୮୭.୪୨ ଡଲାରେ ପହଞ୍ଚିଛି । ସେହି ସମୟରେ, ଅନ୍ତର୍ଜାତୀୟ ବଜାରରେ ସ୍ପଟ୍ ରୂପା ମଧ୍ୟ ୦.୧୧ ପ୍ରତିଶତ ହ୍ରାସ ପାଇ ଆଉନ୍ସ ପିଛା ୩୩.୮୯ ଡଲାରରେ ପହଞ୍ଚିଛି ।

● ସପ୍ତାହର ପ୍ରଥମ କାରବାରରେ ସବୁଜ ସଂକେତରେ ବଜାର ବନ୍ଦ

ନିବେଶକ କମାଇଲେ ୧.୬୩ ଲକ୍ଷ କୋଟି

ମୁମ୍ବାଇ,୨୨।୭(ଏଜେନ୍ସି): ଭାରତୀୟ ସେୟାର ବଜାର ଜୁଲାଇ ୨୧ ସୋମବାର ଜୋରଦାର କମ୍‌ବ୍ୟାକ୍ କରିଛି । ସପ୍ତାହର ପ୍ରଥମ କାରବାର ଦିନର ବିଏସ୍‌ଇ ସେନ୍‌ସେକ୍ସ ୪୪୨.୬୧ ଅଙ୍କ ବା ୦.୫୪ ପ୍ରତିଶତ ବଢି ୮୨,୨୦୦.୩୪ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ୧୨୨.୩୦ ଅଙ୍କ ବା ୦.୪୯ ପ୍ରତିଶତ ବଢି ୨୫,୦୯୦.୭୦ ସ୍ତରର ବନ୍ଦ ହୋଇଛି । ସେୟାର ବଜାରରେ ଆଜି ବୃଦ୍ଧିର ନେତୃତ୍ୱ ନେଇଥିଲେ ବ୍ୟାଙ୍କିଂ ସେୟାର । ଏଚ୍‌ଡିଏଫ୍‌ସି ଓ ଆଇସିଆଇସିଆଇ ବ୍ୟାଙ୍କ ସେୟାରରେ ଅଧିକ କ୍ରୟ ଯୋଗୁଁ ମାର୍କେଟ୍ ସେଣ୍ଟିମେଣ୍ଟ ମଜଭୁତ ରହିଥିଲା । ତେବେ ଟାରିଫ୍ ସହ ଜଡିତ ଚିନ୍ତା ଯୋଗୁଁ ଏହି ବୃଦ୍ଧି ସୀମିତ ରହିଥିଲା ।

କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସରେ ମିଶ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ନିଫ୍ଟି ପ୍ରାଇଭେଟ୍ ବ୍ୟାଙ୍କ ଇଣ୍ଡେକ୍ସ ୧.୦୫ ପ୍ରତିଶତ ଓ ନିଫ୍ଟି ବ୍ୟାଙ୍କ ୦.୯୮ ପ୍ରତିଶତ ବଢି ବନ୍ଦ ହୋଇଛି । ଅନ୍ୟପଟେ ନିଫ୍ଟି ମେଟାଲ (୦.୯୪ ପ୍ରତିଶତ), ନିଫ୍ଟି ଅଟୋ (୦.୪୪ ପ୍ରତିଶତ) ଓ ନିଫ୍ଟି ମିଡ୍‌କ୍ୟାପ୍ ୧୦୦ (୦.୪୬ ପ୍ରତିଶତ) ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟପଟେ ଅୟଲ ଆଣ୍ଡ ଗ୍ୟାସ୍, ଏଫ୍‌ଏମ୍‌ସିଜି ଓ ପିଏସୟୁ ବ୍ୟାଙ୍କ ସେୟାରରେ ବିକ୍ରି ଦେଖିବାକୁ ମିଳିଥିଲା । ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ ମାର୍କେଟ୍ କ୍ୟାପ୍ ଆଜି ବଢି ୪୬୦.୦୦ ଲକ୍ଷ କୋଟି ଟଙ୍କା ହୋଇଛି । ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ଶୁକ୍ରବାର ଜୁଲାଇ ୧୮ ରେ ୪୫୮.୩୭ ଲକ୍ଷ କୋଟି ଟଙ୍କା ଥିଲା ।

ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ୧.୬୩ ଲକ୍ଷ କୋଟି ଟଙ୍କା ବଢିଛି । ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୧.୬୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି । ବିଏସ୍‌ଇ ସେନ୍‌ସେକ୍ସର ୩୦ରୁ ୧୮ ସେୟାର ଆଜି ସବୁଜ ସଂକେତରେ ବନ୍ଦ ହୋଇଛି । ଏଥିରେ ଇଟର୍ନଲ ସେୟାରରେ ସବୁଠୁ ୫.୩୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି । ଅନ୍ୟ ୧୨ଟି ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେୟାର ୩.୨୯ ପ୍ରତିଶତ ହ୍ରାସ ସହ ଟପ୍ ଲୁଜର୍ ହୋଇଛି ।

ଟିପିସିଓଡିଏଲ୍ ପକ୍ଷରୁ ମୌସୁମୀ ଋତୁରେ ବିଦ୍ୟୁତ୍ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ରହିବା ପାଇଁ ଗ୍ରାହକମାନଙ୍କୁ ଆହ୍ୱାନ

ଭୁବନେଶ୍ୱର,୨୨।୭ (ସମିସ)

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମୌସୁମୀ ଋତୁ ଲାଗି ପ୍ରସ୍ତୁତ ରହିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ବଜାୟ ରଖିବା ଏବଂ ବର୍ଷା ଋତୁରେ ସମସ୍ତ ଗ୍ରାହକ ଓ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବାକୁ ଏହି ସୁରକ୍ଷା ପଦକ୍ଷେପଗୁଡ଼ିକ ପ୍ରସ୍ତୁତ କରାଯାଇଛି । ମୌସୁମୀ ଋତୁରେ ପାଣି ଜମିବା, ବଜ୍ରପାତ ଓ ବିଦ୍ୟୁତ୍ ଯୋଗାଣରେ ଅସ୍ଥିରତା ଭଳି ଆହ୍ୱାନ ଦେଖାଦେଇଥାଏ । ଏଭଳି ପରିସ୍ଥିତି ବିଦ୍ୟୁତ୍ ଜନିତ ଦୁର୍ଘଟଣାଗୁଡ଼ିକୁ ଏଡ଼ାଇବା ପାଇଁ ସଚେତନତା ଓ ପ୍ରତିଷେଧମୂଳକ ପଦକ୍ଷେପ ଆବଶ୍ୟକ । ନିଜକୁ, ନିଜ ପରିବାର ଓ ସଂପତ୍ତିର ସୁରକ୍ଷା ପାଇଁ ସୁରକ୍ଷିତ ଅଭ୍ୟାସ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ଆହ୍ୱାନ ଦିଆଯାଇଛି । ଜଳାର୍ଣ୍ଣବ ଥିବା ଅଞ୍ଚଳରେ ପ୍ରବେଶ କରନ୍ତୁ ନାହିଁ କିମ୍ବା ଚାଲନ୍ତୁ ନାହିଁ, କାରଣ ପାଣି

ଆଜିଠାରୁ ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ଟେଷ୍ଟ; ବର୍ଷା ଆଶଙ୍କା

କର ବା ମର ସ୍ଥିତିରେ ଭାରତ

ଓଲ୍ଡ ଟ୍ରାଫୋର୍ଡ, ୨୨।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମୁକାବିଲା ଆସନ୍ତାକାଲି ବା ବୁଧବାରଠାରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ୩ଟି ଟେଷ୍ଟ ମଧ୍ୟରୁ ଲିଡ୍ସ ଓ ଲର୍ଡ୍ସରେ ଇଂଲଣ୍ଡ ଓ ଏଜ୍‌ବାଷ୍ଟନରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ଇଂଲଣ୍ଡ ୨-୧ରେ ସିରିଜ୍ ଆଗୁଆ ରହି ଓ ଭାରତ ୧-୨ରେ ପଛୁଆ ରହି ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛି। ଏହି ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ୨-୨ରେ ବରାବର ସ୍ଥିତିକୁ ଆସିବ। ଇଂଲଣ୍ଡ ଯଦି ବିଜୟୀ ହୁଏ ତେବେ ଆଉ ଗୋଟିଏ ଟେଷ୍ଟ ବାକିଥାଇ ଘରୋଇ ଦଳ ୩-୧ରେ ସିରିଜ୍ କବ୍‌ଜା କରିବ। ମ୍ୟାଚ୍ ଡ୍ର ରହିଲେ ୫ମ ଟେଷ୍ଟ ସିରିଜ୍ ନିର୍ଣ୍ଣାୟକ ହେବ। ଏଣୁ ଏଠାରେ ସିରିଜ୍ ବଞ୍ଚାଇବାକୁ ହେଲେ ଭାରତକୁ ଏହି ଟେଷ୍ଟ ଜିତିବାକୁ ହେବ। ଆହତ ଭାରତୀୟ ଦଳ ଏହି ମ୍ୟାଚ୍‌ରେ କର ଅବା ମର ସ୍ଥିତିରେ ରହିଛି। କିନ୍ତୁ ଏହି ଟେଷ୍ଟରେ ଅଧିକାଂଶ ସମୟ ବର୍ଷା ହେବାର ସମ୍ଭାବନା ରହିଛି। ଏଣୁ ବର୍ଷା ହେଲେ ମ୍ୟାଚ୍‌ର ଫଳାଫଳ ମିଳିବା କଷ୍ଟକର।

ଏଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଭାରତର କିଛି ଖେଳାଳି ଆହତ ହେବାରୁ ଦଳର ସମୀକରଣ ବଦଳିଯାଇଛି। ଯେଉଁ ଯୋଜନା ନେଇ ଭାରତ ଏହି ଟେଷ୍ଟ ଖେଳିବାକୁ ଯାଉଥିଲା ତାହା ବଦଳିଯାଇଛି। ଦୁଇ ଫାଷ୍ଟ ବୋଲର ଆକାଶ ଦୀପ ଓ ଅର୍ଶଦୀପ ସିଂହ ଆହତ ହୋଇ ଏହି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେହିପରି ପେସ୍ ବୋଲିଂ ଅଲରାଉଣ୍ଡର ନୀତୀଶ ରେଡ୍ଡିଙ୍କ ଆଣ୍ଠୁରେ ଆଘାତ ଲାଗିବାରୁ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏଣୁ ଭାରତକୁ ରଣନୀତିରେ ପରିବର୍ତ୍ତନ କରିବାକୁ ପଡ଼ିଛି ବୋଲି କହିଛନ୍ତି ଭାରତୀୟ ଅଧିନାୟକ ଶୁବମନ ଗିଲ୍। ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାକୁ ହେଲେ ଏହି ଅସୁବିଧା ଯୋଗୁଁ ବିଶ୍ରାମ ନେବାକୁ ଯାଉଥିବା ଯଶପ୍ରୀତ ବୁମ୍‌ରା ଏହି ଟେଷ୍ଟ ଖେଳିବେ। ଭାରତ ଏହି ମ୍ୟାଚ୍‌ରେ ୩ଜଣ ଫାଷ୍ଟ ବୋଲର ଓ ୨ଜଣ ସ୍ପିନ ବୋଲିଂ ଅଲରାଉଣ୍ଡରଙ୍କୁ ନେଇ ଖେଳିବ ବୋଲି ଗିଲ ସୂଚନା ଦେଇଛନ୍ତି। 'ତୃତୀୟଟେଷ୍ଟ ଖେଳିଥିବା ଆମର ୯ କିମ୍ବା ୧୦ଜଣ ଖେଳାଳି ଚତୁର୍ଥ ମ୍ୟାଚ୍‌ରେ ଖେଳିବେ। ଆହତ ସମସ୍ୟା ଯୋଗୁଁ ଦୁଇ ଫାଷ୍ଟ ବୋଲର ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅଂଶୁଲ କାମ୍ବୋଜ୍ ଏଠାରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କରୁନ ନାୟାର ପୂର୍ବପରି ନଂ-୩ରେ ବ୍ୟାଟିଂ କରିବେ ଓ ଋଷଭ ପନ୍ତ୍ ୱିକେଟ କିପିଂ କରିବେ' ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅଧିନାୟକ ଗିଲ୍। ଏହି ସୂଚନାକୁ ଆଧାରକୁ ନେଲେ ଆକାଶ ଦୀପ୍‌ଙ୍କ ସ୍ଥାନରେ କାମ୍ବୋଜ ଡେବ୍ୟୁ କରିବେ। କିନ୍ତୁ ରେଡ୍ଡିଙ୍କ ସ୍ଥାନରେ କିଏ ଖେଳିବେ ତାହା ସ୍ଥିର ହୋଇନାହିଁ। ସମସ୍ତଙ୍କ ଆଖି ରହିଛି ଦଳର ଦ୍ୱିତୀୟ ୱିକେଟରକ୍ଷକ ତଥା ବିଦେଶରେ ଭଲ ବ୍ୟାଟିଂ କରୁଥିବା ଧ୍ରୁବ ଜୁରେଲଙ୍କ ଉପରେ। କିନ୍ତୁ ଗିଲ୍‌ଙ୍କ ମତରେ ଓଲ୍ଡ ଟ୍ରାଫୋର୍ଡ ପିଚ୍ ପେସ୍ ବୋଲରଙ୍କୁ ସୁହାଇବ। ଏଣୁ ଜୁରେଲଙ୍କ ସ୍ଥାନରେ ଫର୍ମରେ ନ ଥିବା ପେସ୍ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଖେଳିବା ନେଇ ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ। ଏହି ଗୋଟିଏ ସ୍ଥାନକୁ ଛାଡ଼ିଦେଲେ ଅନ୍ୟ ୧୦ଜଣ ଖେଳାଳିଙ୍କ ନାମ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଛି।

ଖେଳାଳି ଦଳ

ଭାରତର ସମ୍ଭାବ୍ୟ ଏକାଦଶ
ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, କରୁନ ନାୟାର, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ/ ଉପଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ଅଂଶୁଲ କାମ୍ବୋଜ୍, ସାଇ ସୁଦର୍ଶନ/ ଧ୍ରୁବ ଜୁରେଲ/ ଶାର୍ଦ୍ଦୁଳ ଠାକୁର।

ଇଂଲଣ୍ଡ ଏକାଦଶ : ଜ୍ୟାକ୍ କ୍ରଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର ଓ ଲିଆମ ଡାୱସନ।

ଖେଳ ସମୟ

ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

ପ୍ରସାରଣ
ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ

ଇଂଲଣ୍ଡ ଖେଳାଳିଙ୍କ ଅଣଖେଳୁଆଡ଼ ମନୋଭାବକୁ ଗିଲ୍‌ଙ୍କ ନାପସନ୍ଦ

ଓଲ୍ଡ ଟ୍ରାଫୋର୍ଡ, ୨୨।୭ (ଏଜେନ୍ସି): ତୃତୀୟ ଟେଷ୍ଟର ତୃତୀୟ ଦିନ ଖେଳ ଶେଷରେ ଇଂଲଣ୍ଡ ଖେଳାଳିଙ୍କ ଅଣ ଖେଳୁଆଡ଼ ମନୋଭାବ ନେଇ ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍ କ୍ଷୁବ୍ଧ ହୋଇଥିଲେ। ଏଥି ଲାଗି ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲୀଙ୍କ ସହ ମଧ୍ୟ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଭାରତରର ଇନିଂସ ଶେଷ ହେବା ପରେ ତୃତୀୟ ଦିନ ଆଉ ୭ ମିନିଟ୍ ଖେଳାଯିବାକୁ ଥିଲା। ଏଥିରେ ଭାରତ ୨ ଓଭର ବୋଲିଂ କରିବାକୁ ଯୋଜନା କରିଥିଲା। କିନ୍ତୁ ଇଂଲଣ୍ଡ ଓପନର କ୍ରଲୀ ୯୦ ସେକେଣ୍ଡ ବିଳମ୍ବରେ ଆସିଥିଲେ। ଫଳରେ ଭାରତ ଗୋଟିଏ ଓଭର ବୋଲିଂ କରିବାକୁ ସମର୍ଥ ହୋଇଥିଲା। ଏହା କ୍ରିକେଟ ଖେଳର ସ୍ପିରିଟ୍ ନୁହେଁ ବୋଲି ଗିଲ୍ ଅଭିଯୋଗ କରିଥିଲେ।

ପିଚ୍‌ରେ ରହିଛି ଘାସ, ପେସ୍‌ରଙ୍କୁ ସୁହାଇବ

ଚତୁର୍ଥ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ପ୍ରଥମଥର ସୋମବାର ଖୋଲାଯାଇଥିଲା। ଗତ ଦୁଇ ଦିନ ବର୍ଷା ହୋଇଥିବାରୁ ପିଚ୍‌କୁ ପୂରା ଘୋଡାଇ ରଖାଯାଇଥିଲା। ଏହି ପିଚ୍ ଖେଳିବାକୁ ଦିଆଗଲେ ପେସ୍ ବୋଲରଙ୍କ ପ୍ରଭାବ ରହିବ। ଏଣୁ ଆସନ୍ତାକାଲି ସକାଳେ ଭାରତ ପିଚ୍‌ରେ ଘାସ ଥିବା ଦେଖିଲେ ଆଉ ଜଣେ ପେସ୍ ବୋଲରଙ୍କୁ ଖେଳାଇବାକୁ ପଛାଇବ ନାହିଁ ବୋଲି ଆଶା କରାଯାଉଛି। କିନ୍ତୁ ପିଚ୍‌ର ଅବସ୍ଥା ଏବେ ଯାହା ରହିଛି ତାହା ପ୍ରଥମେ ଖେଳାଯାଇଥିବା ୩ଟି ଟେଷ୍ଟଠାରୁ ନିଶ୍ଚିତ ଅଲଗା ରହିବ ବୋଲି ଗିଲ୍ କହିଛନ୍ତି। ଇଂଲଣ୍ଡର ପାଣିପାଗ ଅଫିସର ପୂର୍ବାନୁମାନ ଠିକ୍ ହେଲେ ଏହି ମ୍ୟାଚ୍‌ର ଅଧିକାଂଶ ସମୟ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବ। ଏଠାରେ ତାପମାତ୍ରା ୧୪ରୁ ୧୯ ଡିଗ୍ରି ସେଲ୍‌ସିୟସ ମଧ୍ୟରେ ରହିବ। ବୁଧବାର ମ୍ୟାଚ୍‌ର ପ୍ରଥମ ଦିନ ଆକାଶ ମେଘୁଆ ରହିବ ଓ ୫୯ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଦ୍ୱିତୀୟ ସେସନରେ ବର୍ଷା ହୋଇପାରେ। ଗୁରୁବାର ଦ୍ୱିତୀୟ ଦିନ ତାପମାତ୍ରା ୧୩ରୁ ୨୦ ଡ୍ରିଗି ରହିବ ଓ ୫୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ତୃତୀୟ ଦିନ ବର୍ଷାର ସମ୍ଭାବନା ୨୫ ପ୍ରତିଶତ, ଚତୁର୍ଥ ଓ ପଞ୍ଚମ ଦିନ ୫୮ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି।

● ଦ୍ୱିତୀୟ ଯୁଥ୍ ଟେଷ୍ଟ

ବିହାନଙ୍କ ଶତକ ସତ୍ତ୍ୱେ ଭାରତ ପଛୁଆ

ଚେଲମ୍ସଫୋର୍ଡ, ୨୨।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ୨ୟ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ପ୍ରଥମ ପାଳିରେ ପଛୁଆ ରହିଛି। ଇଂଲଣ୍ଡ ଯୁଥ୍ ଦଳ ପ୍ରଥମେ ବ୍ୟାଟିଂ କରି ଏକାଂଶ ସିଂହ (୧୧୭ ରନ) ଙ୍କ ଶତକ ସହାୟତାରେ ୩୦୯ ରନ କରିଥିଲା। ଜବାବରେ ଭାରତ ପ୍ରଥମ ପାଳିରେ ବିହାନ ମାଲ୍‌ହୋତ୍ରାଙ୍କ ଶତକ ସତ୍ତ୍ୱେ ୨୭୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ମାଲ୍‌ହୋତ୍ରା ସର୍ବାଧିକ ୧୨୦ ରନ କରିଥିବାବେଳେ ଅଧିନାୟକ ଆୟୁଷ ମହାତ୍ରେ ମଧ୍ୟ ୮୦ ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତ ଏକଦା ୨୪୧ ରନରେ ୪ ୱିକେଟ୍ ହରାଇ ଦୃଢ଼ସ୍ଥିତିରେ ରହିଥିଲା। କିନ୍ତୁ ପରବର୍ତ୍ତୀ ୩୭ ରନରେ ଦଳ ଶେଷ ୬ ୱିକେଟ୍ ହରାଇ ପାଳି ପଛୁଆ ରହିଥିଲା। ଘରୋଇ ଇଂଲଣ୍ଡ ପକ୍ଷରୁ ବାମହାତୀ ସ୍ପିନର ରାଲଫି ଆଲବର୍ଟ ସର୍ବାଧିକ ୬ଟି ୱିକେଟ ନେଇଥିଲେ। ଜବାବରେ ୩୦ ରନରେ ଅଗ୍ରଣୀ ରହିଥିବା ଘରୋଇ ଇଂଲଣ୍ଡ ଯୁଥ୍ ଦଳ ଦ୍ୱିତୀୟ ପାଳି ଆରମ୍ଭ କରି ମଙ୍ଗଳବାର ୩ୟ ଦିବସ ଶେଷ ଖବର ସୁଦ୍ଧା ୧୪ ଓଭରରେ କୌଣସି ୱିକେଟ୍ ନ ହରାଇ ୫୪ ରନ ସଂଗ୍ରହ କରିଛି। ଦଳ ଏଥିସହ ମୋଟ୍ ଉପରେ ୮୩ ରନରେ ଆଗୁଆ ରହିଛି।

● ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍

ନ୍ୟୁଜିଲାଣ୍ଡର ହ୍ୟାଟ୍ରିକ୍ ବିଜୟ

ହରାରେ, ୨୨।୭ (ଏଜେନ୍ସି): ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପୂର୍ବରୁ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ଜିମ୍ବାୱେକୁ ଓ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଅପରପକ୍ଷରେ ୪ର୍ଥ ମ୍ୟାଚରୁ ୨ୟ ପରାଜୟବରଣ କରିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଫାଇନାଲ ଖେଳାଯିବ। ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ରିଜା ହେଣ୍ଡ୍ରିକ୍ସଙ୍କ ୪୧ ଓ ଜର୍ଜ ଲିଣ୍ଡେଙ୍କ ଅପରାଜିତ ୨୩ ରନ ବଳରେ ୮ ୱିକେଟରେ ୧୩୪ ରନ କରିଥିଲା। ନ୍ୟୁଜିଲାଣ୍ଡ ପାଇଁ ଆଦାମ ମିଲନେ, ଜାକବ ଡଫି ଓ ଅଧିନାୟକ ମିଚେଲ ସାଣ୍ଟନର ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୫.୫ ଓଭରରେ ୩ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା। ଓପନର୍ ଟିମ୍ ସେଇଫର୍ଟ ସର୍ବାଧିକ ଅପରାଜିତ ୬୬ ରନ କରିଥିଲେ।

ଅଲିମ୍ପିକ ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୭ କୋଟି

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଅଲିମ୍ପିକ୍ସ ଓ ପାରାଅଲିମ୍ପିକ୍ସକୁ ନେଇ ଦିଲ୍ଲୀ ସରକାର ମଙ୍ଗଳବାର ବଡ଼ ଘୋଷଣା କରିଛନ୍ତି। ଏହି ଦୁଇ ମେଗା ଇଭେଣ୍ଟର ପଦକ ବିଜେତାଙ୍କ ପୁରସ୍କାର ରାଶିକୁ ଦିଲ୍ଲୀ ସରକାର ଦୁଇଗୁଣାରୁ ଅଧିକ ବଢ଼ାଇ ଦେଇଛନ୍ତି। ଏଣିକି ଦିଲ୍ଲୀର ଯେଉଁ କ୍ରୀଡ଼ାବିତ୍ ଅଲିମ୍ପିକ୍ସ କିମ୍ବା ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ତାଙ୍କୁ ୭ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ ଯଥାକ୍ରମେ ୫ ଓ ୩ କୋଟି ଟଙ୍କା ଦିଆଯିବ। ଏଥିସହ ସ୍ୱର୍ଣ୍ଣ ଓ ରୌପ୍ୟ ବିଜେତା ଗ୍ରୁପ୍-ଏ'ରେ ଏବଂ କାଂସ୍ୟ ବିଜେତା ଗ୍ରୁପ୍-ବି'ରେ ଏକ ଚାକିରି ମଧ୍ୟ ପାଇବେ। ପୂର୍ବରୁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ଦିଲ୍ଲୀ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାର ଯଥାକ୍ରମେ ୩, ୨ ଓ ଏକ କୋଟି ଟଙ୍କା ପ୍ରଦାନ କରୁଥିଲେ।

ଇଂଲଣ୍ଡ ବିପକ୍ଷ ୩ୟ ଦିନିକିଆ: ଭାରତର ଏକାଧିକ ରେକର୍ଡ

ହର୍‌ମନ୍‌ପ୍ରୀତ୍ କୌରଙ୍କ ଶତକ



ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୨।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ମହିଳା ଦଳ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ଭାରତ ଏକାଧିକ ରେକର୍ଡ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୫୦ ଓଭରରେ ୫ ୱିକେଟ ହରାଇ ୩୧୮ ରନର ବିଶାଳ ସ୍କୋର କରିଛି। ଅଧିନାୟିକା ହର୍‌ମନପ୍ରୀତ୍ କୌର କ୍ୟାରିୟରର ୭ମ ଦିନିକିଆ ଶତକ ହାସଲ କରି ୧୦୨ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ୫୦, ସ୍ମୃତି ମନ୍ଧାନା ୪୫, ରିଚା ଘୋଷ ଅପରାଜିତ ୩୮, ହର୍ଲିନ ଦେଓଲ ୪୫, ପ୍ରତୀକା ରାୱଲ ୨୬ ରନର ଉପଯୋଗୀ ପାଳି ଖେଳିଥିଲେ। ସେହିଭଳି ୮୨ ବଲରେ ଶତକ ହାସଲ କରି କୌର ଦ୍ୱିତୀୟ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ମହିଳା ବ୍ୟାଟର୍ ହୋଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ମନ୍ଧାନା ଆୟର୍ଲାଣ୍ଡ ବିପକ୍ଷରେ ୭୫ ବଲରେ ଶତକ ଅର୍ଜନ କରିଥିଲେ। ଅପରପକ୍ଷରେ ଏହି ଫର୍ମାଟ୍‌ରେ ଇଂଲଣ୍ଡ ବିପକ୍ଷରେ ଭାରତର ଏହା ଦ୍ୱିତୀୟ ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ଭାରତ ୫ ୱିକେଟ୍‌ରେ ୩୩୩ ରନ କରିଥିଲା। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଇଂଲଣ୍ଡ ମହିଳା ଦଳ ଶେଷ ଖବର ସୁଦ୍ଧା ୧୦ ଓଭରରେ ଦୁଇ ୱିକେଟ୍ ହରାଇ ୨୨ ରନ କରିଛି। ପ୍ରଥମ ଓଭରରେ କ୍ରାନ୍ତି ଗୌଡ଼ା ଭାରତକୁ ଏହି ସଫଳତା ଦେଇଛନ୍ତି। ସେ ଓପନର୍ ତାମି ବିଉମଣ୍ଟଙ୍କୁ ୫ ରନରେ ଆଉଟ୍ କରି ଇଂଲଣ୍ଡକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଭାରତ ୪ ୱିକେଟ୍‌ରେ ଓ ୨ୟ ମ୍ୟାଚକୁ ଇଂଲଣ୍ଡ ୮ ୱିକେଟ୍‌ରେ ଜିତିଥିଲେ।

୪ ହଜାର ରନ କ୍ଲବ୍‌ରେ ହର୍‌ମନ୍‌ପ୍ରୀତ୍

ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର୍ ତାଙ୍କ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଭାରତର ୩ୟ କ୍ରିକେଟର୍ ଭାବେ ହର୍‌ମନ୍‌ପ୍ରୀତ୍ ମହିଳା ଦିନିକିଆରେ ୪ ହଜାର ରନ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ମିତାଲି ରାଜ ଓ ସ୍ମୃତି ମନ୍ଧାନା ଏହି କ୍ଲବରେ ସାମିଲ ହୋଇସାରିଥିଲେ। ମଙ୍ଗଳବାର ଇଂଲଣ୍ଡ ବିପକ୍ଷ ୩ୟ ଦିନିକିଆ ମ୍ୟାଚ୍ ଅବସରରେ ହର୍‌ମନ୍‌ପ୍ରୀତ୍ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ୩୬ ବର୍ଷୀୟା କୌର ୧୪୯ତମ ମ୍ୟାଚ୍ ଓ ୧୨୯ତମ ପାଳିରେ ୪ ହଜାର ରନ ପୂରଣ କରିଥିଲେ। ୨୦୦୯ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଖେଳି ଦିନିକିଆ କ୍ୟାରିୟର ଆରମ୍ଭ କରିଥିବା କୌର ଭାରତ ପାଇଁ ସର୍ବାଧିକ ୩୩୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ କରିଛନ୍ତି।

ଡ. ବିସି ରାୟ ଟ୍ରଫି

ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ,୨୨।୭ (ସମିସ): ପଞ୍ଜାବର ଅମ୍ରିତସରରେ ଚାଲିଥିବା ଜାତୀୟ କନିଷ୍ଠ ବାଳକ ଫୁଟବଲ ଚାମ୍ପିଅନସିପ୍ ଡ. ବିସି ରାୟ ଟ୍ରଫିରେ ଓଡ଼ିଶାର ଲଗାତର ଦ୍ୱିତୀୟ ପରାଜୟ ସହ ପ୍ରତିଯୋଗିତାରେ ଅଭିଯାନ ଏକପ୍ରକାର ଶେଷ ହୋଇଛି। ୨୪ ତାରିଖରେ ଝାଡ଼ଖଣ୍ଡ ବିପକ୍ଷରେ ଦଳ ୩ୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ମଙ୍ଗଳବାର ସାହେବଜାଦା ଫତେସିଂହ ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିବା ମଣିପୁର ବିପକ୍ଷ ମ୍ୟାଚରେ ଓଡ଼ିଶା ୧-୨ ଗୋଲରେ ପରାସ୍ତ ହୋଇଥିଲା। ୨୬ତମ ମିନିଟରେ କେ ସୁଲତାନଙ୍କ ଗୋଲ ବଳରେ ମଣିପୁର ଖେଳର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଓଡ଼ିଶା ଏହି ଗୋଲ ସୁଝାଇଥିଲା। ଅଧିନାୟକ ଅମନ ଲାକ୍ରା ମ୍ୟାଚ୍ ବରାବରସୂଚକ ଉକ୍ତ ଗୋଲ ଦେଇଥିଲେ। ତେବେ ୭୦ତମ ମିନିଟରେ ମଣିପୁର ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ଅମୋ କ୍ରାଶ ସିଂହ ଏହି ଗୋଲ ଦେଇଥିଲେ। ଖେଳର ଅବଶିଷ୍ଟ ସମୟରେ ଓଡ଼ିଶା ଗୋଲ ଦେଇ ନପାରି ପରାଜୟର ସମ୍ମୁଖୀନ ହୋଇଥିଲା।

ସାହାଣୀ କପ୍

ଆଜି ୩ଟି ଜୋନ୍‌ରେ କ୍ୱାର୍ଟର ଫାଇନାଲ

କଟକ,୨୨।୭ (ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ଖେଳାଯାଉଛି। ବୁଧବାର ୩ଟି ଜୋନ୍‌ରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ଏବଂ ଝାରସୁଗୁଡ଼ା, ବ୍ରହ୍ମପୁର ଜୋନ୍‌ରେ ଭୁବନେଶ୍ୱର ଓ କୋରାପୁଟ, କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଓ ରାଉରକେଲା ଷ